# ଜନବାର୍ତ୍ତା

## ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର

(JANABARTTA SWABHIMANI ODIANKA SWARA)

www.janabartta.com | Weekly (ସାପ୍ତାହିକ) | PRGI NO-ORORI/26/A0341

VOL-1 | ISSUE-3 | BHUBANESWAR | 08 to 14 March, 2026 | Rs--8/- | ବର୍ଷ-୧ | ସଂଖ୍ୟା-୩ | ଭୁବନେଶ୍ୱର | ୦୮ ରୁ ୧୪ ମାର୍ଚ୍ଚ, ୨୦୨୬ | ପୃଷ୍ଠା-୮ | ମୂଲ୍ୟ-୮ଟଙ୍କା



**ADVERTISEMENT TARIFF**

| | |
|---|---|
| FULL PAGE FRONT | RS. 1,00,000.00 |
| FULL PAGE BACK | RS. 80,000.00 |
| FULL PAGE BACK COVER | RS. 80,000.00 |
| FULL PAGE FRONT INNER | RS. 80,000.00 |
| HALF PAGE FRONT/BACK | RS. 50,000.00 |
| QUARTER PAGE | RS. 25,000.00 |
| EAR PANEL FRONT | RS. 5,000.00 |
| EAR PANEL BACK | RS. 5,000.00 |


## ୟୁଏଇରୁ ଫେରିଲେଣି ୭୦୦୦ ଭାରତୀୟ

ନୂଆଦିଲ୍ଲୀ, ୭/୩ : ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁଁ ୟୁଏଇର ବିଭିନ୍ନ ବିମାନବନ୍ଦରରେ ଫସି ରହିଥିବା ଭାରତୀୟ ନାଗରିକଙ୍କୁ ସରକାର ଉଦ୍ଧାର କରିଛନ୍ତି। ଗତ ତିନିଦିନ ମଧ୍ୟରେ ଆବୁଧାବି, ଦୁବାଇ, ସାରଜା ଭଳି ବିମାନବନ୍ଦରରୁ ୭୦୦୦ ଭାରତୀୟ ନାଗରିକଙ୍କୁ ଉଦ୍ଧାର କରାଗଲାଣି। ଆଗାମୀ ୪୮ ଘଣ୍ଟା ମଧ୍ୟରେ ଅଧିକ ଭାରତୀୟଙ୍କୁ ଏଠାରୁ ଉଦ୍ଧାର କରାଯିବ ବୋଲି ୟୁଏଇସ୍ଥିତ ଭାରତୀୟ ରାଷ୍ଟ୍ରଦୂତ ଦୀପକ ମିତ୍ତଲ କହିଛନ୍ତି। ସ୍ୱଦେଶ ଫେରିବାକୁ ଚାହୁଁଥିବା ଭାରତୀୟ ନାଗରିକମାନେ ବିମାନ କମ୍ପାନୀ କିମ୍ବା ସେମାନଙ୍କ ଏଜେଣ୍ଟଙ୍କ ଦ୍ୱାରା ବିମାନ ବୁକିଂ କରିପାରିବେ। ବିମାନ କମ୍ପାନୀଗୁଡିକ ଧୀରେ ଧୀରେ ବିମାନ ଚଳାଚଳକୁ ସ୍ୱାଭାବିକ କରିବାରେ ଲାଗିଛନ୍ତି। ଏଥିପାଇଁ ବାୟୁସୀମା ସୁରକ୍ଷା ଓ ଅପରେସନାଲ କ୍ଲିୟରାନ୍ସକୁ ଗୁରୁତ୍ୱ ଦିଆଯାଉଛି।

# ବଢ଼ିଲା ଗ୍ୟାସ୍ ଦର

ଭୁବନେଶ୍ୱର, ୭/୩ (ଜେଏନଏସ): ଇଣ୍ଡିଆନ ଅଏଲ କର୍ପୋରେସନ (ଆଇଓସି)ର ସୂଚନା ଅନୁଯାୟୀ, ଦିଲ୍ଲୀରେ ଅଣ-ସବସିଡି ଘରୋଇ ଏଲପିଜି ସିଲିଣ୍ଡରର ମୂଲ୍ୟ ୮୫୩ ଟଙ୍କାରୁ ୯୧୩ ଟଙ୍କାକୁ ବୃଦ୍ଧି ପାଇଛି। ଅନ୍ୟାନ୍ୟ ପ୍ରମୁଖ ସହରରେ ସମାନ ବୃଦ୍ଧି ରେକର୍ଡ କରାଯାଇଛି। ପଡ଼ିଲା ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧର ପ୍ରଭାବ। ସାରା ଭାରତରେ ଘରୋଇ ରନ୍ଧନ ଗ୍ୟାସର ମୂଲ୍ୟ ବୃଦ୍ଧି ପାଇଛି। ତାହା ସହିତ ବାଣିଜ୍ୟିକ ଏଲପିଜି ସିଲିଣ୍ଡରର ମୂଲ୍ୟ ବୃଦ୍ଧି ପାଇଛି। ମାର୍ଚ୍ଚ ୭ ଅର୍ଥାତ୍ ଆଜି ଠାରୁ ନୂଆ ଦର ଲାଗୁ କରାଯାଇଛି। ୧୪.୨ କିଲୋଗ୍ରାମର ଘରୋଇ ଏଲପିଜି ସିଲିଣ୍ଡରର ମୂଲ୍ୟ ୬୦ ଟଙ୍କା ବୃଦ୍ଧି ପାଇଥିବା ବେଳେ ବାଣିଜ୍ୟିକ ସିଲିଣ୍ଡର ଦର ୧୧୫



ଟଙ୍କା ବଢିଛି । ଇଣ୍ଡିଆନ ଅଏଲ କର୍ପୋରେସନ (ଆଇଓସି)ର ସୂଚନା ଅନୁଯାୟୀ, ଦିଲ୍ଲୀରେ ଅଣ-ସବସିଡି ଘରୋଇ ଏଲପିଜି ସିଲିଣ୍ଡରର ମୂଲ୍ୟ ୮୫୩ ଟଙ୍କାରୁ ୯୧୩ ଟଙ୍କାକୁ ବୃଦ୍ଧି ପାଇଛି। ଅନ୍ୟାନ୍ୟ ପ୍ରମୁଖ ସହରରେ ସମାନ ବୃଦ୍ଧି ରେକର୍ଡ କରାଯାଇଛି। ମୁମ୍ବାଇରେ ଏହାର ମୂଲ୍ୟ ୯୧୨.୫୦ ଟଙ୍କାକୁ ବୃଦ୍ଧି ପାଇଥିବା ବେଳେ କୋଲକାତାରେ ଏହାର ମୂଲ୍ୟ ଏବେ ୯୩୯ ଟଙ୍କା ହୋଇଛି। ଚେନ୍ନାଇରେ ଏହ ୯୨୮.୫୦ ଟଙ୍କା ହୋଇଛି।

ନିମ୍ନ ଆୟ ପରିବାରକୁ ଏଲପିଜି ସଂଯୋଗ ପ୍ରଦାନ କରୁଥିବା ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାର ହିତାଧିକାରୀମାନଙ୍କୁ ବାର୍ଷିକ ୧୨ ଥର ରିଫିଲ୍ ପାଇଁ ପ୍ରତି ୧୪.୨ କିଲୋଗ୍ରାମ ସିଲିଣ୍ଡର ପିଛା ୩୦୦ ଟଙ୍କାର ସବସିଡି ମିଳିବ। ଏହି ଯୋଜନାରେ ବର୍ତ୍ତମାନ ସାରା ଦେଶରେ ୧୦ କୋଟିରୁ ଅଧିକ ପରିବାର ସାମିଲ ଅଛନ୍ତି। ରେଷ୍ଟୁରାଣ୍ଟ, ହୋଟେଲ ଏବଂ ଅନ୍ୟାନ୍ୟ ପ୍ରତିଷ୍ଠାନ ଦ୍ୱାରା ବହୁଳ ଭାବରେ ବ୍ୟବହୃତ ବାଣିଜ୍ୟିକ ଏଲପିଜି ସିଲିଣ୍ଡରଗୁଡ଼ିକର ଦରରେ ୧୧୫ ଟଙ୍କା ବୃଦ୍ଧି ଘଟିଛି। ଦିଲ୍ଲୀରେ ୧୯ କିଲୋଗ୍ରାମର ବାଣିଜ୍ୟିକ ସିଲିଣ୍ଡରର ମୂଲ୍ୟ ୧,୭୬୮.୫୦ ଟଙ୍କାରୁ ବୃଦ୍ଧି ପାଇ ୧୮୮୩ ଟଙ୍କା ହୋଇଛି। ମୁମ୍ବାଇରେ ଏହାର ମୂଲ୍ୟ ଏବେ ୧,୮୩୫ ଟଙ୍କା ହୋଇଥିବା ବେଳେ କୋଲକାତାରେ ଏହି ମୂଲ୍ୟ ପ୍ରାୟ ୧୯୯୦ ଟଙ୍କା ଏବଂ ଚେନ୍ନାଇରେ ୨,୦୪୩.୫୦ ଟଙ୍କାରେ ପହଞ୍ଚିଛି। ଚଳିତ ବର୍ଷ ବାଣିଜ୍ୟିକ ଏଲପିଜି ମୂଲ୍ୟ ଏକାଧିକ ବାର ବୃଦ୍ଧି ପାଇଛି। ମୋଟ ଉପରେ ଏପର୍ଯ୍ୟନ୍ତ ଏଥିରେ ୩୦୦ ଟଙ୍କାରୁ ଅଧିକ ବୃଦ୍ଧି ପାଇଛି। ଗ୍ୟାସ୍ ଦର ବୃଦ୍ଧି ସତ୍ତ୍ୱେ, ଅଧିକାରୀମାନେ କହିଛନ୍ତି ଯେ ଭାରତରେ ରନ୍ଧନ ଗ୍ୟାସର ମୂଲ୍ୟ ଅନେକ

*ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ...*

## ଭିଜିଲାନ୍ସ ଜାଲରେ ସହକାରୀ ଯନ୍ତ୍ରୀ





କେନ୍ଦ୍ରାପଡ଼ା/ଭୁବନେଶ୍ୱର, ୭/୩ (ଜେଏନଏସ): ଜଳସଂପଦ ସହକାରୀ ଯନ୍ତ୍ରୀଙ୍କ ଘରେ ଭିଜିଲାନ୍ସ ରେଡ୍। ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସହକାରୀ ଯନ୍ତ୍ରୀ ପ୍ରମୋଦ ରାୟଙ୍କ ପୈତୃକ ଘର ଓ ଅଫିସ୍‌ରେ ଚଢ଼ାଉ ଜାରି ରହିଛି। ଦୁଇ ଜଣ ଅତିରିକ୍ତ ଏସ୍‌ପି, ୯ ଜଣ ଡିଏସ୍‌ପି, ୯ ଜଣ ଇନ୍ସପେକ୍ଟର, ୪ ଜଣ ଏଏସଆଇ ପ୍ରମୁଖ ଚଢାଉରେ ସାମିଲ ହୋଇଥିବା ସୂଚନା ମିଳିଛି। ଭୁବନେଶ୍ୱରର ବାଲିଅନ୍ତାର ଜୋହାଲାରେ ଅବସ୍ଥିତ ଶ୍ରୀ ରାୟଙ୍କ ଚାରି ମହଲା କୋଠା, କଟକର ଚୌଦ୍ୱାରର ଜାଜାଭୈରବରେ ଶ୍ରୀ ରାୟଙ୍କ ଦୁଇ ମହଲା କୋଠା, କଟକ ଜିଲ୍ଲା ବାଙ୍କିର ରଗଡ଼ିରେ ଅବସ୍ଥିତ ତାଙ୍କ ପୈତୃକ ଘର, ଭଦ୍ରକର ବୁଡଙ୍ଗାରେ ତାଙ୍କ ସମ୍ପର୍କୀୟଙ୍କ ଘର, ଡେରାବିଶ ଜଳସେଚନ କାର୍ଯ୍ୟାଳୟ, କେନ୍ଦ୍ରାପଡାରେ ଅବସ୍ଥିତ ତାଙ୍କ କାର୍ଯ୍ୟାଳୟ ଚାମ୍ବର ଏବଂ ଅସ୍ଥାୟୀ ବାସସ୍ଥାନ, ଢେଙ୍କାନାଳ ଜିଲ୍ଲା, ସାନସାଥୀବାଟିଆରେ ତାଙ୍କ ସମ୍ପର୍କୀୟଙ୍କ ଘର ଏବଂ ଭୁବନେଶ୍ୱରର ପଟିଆରେ ତାଙ୍କ ସମ୍ପର୍କୀୟଙ୍କ ଘରେ ରେଡ୍ କରାଯାଉଛି।

## ଜାତିଆଣ ଆକ୍ଷେପକୁ ନେଇ ଫୁଟିଲା ବୋମା

ଜଟଣୀ, ୭/୩ (ଜେଏନଏସ): ଅଶାନ୍ତ ପୁଣି ଜଟଣୀ । କିଛି ମାସର ବ୍ୟବଧାନରେ ପରେ ଜଟଣୀରେ ପୁଣି ଫୁଟିଛି ବୋମା । ଖୋର୍ଦ୍ଧା ଜିଲ୍ଲା ଜଟଣୀ ଉପକଣ୍ଠ ପଦନପୁର ଛକରେ ଦୁଇଟି ବୋମା ଫୁଟିଛି । ଏହି ବୋମାମାଡ଼ରେ ଦୁଇ ଜଣ ଆହତ ହୋଇଥିବା ଜଣାପଡିଛି। ଖବର ଅନୁଯାୟୀ, ପଦନପୁର ଛକରେ ଜାତିଆଣ ଆକ୍ଷେପକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ କଥା କଟା କଟି ହୋଇଥିଲେ । ଏଥିରେ ରାଗି ଯାଇ ଯୁବକ ଜଣଙ୍କ ଅପରଗୋଷ୍ଠୀକୁ ଦୁଇଟି ବୋମା ଫିଙ୍ଗିଛନ୍ତି । ଯେଉଁଥିରେ ଘଟଣାସ୍ଥଳରେ ଥିବା ଦୁଇ ଜଣ ଆହତ ହୋଇଛନ୍ତି । ଆହତଙ୍କୁ ଉଦ୍ଧାର କରି ପ୍ରଥମେ ଜିଲ୍ଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ହେଲେ ଅବସ୍ଥା ଗୁରୁତର ଥିବାରୁ ଦୁଇ ଆହତଙ୍କୁ ଭୁବନେଶ୍ୱର ସ୍ଥିତ ଏମ୍ସକୁ ସ୍ଥାନାନ୍ତରିତ କରାଯାଇଛି । ସେପଟେ ବୋମା ବିସ୍ଫୋରଣରେ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ସ୍ଥାନୀୟ ଲୋକଙ୍କ ପକ୍ଷରୁ ପିପିଲି-ଖୋର୍ଦ୍ଧା ମୁଖ୍ୟ ରାସ୍ତାକୁ ଅବରୋଧ କରିଥିଲେ । ପ୍ରାୟ ୨ ଘଣ୍ଟା ଧରି ରାସ୍ତା ଅବରୋଧ କରିଥିଲେ ସ୍ଥାନୀୟ ଲୋକେ । ତେବେ ଘଟଣା ସଂପର୍କରେ ଖବର ପାଇ ଜଟଣୀ ଥାନା ପୋଲିସ ଘଟଣାସ୍ଥଳର ପହଞ୍ଚି ସ୍ଥାନୀୟ ଲୋକଙ୍କୁ ବୁଝାସୁଝା କରିବା ପରେ ହଟିଥିଲା ରାସ୍ତାରୋକ । ଏବେ ଗାଡ଼ି ଚଳାଚଳା ସ୍ୱାଭାବିକ ହେଉଛି ।

## ମିଳୁନି ପେଟ୍ରୋଲ-ଡିଜେଲ : ପେଟ୍ରୋଲ ପମ୍ପରେ ଭିଡ଼

ମାଲକାନଗିରି, ୭/୩ (ଜେଏନଏସ): ଇସ୍ରାଏଲ-ଇରାନ-ଆମେରିକା ଲଢେଇ । ଯୁଦ୍ଧର ପ୍ରଭାବ ଆମ ଦେଶରେ ବି ପଡିଲାନି । ଏହିକ୍ରମରେ ମାଲକାନଗିରି ଜିଲ୍ଲାରେ ଅନେକ ଅଞ୍ଚଳରେ ପେଟ୍ରୋଲ ଓ ଡିଜେଲ ପାଇଁ ଲମ୍ବା ଲାଇନ ଲଗାଇଥିବାର ଦେଖିବାକୁ ମିଳିଛି । ଖବର ଅନୁଯାୟୀ, ମାଲକାନଗିରି ଜିଲ୍ଲାରେ ମିଳୁନାହିଁ ତେଲ। ପେଟ୍ରୋଲ ଓ ଡିଜେଲ ପାଇଁ ଲୋକଙ୍କୁ ରାତି ୪ଟାରୁ ଲମ୍ବା ଲାଇନ୍ ଲଗାଇବାକୁ ପଡୁଛି। ଜିଲ୍ଲାର ଅଧିକାଂଶ ପେଟ୍ରୋଲ ପମ୍ପରେ ପେଟ୍ରୋଲ ଓ ଡିଜେଲ ନଥିବା ବେଳେ ଯେଉଁଠି ମିଳୁଛି ସେଠାରେ ଶହ ଶହ ଲୋକଙ୍କ ଭିଡ। ଭିଡ଼କୁ ଦେଖି ଗୋଟିଏ ବାଇକକୁ ମାତ୍ର ଦୁଇ ଶହ



### ଯୁଦ୍ଧ ପାଇଁ ତେଲର ଅଭାବ ନାହିଁ- ଉତ୍କଳୀୟମ ପେଟ୍ରୋଲ ଡିଲର ସଂଘ

ଭୁବନେଶ୍ୱର, ୭/୩ (ଜେଏନଏସ): ଇସ୍ରାଏଲ-ଇରାନ-ଆମେରିକା ଯୁଦ୍ଧକୁ ନେଇ ବର୍ତ୍ତମାନ ଅନେକ ଗୁଜବ ପ୍ରଘଟ ହେବାରେ ଲାଗିଛି। ଯୁଦ୍ଧ ଫଳରେ ପେଟ୍ରୋଲ-ଡିଜେଲ ଅଭାବକୁ ନେଇ ବିଭିନ୍ନ ପୋତ୍ରଲେ ପମ୍ପରେ ଗାଡି ଚାଳକଙ୍କ ଭିଡ ଦେଖିବାକୁ ମିଳିଛି। ଏଥି ସହ ଗତ କାଲଇ ରାତିରୁ ବ୍ୟାରେଲରେ ତେଲ ବୋହି ନେଉଥିବା ଘଟଣା ସାମ୍ନାକୁ ଆସିଛି। ତେବେ ଯୁଦ୍ଧ ପାଇଁ ତେଲର କୌଣସି ଅଭାବ ନଥିବା ଏବଂ ଭୟଭୀତ ନ ହେବାକୁ ଉତ୍କଳୀୟମ ପେଟ୍ରୋଲ ଡିଲର ସଂଘ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ।

## ୧୨ ଜିଲ୍ଲାକୁ ଝଡ଼ ତୋଫାନ ସତର୍କତା

ଭୁବନେଶ୍ୱର, ୭/୩ (ଜେଏନଏସ): ଉତ୍ତର-ପଶ୍ଚିମ ଓଡ଼ିଶା ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏଥି ସହିତ ଉତ୍ତର-ପଶ୍ଚିମ ଓଡ଼ିଶା ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଉତ୍ତର-ପଶ୍ଚିମ ଉତ୍ତର ପ୍ରଦେଶ, ଉତ୍ତର ଛତିଶଗଡ଼ ଏବଂ ଉତ୍ତର-ପୂର୍ବ ମଧ୍ୟପ୍ରଦେଶ ମଧ୍ୟରେ ଏକ ନିମ୍ନ ଚାପରେଖା ସକ୍ରିୟ ରହିଛି। ଏହାର ପ୍ରଭାବରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ କାଳବୈଶାଖୀ ପ୍ରଭାବରେ ବିଜୁଳି, ଘଡ଼ଘଡ଼ି ସହିତ ବର୍ଷା ସମ୍ଭାବନା ରହିଛି। କେତେକ ସ୍ଥାନରେ ଘଣ୍ଟାପ୍ରତି ପବନର ବେଗ ୩୦ରୁ ୪୦କି.ମି ବେଗରେ ବହିବାର ଆଶଙ୍କା ରହିଛି। ଏଥିପାଇଁ ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା



ଜାରି ହୋଇଛି। ଆସନ୍ତା ୨୪ଘଣ୍ଟା ମଧ୍ୟରେ ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଯାଜପୁର, କଟକ, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଖୋରଧା ଏବଂ ପୁରୀ ଜିଲାର କିଛି ଅଞ୍ଚଳରେ କାଳବୈଶାଖୀ ପ୍ରଭାବରେ ବିଜୁଳି ଘଡ଼ଘଡ଼ି ସହ ଝଡ଼ବର୍ଷା ହେବା ସମ୍ଭାବନା ରହିଛି। ଉପରୋକ୍ତ ଜିଲାଗୁଡିକ ମଧ୍ୟରୁ କେତେକ ସ୍ଥାନରେ ଘଣ୍ଟା ପ୍ରତି ୩୦ରୁ ୪୦କି.ମି ବେଗରେ ପବନ

*ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ...*

## ୩୬ଟି ମୋବାଇଲ୍ ଫୋରେନସିକ୍ ଭ୍ୟାନ ଅନୁମୋଦନ

ଭୁବନେଶ୍ୱର, ୭/୩ (ଜେଏନଏସ): ଭାରତ ସରକାରଙ୍କ ଦ୍ୱାରା ଫୋରେନସିକ୍ ପୂର୍ବାଧାରକୁ ସୁଦୃଢ଼ କରିବା ପାଇଁ ଗ୍ରହଣ କରାଯାଇଥିବା ପ୍ରୟାସ ଅନୁସାରେ ରାଜ୍ୟ ପାଇଁ ୩୬ଟି ମୋବାଇଲ୍ ଫୋରେନସିକ୍ ଭ୍ୟାନ ଅନୁମୋଦନ କରାଯାଇଛି। ଏହି ଭ୍ୟାନଗୁଡ଼ିକର କ୍ରୟ ପ୍ରକ୍ରିୟା ଗୁଜରାଟ୍ ସ୍ଥିତ ନ୍ୟାଶନାଲ୍ ଫୋରେନସିକ୍ ସାଇନ୍ସେସ୍ ୟୁନିଭର୍ସିଟି ମାଧ୍ୟମରେ କରାଯାଇଛି ଏବଂ ପ୍ରତ୍ୟେକ ଭ୍ୟାନକୁ ଆଧୁନିକ ଫୋରେନସିକ୍ କିଟ୍ ଓ ଉନ୍ନତ ବୈଜ୍ଞାନିକ ଉପକରଣ ସହିତ ସଜାଯାଇଛି, ଯାହା ଘଟଣାସ୍ଥଳରେ ସିଧାସଳଖ ବୈଜ୍ଞାନିକ ପରୀକ୍ଷା ପାଇଁ ସହାୟକ ହେବ। ପ୍ରଥମ ପର୍ଯ୍ୟାୟରେ




୧୫ଟି ମୋବାଇଲ୍ ଫୋରେନସିକ୍ ଭ୍ୟାନ ଗ୍ରହଣ କରାଯାଇଛି, ଯାହାକୁ ଆଜି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ କରକମଳରେ ଉଦ୍ଘାଟନ ଓ ଫ୍ଲାଗ୍

*ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ...*

## ବାଚସ୍ପତିଙ୍କ ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବ

ନୂଆଦିଲ୍ଲୀ, ୭/୩ : ଚଳିତମାସ ୯ରୁ ସଂସଦର ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହେବାକୁ ଯାଉଛି। ଏହି ପର୍ଯ୍ୟାୟରେ ଲୋକସଭା ବାଚସ୍ପତି ଓମ ବିର୍ଲାଙ୍କ ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବକୁ ନେଇ ଗୃହରେ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି। ଏହି ପରିପ୍ରେକ୍ଷୀରେ ବିଜେପି ଓ କଂଗ୍ରେସ ପକ୍ଷରୁ ଦଳୀୟ ସାଂସଦଙ୍କୁ ହ୍ୱିପ୍ ଜାରି କରାଯାଇଛି। ବିଜେପି ପକ୍ଷରୁ ଜାରି କରାଯାଇଥିବା ହ୍ୱିପ୍ ଅନୁଯାୟୀ ସବୁ ଦଳୀୟ ସାଂସଦଙ୍କୁ ମାର୍ଚ୍ଚ ୯ ଓ ୧୦, ଦୁଇଦିନ ଗୃହରେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅପରପକ୍ଷରେ କଂଗ୍ରେସ ପକ୍ଷରୁ ମାର୍ଚ୍ଚ ୯ରୁ ୧୧ ପର୍ଯ୍ୟନ୍ତ ଗୃହରେ ଉପସ୍ଥିତ ରହିବାକୁ ଦଳୀୟ ସାଂସଦଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ ବଜେଟ ଅଧିବେଶନର ପ୍ରଥମ ପର୍ଯ୍ୟାୟ ଚାଲିଥିବା ବେଳେ ଗତ ଫେବୃଆରୀରେ ଗୃହରେ ଉତ୍ତେଜନା ପ୍ରକାଶ ପାଇଥିଲା। ଗଲୱାନ ସଂଘର୍ଷକୁ ନେଇ ପୂର୍ବତନ ସ୍ଥଳସେନା ମୁଖ୍ୟ ଏମ.ଏମ.ନରବଣେଙ୍କ ଅପ୍ରକାଶିତ ଆତ୍ମଜୀବନୀ 'ଫୋର ଷ୍ଟାର ଅଫ୍ ଡେଷ୍ଟିନି' ଉପରେ ଆଲୋଚନା କରିବାକୁ କଂଗ୍ରେସର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ବାରମ୍ବାର ଗୃହରେ ଦାବି ଉପସ୍ଥାପନ କରିଥିଲେ। ତେବେ ବାଚସ୍ପତି ବିର୍ଲା ଏଥିପାଇଁ ଅନୁମତି ଦେଇନଥିଲେ। କଂଗ୍ରେସ ସାଂସଦମାନେ ଏହାକୁ ନେଇ ହଟ୍ଟଗୋଳ ପ୍ରଦର୍ଶନ କରିବାରୁ ବାଚସ୍ପତି ୮ ଜଣ କଂଗ୍ରେସ

*ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ...*

## ବ୍ୟଙ୍ଗ ପ୍ରହାର : ପ୍ରମୋଦ

ଦିଲ୍ଲୀପ ଦଣ୍ଡେଶ୍ୱର ରାଜ୍ୟସଭା ପାଇଁ ଲଢେଇ
ବିଜେପି କଂଗ୍ରେସରୁ କିଏ କେତେ ନେବ ଛଡାଇ
ବିଧାୟକଙ୍କ ପଛରେ କୋଟି କୋଟି ଦେବେ ଉଡ଼ାଇ
ଡାକ୍ତର ଓ ଶିଳ୍ପପତି ଭୋଟ କେମିତି ନେବେ, ମୁଣ୍ଡ ଦେଉଛି ଘୁରାଇ
ବିଧାୟକ ହେବେ ମାଲାମାଲ
ଶାହା ଆସି ଗୋଟି ଦେଇଛନ୍ତି ଚଳାଇ
ଦଣ୍ଡେଶ୍ୱରଙ୍କ ପାଇଁ ନବୀନ ହାତ ସହ ହାତ ଦେଲେ ମିଳାଇ
ନିର୍ବାଚନ ପରେ କେତେ ବିଧାୟକ ଦଳ ଛାଡି ଯିବେ ପଳାଇ



## ୫ ବର୍ଷର ନାବାଳକକୁ ଗଳା କାଟି ହତ୍ୟା

ରାୟଗଡ଼ା, ୭/୩ (ଜେଏନଏସ): ୫ ବର୍ଷ ନାବାଳକକୁ ଗଳା କାଟି ହତ୍ୟା। ଏଭଳି ଅଭାବନୀୟ ଘଟଣା ଘଟିଛି ରାୟଗଡା ଜିଲ୍ଲା ବିଷମ କଟକ ଥାନା ଅନ୍ତର୍ଗତ ଚାଟିକଣା ସଦର ପଞ୍ଚାୟତର ପୁରୁଣା ଷ୍ଟେସନ ସାହିରେ। ମୃତକ ପୁରୁଷୋତ୍ତ ଗାନ୍ତାୟତଙ୍କ ବଡ଼ ପୁଅ ଋଷି ଗାନ୍ତାୟତ ବୋଲି ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ ଗତକାଲି ସନ୍ଧ୍ୟାରେ ନାବାଳକ ଋଷି ଗନ୍ତାୟତକୁ କିଛି ଦୁର୍ବୃତ୍ତ ଅପହରଣ କରିନେଇଥିଲେ। କିଛି ସମୟ ପରେ ଋଷିର ମାମୁଁଙ୍କ ମୋବାଇଲକୁ ଏକ ଅଜଣା ନମ୍ବରରୁ ମ୍ୟାସେଜ ଆସିଥିଲା। ସେହି ମ୍ୟାସେଜରେ ନାବାଳକ ଋଷିକୁ ସେମାନେ ଅପହରଣ କରିଥିବା ଉଲ୍ଲେଖ କରିବା ସହ ୪ ଲକ୍ଷ ଟଙ୍କା ଦାବି କରାଯାଇଥିଲା। ସକାଳ

*ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ...*

## ୧୬ ବର୍ଷରୁ କମ୍ ପିଲାଙ୍କୁ ସୋସିଆଲ ମିଡିଆ ମନା !

କର୍ଣ୍ଣାଟକ, ୭/୩ : ୧୬ ବର୍ଷରୁ କମ୍ ପିଲାମାନଙ୍କ ପାଇଁ ସୋସିଆଲ ମିଡିଆ ଉପରେ ପ୍ରତିବନ୍ଧକ ଲଗାଇବାକୁ କର୍ଣ୍ଣାଟକ ଯୋଜନା କରିଛି ଯଦି ଏହା କାର୍ଯ୍ୟକାରୀ ହୁଏ, ତେବେ ଏହି ପ୍ରତିବନ୍ଧକ ପ୍ରମୁଖ ସୋସିଆଲ ମିଡିଆ ପ୍ଲାଟଫର୍ମ ଯେପରିକି ଫେସବୁକ୍ ଏବଂ ଇନଷ୍ଟାଗ୍ରାମ ତଥା ଏକ୍ସ (ଟ୍ୱିଟର) ପରି ବହୁଳ ଭାବରେ ବ୍ୟବହୃତ ପ୍ଲାଟଫର୍ମରେ ପ୍ରଯୁଜ୍ୟ ହେବ।



କର୍ଣ୍ଣାଟକରେ କଂଗ୍ରେସ ସରକାର ୧୬ ବର୍ଷରୁ କମ୍ ବୟସର ପିଲାମାନଙ୍କ ପାଇଁ ସୋସିଆଲ୍ ମିଡିଆର ବ୍ୟବହାର ଉପରେ ପ୍ରତିବନ୍ଧକ ଲଗାଇବାକୁ ଯୋଜନା ଘୋଷଣା କରି ନାବାଳିକାଙ୍କ ମଧ୍ୟରେ ଡିଜିଟାଲ୍ ପ୍ରବେଶକୁ ନିୟନ୍ତ୍ରଣ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ପ୍ରସ୍ତାବ ଦେଇଛନ୍ତି। ରାଜ୍ୟର ୨୦୨୬-୨୭ ବଜେଟର ଉପସ୍ଥାପନା ସମୟରେ ମୁଖ୍ୟମନ୍ତ୍ରୀ ସିଦ୍ଧରମ ସବକ୍ଷ ଯାଙ୍କ ଦ୍ୱାରା ଏହି ପ୍ରସ୍ତାବ ପ୍ରକାଶ ପାଇଥିଲା। ରାଜ୍ୟ ସରକାରଙ୍କ କହିବାନୁସାରେ, କିଶୋରମାନଙ୍କ ମଧ୍ୟରେ ଅତ୍ୟଧିକ ସୋସିଆଲ ମିଡିଆ ବ୍ୟବହାର ଏବଂ ଏହାର ମାନସିକ ସ୍ୱାସ୍ଥ୍ୟ, ଶିକ୍ଷାଗତ ପ୍ରଦର୍ଶନ ଏବଂ ସାମଗ୍ରିକ ସୁସ୍ଥତା ଉପରେ ଏହାର ପ୍ରଭାବକୁ ଦୂର

*ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ...*

# ରାଜ୍ୟସଭା ପାଇଁ ନୂଆ ମୋଡ଼ : ଘୋଡ଼ା ବେପାର ପାଇଁ ଧାଁ ଦଉଡ଼

## ବିଜେଡି-କଂଗ୍ରେସ ବିଧାୟକଙ୍କ ଉପରେ ଆଖି

ଭୁବନେଶ୍ୱର,୭/୩(ପ୍ରମୋଦ ସାମନ୍ତରାୟ) : ଓଡ଼ିଶାରେ ୨୫ବର୍ଷ ପରେ ରାଜ୍ୟସଭା ନିର୍ବାଚନ ପାଇଁ ନୂଆ ରାଜନୈତିକ ସମୀକରଣ ଆରମ୍ଭ ହୋଇଛି। ଏକଦା କଂଗ୍ରେସର କୁଶାସନ ବିରୁଦ୍ଧରେ ଜନମତକୁ ଆଧାର କରି ବିଜେଡି ଆଞ୍ଚଳିକ ଦଳ ଭାବେ ଓଡ଼ିଶାରେ ଜନ୍ମ ନେଇଥିଲା । ବିଜୁ ବାବୁଙ୍କ ପ୍ରତି ଅନୁକମ୍ପା,ବାଜପେୟୀଙ୍କ ସପକ୍ଷରେ ହାୱା,ମହାବାତ୍ୟାରେ ଅସହାୟ ଓଡ଼ିଶାବାସୀଙ୍କ ପାଇଁ କଂଗ୍ରେସ ସରକାରର ବିଫଳତାକୁ ପାଥେୟ କରି ଓଡ଼ିଶା ଜନସାଧାରଣ ବିଜେଡି-ବିଜେପି ମେଣ୍ଟକୁ କ୍ଷମତାକୁ ଆଣିଥିଲେ । ୨୦୦୦ରୁ ୨୦୦୯ ମସିହା ପର୍ଯ୍ୟନ୍ତ ବିଜେଡି-ବିଜେପି ମେଣ୍ଟ ସରକାର ଚଳାଇଥିଲେ। ବିଜେଡି ବିଜେପିର ହାତ ଛାଡ଼ିଲା ପରେ ନବୀନଙ୍କ ନୂଆ ବକ୍ତବ୍ୟ ଥିଲା ବିଜେପି କଂଗ୍ରେସଠାରୁ ସମଦୂରତ୍ୱ। ନବୀନଙ୍କ କହିବା ଓ କାମରେ ଓଲଟା ଦେଖାଇ





ଆସିଲା ତାଙ୍କ ରାଜନୈତିକ ଚତୁରତା । ଉପା ସରକାର ଥିବା ସମୟରେ ସେମାନଙ୍କ ସହ ଭିତିରିଆ ସମ୍ପର୍କ ରଖି ସରକାର ଚଳାଇଥିଲେ। ଯେଉଁଥିପାଇଁ ମିଡ୍ ନାଇଟ୍ ଅପରେସନରେ ସୋନିଆ ନବୀନଙ୍କୁ ଶାହା ହୋଇଥିଲେ। ସମୟ ବଦଳିଛି । ନବୀନ ମଧ୍ୟ ୨୦୧୪ ମସିହା ପରେ ତାଙ୍କ ନୀତି ବଦଳାଇଥିଲେ। ସମଦୂରତା କଥା କହି ମୋଦୀ ସରକାରଙ୍କ ସହ ସମ୍ପର୍କ ରଖି ନିଜର ଅନେକ ଦୁର୍ନୀତିକୁ ଘୋଡ଼ାଇ ରଖିଥିଲେ । ଜାତୀୟ ପ୍ରସଙ୍ଗରେ ଚିଟଫଣ୍ଡ ଭୟରେ ବିଜେଡି ବିଜେପି ସରକାରଙ୍କୁ ଲୋକସଭା ଓ ରାଜ୍ୟସଭାରେ ସମର୍ଥନ ଦେବାରୁ କଂଗ୍ରେସର ଶରବ୍ୟ ହୋଇଥିଲା । ଅଶ୍ୱିନୀ ବୈଷ୍ଣବଙ୍କୁ ଦୁଇ ଦୁଇ ଥର ରାଜ୍ୟସଭାକୁ ବିଜେପି ଇଙ୍ଗିତରେ ପଠାଇବା ବାଧ୍ୟ ହୋଇଥିଲା।

ଶାସନରୁ ଗଲା ପରେ ବିଜେପି ପ୍ରତି ବିଜେଡିର ମୋହ ଭାଙ୍ଗିଛି। ନୂଆପଡ଼ା ଉପନିର୍ବାଚନ ହାରିବା ପରେ ବିଜେଡି ନିଜକୁ ଦୁର୍ବଳ ସ୍ଥିତିରେ ରଖିଛି । କେତେବେଳେ ପାଣ୍ଡିଆନ,ଆଉ କେତେବେଳେ ସନ୍ତୃପ୍ତ ମିଶ୍ରଙ୍କୁ ନେଇ ଦଳ ଭିତରେ ଅସନ୍ତୁଷ୍ଟ ବଢ଼ିବାରେ ଲାଗିଛି । ଯେଉଁଥିପାଇଁ ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ ନବୀନ ନିବାସରେ ନବୀନଙ୍କ ରାଜ୍ୟସଭା ପ୍ରାର୍ଥୀକୁ ନେଇ ମୁହାଁମୁହିଁ ଚ୍ୟାଲେଞ୍ଜ କରିଥିଲେ। ରାଜ୍ୟସଭା ଗଣିତ ଏଭଳି ଜଟିଳ ହୋଇଛି ଯେ,ଦୁଇ ସ୍ୱାଧୀନ ପ୍ରାର୍ଥୀଙ୍କୁ ନେଇ ଯେଉଁ ଅଙ୍କ କଷା ଯାଉଛି,ଯେତିକି ଆଶା ସେତିକି ଆଶଙ୍କା ରହିଛି । ବିଜେପିର ରାଜ୍ୟ ସଭାପତି ମନମୋହନ ସାମଲ ଓ ବିଜେଡିରୁ ଯାଇଥିବା ରାଜ୍ୟସଭା ସାଂସଦ ସୁଜିତ କୁମାର ପୁଣି ଥରେ ଦଳୀୟ ପ୍ରାର୍ଥୀ ହୋଇଛନ୍ତି । ପ୍ରଥମେ ନବୀନ ସନ୍ତୃପ୍ତ ମିଶ୍ର ଓ ସ୍ୱାଧୀନ ପ୍ରାର୍ଥୀ ଡାକ୍ତର ଦଣ୍ଡେଶ୍ୱର ହୋତାଙ୍କୁ ନାମ ଘୋଷଣା କରି ମାଷ୍ଟର ଷ୍ଟ୍ରୋକ୍ ଦେଲେ ବୋଲି ବାହାବା ନେଲେ । ଯେତେବେଳେ ଶିଳ୍ପପତି ଓ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲ୍ଲୀପ ରାଏ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ଭରିଲେ ନବୀନଙ୍କ ମନରେ ମାଷ୍ଟର୍ ଷ୍ଟ୍ରୋକ୍ ହାର୍ଟ ଷ୍ଟ୍ରୋକ୍‌ର ରୂପ ନେଇଛି । ଶାସନରେ ଥିବାବେଳେ ନବୀନଙ୍କ ନିର୍ଦ୍ଦେଶକୁ ବିଜେଡି ବିଧାୟକମାନେ ଯେଭଳି ମାନୁଥିଲେ,କ୍ଷମତାରୁ ଗଲା ପରେ ସେତିକି ଭୟ ଓ ଭକ୍ତି ନାହିଁ। ନବୀନଙ୍କ ଦୁର୍ବଳ ନିଷ୍ପତ୍ତି ପାଇଁ ୫୧ରୁ ୪୮ ବିଧାୟକ ଏବେ ଦଳରେ ଅଛନ୍ତି । ସମସ୍ତେ ଦଣ୍ଡେଶ୍ୱରଙ୍କୁ ଭୋଟବେଳେ ସମର୍ଥନ ଦେବେ ଏହାକୁ ନେଇ ସନ୍ଦେହ ଦେଖା ଦେଇଛି । ପ୍ରଭାତ ବିଶ୍ୱାଳ ଓ ପ୍ରଭାତ ତ୍ରିପାଠୀ ଦଳରୁ ନିଲମ୍ବିତ ହୋଇଥିବା ବେଳେ ଦୁଇ ଜଣଙ୍କ ପୁଅ ବିଜେଡି ବିଧାୟକ ଅଛନ୍ତି। ବାପାଙ୍କ ଅପମାନ ସୁଝାଇବା ପାଇଁ ଏହି ସୁଯୋଗକୁ ପୁଅମାନେ

*ଅବଶିଷ୍ଟାଂଶ ୨ୟ ପୃଷ୍ଠାରେ...*

ଜନବାର୍ତ୍ତା
ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

# ମହିଳାଙ୍କ ପାଇଁ ଦିନଟିଏ

ମାର୍ଚ୍ଚ-୮
ଅନ୍ତର୍ଜାତୀୟ ମହିଳା ଦିବସ



ସୁଜତା ନନ୍ଦ

ପ୍ରତିବର୍ଷ ମାର୍ଚ୍ଚ ମାସ ୮ ତାରିଖକୁ ଅନ୍ତର୍ଜାତୀୟ ମହିଳା ଦିବସ ଭାବେ ପାଳନ କରାଯାଉଛି । ମହିଳାଙ୍କ ସାମାଜିକ, ଆର୍ଥିକ, ସାଂସ୍କୃତିକ, ରାଜନୈତିକ ଏବଂ ଅନ୍ୟ କ୍ଷେତ୍ରରେ ସଫଳତା ଓ ପାରଦର୍ଶିତାକୁ ପାଳନ କରିବା ଏହି ଦିନର ଉଦ୍ଦେଶ୍ୟ । ମହିଳାଙ୍କ ପାଇଁ ଅଧିକାର ଓ ସୁଯୋଗର ସମାନତା ନେଇ ଅଧିକରୁ ଅଧିକରୁ ସଚେତନତା ସୃଷ୍ଟି ପାଇଁ ମଧ୍ୟ ଏହି ଦିନ ପାଳନ ହୋଇଥାଏ । ମହିଳାମାନେ ଆଜିର ଯୁଗରେ ସବୁ କ୍ଷେତ୍ରରେ ଆଗକୁ ବଢ଼ିଲେଣି । ନାରୀ ଏକ ଶକ୍ତି, ଏକ ସ୍ନେହମୟୀ ହୃଦୟ, ଏକ ସ୍ୱପ୍ନ ସାକାର କରିବାର ଅତୁଟ ସାମର୍ଥ୍ୟ । ସେ ଜୀବନର ନିର୍ମାତ୍ରୀ, ପରିବାରର ଆଧାରସ୍ତମ୍ଭ, ଏବଂ ସମାଜର ଅଙ୍ଗସ୍ୱରୂପ । ନାରୀ ମାତ୍ର ଏକ ସଂଜ୍ଞା ନୁହେଁ, ସେ ହେଉଛି ଆଦର୍ଶ, ଭଲପାଇବା ଏବଂ ସଂଘର୍ଷର ଚିହ୍ନ । ସେ ଏକ ସୁନ୍ଦର ନିମାର୍ଣ୍ୟ, ଯେଉଁଥିରେ ଦୟା, ସହନଶୀଳତା, ଏବଂ ଅସୀମ ଶକ୍ତି ମିଶିଥାଏ । ତଥାପି, ସେ କେବଳ ଘରର ଦୀପ୍ତି ନୁହେଁ ସେ ସମସ୍ତଙ୍କ ପାଇଁ ସାଜେ ଆଲୋକମୟୀ ଧାରା । ନାରୀ ମାନଙ୍କର ସମ୍ମାନ, ସ୍ୱାଧୀନତା ଏବଂ ସମାନ ଅଧିକାର ଏକ ସୁସଂଗଠିତ ଏବଂ ସୁନ୍ଦର ଭବିଷ୍ୟତ ଗଠନ କରିପାରେ । ଏହି ଆନ୍ତର୍ଜାତୀୟ ନାରୀ ଦିବସରେ, ଆସନ୍ତୁ ଏହି ଅନନ୍ୟ ଶକ୍ତିକୁ ସ୍ୱୀକାର କରିବା, ନାରୀ ମାନଙ୍କ ସମ୍ମାନ ଏବଂ ଅବଦାନକୁ ଉତ୍ସବ ମନାଅ ।

କେବଳ ନାରୀ ପୁରୁଷ ରେ ଭେଦଭାବ ନୁହେଁ ପୁରା ସମାଜ ପାଇଁ ଉଭୟଙ୍କ ଆବଶ୍ୟକତା ନିହାତି ଗୁରୁତ୍ୱ ବହନ କରେ , ସମାଜକୁ କେବଳ ମୁଁ ରେ ନୁହେଁ ଆମେ ରେ ଗଢିବା , ପ୍ରତିକ୍ଷେତ୍ରରେ ଅନ୍ୟାୟ ଅତ୍ୟାଚାର କୁ ବିରୋଧ କରିବା ଆହୁରି ମଧ୍ୟ ଅନେକ ଅନେକ କ୍ଷେତ୍ରରେ ଦେଖାଯାଇଛି ସେମାନେ ପୁରଷଙ୍କୁ ମଧ୍ୟ ପଛରେ ପକାଇଛନ୍ତି । ଚାଷ କାମ ଠାରୁ ଆରମ୍ଭ କରି ମହାକାଶ ଯାତ୍ରା ହେଉ କି କ୍ରୀଡ଼ା, ବିଜ୍ଞାନ ସବୁ କ୍ଷେତ୍ରରେ ନିଜର ଦକ୍ଷତା ପ୍ରତିପାଦନ କଲେଣି ମହିଳାମାନେ ।

ତେବେ ସେମାନେ କିପରି ଆହୁରି ଆଗକୁ ଆଗକୁ ବଢ଼ିପାରିବେ, ସେ ନେଇ ଆଲୋଚନା ହୁଏ । ବିଶ୍ୱର ବିଭିନ୍ନ ରାଷ୍ଟ୍ର ପକ୍ଷରୁ ଏହି ଦିବସକୁ ପାଳନ କରାଯାଉଛି । ଆନ୍ତର୍ଜାତୀୟ ମହିଳା ଦିବସ ପ୍ରତିବର୍ଷ ୮ ମାର୍ଚ୍ଚରେ ପୃଥିବୀ ସାରା ପାଳନ କରାଯାଇଥାଏ । ବିଶ୍ୱର ବିଭିନ୍ନ କ୍ଷେତ୍ରରେ ମହିଳାମାନଙ୍କ ପ୍ରତି ସମ୍ମାନ, ପ୍ରସଂଶା, ରାଜନୈତିକ ଓ ସାମାଜିକ ଉପଲବ୍ଧିର ଉପଲକ୍ଷେ ଉତ୍ସବ ରୂପେ ପାଳନ କରାଯାଏ ଏହା କେବେ ଆରମ୍ଭ ହେଲା। ବର୍ଷବର୍ଷ ଧରି ଏହାକୁ ପାଳନ କରି ଆସୁଥିଲେ ମଧ୍ୟ ଅନ୍ତର୍ଜାତୀୟ ମହିଳା ଦିବସ ଉପରେ ଅନେକ କିଛି କଥା ଆମକୁ ଆଜିବି ଅଜଣା। ଜାଣନ୍ତୁ ସେ ସମ୍ପର୍କରେଙ୍କେବେ ଆରମ୍ଭ ହେଲା ମହିଳା ଦିବସ ?

ବାସ୍ତବରେ ଅନ୍ତର୍ଜାତୀୟ ମହିଳା ଦିବସ ଏକ ଶ୍ରମିକ ଆନ୍ଦୋଳନରୁ ସୃଷ୍ଟି ହୋଇଛି। ୧୯୦୮ ମସିହାରେ ଏହା ପ୍ରଥମେ ଆରମ୍ଭ ହୋଇଥିଲା। ଯେତେବେଳେ ନ୍ୟୁୟର୍କ ସହରରେ ୧୫ ହଜାର ମହିଳା ମାର୍ଚ୍ଚ ମାସରେ ଆନ୍ଦୋଳନ କରି ଚାକିରି କ୍ଷେତ୍ରରେ ସେମାନଙ୍କ ପାଇଁ କମ ସମୟ, ଭଲ ପାରିଶ୍ରମିକ ଦିଆଯାଉ ବୋଲି ଦାବି କଲେ। ଏହା ସହ ଭୋଟ ଦେବାର ଅଧିକାର ମଧ୍ୟ ଦାବି କରିଥିଲେ। ଏଣୁ ଆନ୍ଦୋଳନର ଏକ ବର୍ଷ ପରେ ଆମେରିକାର ସମାଜବାଦୀ ପାର୍ଟି ଏହି ଦିନଟିକୁ ପ୍ରଥମ ଜାତୀୟ ମହିଳା ଦିବସ ଭାବରେ ଘୋଷଣା କରିଥିଲା। କିପରି ଏହି ଦିବସକୁ ଅନ୍ତର୍ଜାତୀୟ ଦିବସ ଭାବେ ପାଳନ କରାଗଲା

ଏପରି ଚିନ୍ତାଧାରା ଜଣେ ମହିଳାଙ୍କର ହିଁ ଥିଲା। ୧୯୧୦ ମସିହାରେ କପିଲେନ୍ଦ୍ରରେ କାର୍ଯ୍ୟରତ ମହିଳାମାନଙ୍କର ଏକ ଅନ୍ତର୍ଜାତୀୟ ସମ୍ମିଳନୀ ଚାଲିଥିଲା। ଏହି ସମୟରେ କ୍ଲାରା ଜେଟ୍ ?କିନ ନାମ୍ନୀ ମହିଳା ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରିବାକୁ ପରାମର୍ଶ ଦେଇଥିଲେ। ସେହି ସମୟରେ ଏହି ସମ୍ମିଳନୀରେ ୧୭ଟି ଦେଶର ୧୦୦ ମହିଳା ଉପସ୍ଥିତ ଥିଲେ। ସମସ୍ତେ ଏହି ପରାମର୍ଶକୁ ସମର୍ଥନ କଲେ। ୧୯୧୧ ମସିହାରେ ଅଷ୍ଟ୍ରିଆ, ଡେନ୍ ?ମାର୍କ, ଜର୍ମାନୀ ଏବଂ ସ୍ୱିଜରଲାଣ୍ଡରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଇଥିଲା। ମାତ୍ର ୧୯୭୫ରେ ଏହା ଆନୁଷ୍ଠାନିକ ମାନ୍ୟତା ପାଇଲା। ସେତେବେଳେ ଏହାକୁ ମିଳିତ ଜାତିସଂଘ ଏକ ଥିମ ସହିତ ପ୍ରତିବର୍ଷ ପାଳନ କରିବା ଆରମ୍ଭ କଲା। ଅନ୍ତର୍ଜାତୀୟ ମହିଳା ଦିବସର ପ୍ରଥମ ବିଷୟବସ୍ତୁ ଥିଲା 'ଅତୀତକୁ ପାଳନ କରିବା, ଭବିଷ୍ୟତ ପାଇଁ ଯୋଜନା'। ତେବେ ୮ ମାର୍ଚ୍ଚ କାହିଁକି ?

ଏହି ପ୍ରଶ୍ନ ମଧ୍ୟ ଆପଣଙ୍କ ମନକୁ ଆସିଥାଇପାରେ କି ମାର୍ଚ୍ଚ ୮ ତାରିଖରେ କାହିଁକି ଏହି ଦିବସ ପାଳନ କରାଯାଏ। ବାସ୍ତବରେ, କ୍ଲାରା ଜେଟ୍‌କିନ ମହିଳା ଦିବସ ପାଳନ କରିବାକୁ କୌଣସି ତାରିଖ ନିଶ୍ଚିତ କରି ନ ଥିଲେ। ୧୯୧୭ ମସିହା ଯୁଦ୍ଧ ସମୟରେ, ରୁଷ ମହିଳାମାନେ 'ରୁଟି ଏବଂ ଶାନ୍ତି' ଅର୍ଥାତ୍ (ଖାଦ୍ୟ ଏବଂ ଶାନ୍ତି) ଦାବି କରିଥିଲେ। ମହିଳାଙ୍କ ଏହି ଧର୍ମଘଟ ସମ୍ରାଟ୍ ନିକୋଲାସଙ୍କୁ ଇସ୍ତଫା ଦେବାକୁ ବାଧ କରିଥିଲା। ପରେ ମଧ୍ୟବର୍ତ୍ତୀକାଳୀନ ସରକାର ମହିଳାମାନଙ୍କୁ ଭୋଟ ଦେବାର ଅଧିକାର ଦେଇଥିଲେ। ସେହି ସମୟରେ ରୁଷରେ ଜୁଲିଆନ କ୍ୟାଲେଣ୍ଡର ବ୍ୟବହୃତ ହେଉଥିଲା। ମହିଳାମାନେ ଧର୍ମଘଟ କରିଥିବା ତାରିଖ ଥିଲା ୨୩ ଫେବୃଆରୀ। ତେବେ ଗ୍ରେଗୋରିଆନ କ୍ୟାଲେଣ୍ଡରରେ ଏହି ଦିନ ୮ ମାର୍ଚ୍ଚ ଥିଲା ଏବଂ ସେବେଠାରୁ ଅନ୍ତର୍ଜାତୀୟ ମହିଳା ଦିବସ ୮ ମାର୍ଚ୍ଚରେ ପାଳନ କରାଗଲା। ତେବେ ଅନ୍ତର୍ଜାତୀୟ ପୁରୁଷ ଦିବସ ଅଛି କି ?

ଆପଣଙ୍କ ମନକୁ ମଧ୍ୟ ପ୍ରଶ୍ନ ଆସିପାରେ କ'ଣ ଅନ୍ତର୍ଜାତୀୟ ପୁରୁଷ ଦିବସ ଅଛି ? ଏହା କ'ଣ ପାଳନ କରାଯାଉଛି ? ପ୍ରକୃତରେ ୧୯ ନଭେମ୍ବରକୁ ଅନ୍ତର୍ଜାତୀୟ ପୁରୁଷ ଦିବସ କୁହାଯାଏ। ଏହା ୧୯୯୦ ପରଠାରୁ ପାଳନ କରାଯାଇଆସୁଛି। ମାତ୍ର ମିଳିତ ଜାତିସଂଘ ଦ୍ୱାରା ଏହା ମାନ୍ୟତା ପାଇନାହିଁ । ୬୦ରୁ ଅଧିକ ଦେଶରେ ଅନ୍ତର୍ଜାତୀୟ ପୁରୁଷ ଦିବସ ପାଳନ କରାଯାଏ। ଏହାର ଉଦ୍ଦେଶ୍ୟ ହେଉଛି ପୁରୁଷଙ୍କ ସ୍ୱାସ୍ଥ୍ୟ, ଲିଙ୍ଗ ସମ୍ପର୍କ ବୃଦ୍ଧି, ଲିଙ୍ଗଗତ ସମାନତାକୁ ପ୍ରୋତ୍ସାହିତ କରିବା ଏବଂ ସେଥିରେ ସକାରାତ୍ମକତା ବୃଦ୍ଧି କରିବା। ୨୦୧୭ରେ ଏହାର ଥିମ ଥିଲା 'ସେଲିବ୍ରେଟ୍ ପୁରୁଷ ଏବଂ ବାଳକ' । ସାରା ବିଶ୍ୱରେ କିପରି ପାଳନ କରାଯାଏ ଅନ୍ତର୍ଜାତୀୟ ମହିଳା ଦିବସ

ଅନେକ ଦେଶରେ ଏହି ଦିନଟିକୁ ଜାତୀୟ ଛୁଟି ଘୋଷଣା କରାଯାଏ। ରୁଷ ଏବଂ ଅନ୍ୟାନ୍ୟ ଦେଶରେ ଏହି ଦିନ ଫୁଲର ମୂଲ୍ୟ ଯଥେଷ୍ଟ ବୃଦ୍ଧି ପାଇଥାଏ। ଏହି ସମୟରେ ମହିଳା ଏବଂ ପୁରୁଷ ପରସ୍ପରକୁ ଫୁଲ ଦିଅନ୍ତି । ଚାଇନାର ଅଧିକାଂଶ କାର୍ଯ୍ୟାଳୟରେ ମହିଳାମାନଙ୍କୁ ଅଧାଦିନ ଛୁଟି ଦିଆଯାଏ। ଯୁକ୍ତରାଷ୍ଟ୍ରରେ ମାର୍ଚ୍ଚ ମାସକୁ ମହିଳା ଇତିହାସ ମହୋତ୍ସବ ଭାବରେ ପାଳନ କରାଯାଏ ।

## ରାଜ୍ୟସଭା ପାଇଁ...

ସଦୁପଯୋଗ କରିବାର ହାତଛଡ଼ା କରିବାକୁ ଚାହୁଁ ନାହାନ୍ତି । କେବଳ ସେତିକି ନୁହେଁ,ଅମିତ ଶାହଙ୍କ ଗସ୍ତ ପରେ ଚିଟ୍‌ଫଣ୍ଡରେ ସମ୍ପୃକ୍ତି ରାଜନେତାମାନେ ବିଜେଡିର ପ୍ରମାଦ ଗଣିଲେଣି । ବାଲେଶ୍ୱରରେ ରବିନ୍ଦ୍ର ଜେନା ନବୀନଙ୍କ ପ୍ରତି ଆଗ ଭଳି ବିଶ୍ୱାସ ନଥିବାରୁ ତାଙ୍କ ସ୍ତ୍ରୀ ସୁବାସିନୀ ଜେନା ନବୀନଙ୍କ ନିଷ୍ପତ୍ତିକୁ ମାନିନେବା ସନ୍ଦେହ ରହିଛି। ତିରୁପତି ପାଣିଗ୍ରାହୀଙ୍କ ପୁଅ ରୁପେଶ ପାଣିଗ୍ରାହୀ ଏବେ ହାଇଟେକ୍ ଇଡି ଚଢ଼ାଉ ପରେ ହରଡ଼ ଘଣାରେ ପଡ଼ିଛନ୍ତି । ନବୀନଙ୍କ ସ୍ୱାଧୀନ ପ୍ରାର୍ଥୀଙ୍କୁ ସମର୍ଥନ କଲେ ଆଗକୁ ଅଧିକ ବିପଦ ଥିବାରୁ ବିଜେପି ଆଡ଼କୁ ଢଳିବା ସମ୍ଭାବନା ରହିଛି । ଏହିଭଳି ବିଜେଡିର ୯ ଜଣ ବିଧାୟକ ଦଳ ନିଷ୍ପତ୍ତି ବିରୁଦ୍ଧରେ ଦିଲୀପ ରାଏଙ୍କୁ କୁଆଡ଼େ ସମର୍ଥନ ଦେବା ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ସେହିଭଳି ପିସିସି ସଭାପତି ଭକ୍ତ ଦାସଙ୍କ କଥାରେ ଦଳର ସମସ୍ତ ବିଧାୟକ ଦତ୍ତେଶ୍ୱରଙ୍କୁ ଭୋଟ ଦେବେ ବୋଲି ବିଶ୍ୱାସ ଆସୁନି । କଂଗ୍ରେସରୁ ନିଲମ୍ବିତ ହୋଇଥିବା ପୂର୍ବତନ ବିଧାୟକ ମହମ୍ମଦ ମୋକିମଙ୍କ ଝିଅ ସୋଫିଆ ଫିର୍ଦୋସ ଭକ୍ତଙ୍କ କଥାରେ ଦଳ ସମର୍ଥନ କରୁଥିବା ଦତ୍ତେଶ୍ୱରଙ୍କୁ ଭୋଟ ଦେଇ ନ ପାରନ୍ତି । ଏହା ବାଦ୍ ବିଧାୟକ ରମେଶ ଜେନା ଓ କଂଗ୍ରେସର କେତେକ ଆଦିବାସୀ ବିଧାୟକ ଦିଲୀପଙ୍କୁ ସମର୍ଥନ ଦେବାକୁ ଗୋଡ଼ ଟେକି ବସିଛନ୍ତି । ତାରା ପ୍ରସାଦ ବାହିନିପତି ଦେହ ଅସୁସ୍ଥ ଥିବାରୁ ଭୋଟ ଦାନରୁ ଦୁରେଇ ରହିପାରନ୍ତି । ଏଭଳି ସ୍ଥିତିରେ ଦିଲୀପ ରାଏ ଓ ଦତ୍ତେଶ୍ୱରଙ୍କ ଲଢ଼େଇ ଏକ ରୋଚକ ମୋଡ଼ରେ ପହଂଚିଛି । ଦତ୍ତେଶ୍ୱର ଜିତନ୍ତୁ ବା ହାରନ୍ତୁ, କଂଗ୍ରେସ ସହ ଆଗକୁ ସହମତିରେ ହାତ ମିଳାଇ ନବୀନ ନୂତନ ସମୀକରଣର ନେତୃତ୍ୱ ନେଇ ପାରନ୍ତି । ରାଜ୍ୟସଭା ନିର୍ବାଚନ ପାଇଁ ବିଧାନସଭାରେ ସଂଖ୍ୟା ଗଣିତ ଏକପ୍ରକାର ସ୍ପଷ୍ଟ ଅଛି। ଏମିତି ଯେ ବିଜେପିର ଦୁଇ ଓ ବିଜେଡିର ଜଣେ ଦଳୀୟ ପ୍ରାର୍ଥୀ ଜିତିବା ସହଜ। ଯଦି ସମସ୍ତ ବିଧାୟକ ଭୋଟ୍ ଦିଅନ୍ତି, ତେବେ ବିଜେଡି ଓ କଂଗ୍ରେସର ମିଳିତ ପ୍ରାର୍ଥୀଙ୍କ ପାଇଁ ବି ୩୩ଟି ପ୍ରଥମ ପସନ୍ଦର ଭୋଟ୍ ବଳୁଛି; ଅର୍ଥାତ୍ ଜିତିବା କଷ୍ଟସାଧ୍ୟ ନୁହେଁ। କିନ୍ତୁ ଦୁଇ ଦଳରେ କିଛିଟା ଗଡ଼ବଡ଼ର ଆଶଙ୍କା କରି ବିଜେପି ସମର୍ଥନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ଓହ୍ଲାଇଛନ୍ତି ଦିଲ୍ଲୀପ ରାୟ। ସଂଖ୍ୟା ଗଣିତରେ ସେ ପଛରେ ଥିଲେ ବି ତାଙ୍କ ଜିତିବା ସମ୍ଭାବନା ଅଧିକ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। ୨୦୦୨ରେ ସେ ସ୍ୱାଧୀନ ପ୍ରାର୍ଥୀ ଭାବେ ଯେପରି ଚକ୍‌ମା ଦେଖାଇଥିଲେ ଏଥର ବି ସେମିତି ହେବ ବୋଲି ସମସ୍ତେ ଅନୁମାନ କରୁଛନ୍ତି। ଏକଥା ମଧ୍ୟ ଆଲୋଚନା ହେଉଛି ଯେ ବିଜେଡି ଓ କଂଗ୍ରେସର କିଛି ବିଧାୟକଙ୍କ ଭରସାରେ ହିଁ ଦିଲ୍ଲୀପ ମଇଦାନକୁ ଓହ୍ଲାଇଛନ୍ତି।

ଯଦି ୧୪୭ ବିଧାୟକ ଭୋଟ୍ ଦିଅନ୍ତି, ତେବେ ଜଣେ ପ୍ରାର୍ଥୀଙ୍କୁ ଜିତିବା ପାଇଁ ୩୦ ବିଧାୟକଙ୍କ ପ୍ରଥମ ପସନ୍ଦ ଭୋଟ୍ ଦରକାର। ବିଜେଡି ପାଖରେ ଏବେ ୪୮ ବିଧାୟକ ଅଛନ୍ତି। କଂଗ୍ରେସ ପାଖରେ ଅଛନ୍ତି ୧୪। ବିଜେଡିର ଦଳୀୟ ପ୍ରାର୍ଥୀ ସଂତୃପ୍ତ ମିଶ୍ର ୩୦ ଭୋଟ୍ ପାଇଲା ପରେ ବଳକା ରହିବ ୧୮ଟି ଭୋଟ୍। କଂଗ୍ରେସ ପାଖରେ ୧୪ ଓ ସିପିଆଇ(ଏମ୍)ର ଜଣେ ବିଧାୟକ ଅଛନ୍ତି। ତେଣୁ ପ୍ରଥମ ପସନ୍ଦରେ ମିଳିତ ପ୍ରାର୍ଥୀ ଦତ୍ତେଶ୍ୱର ହୋତାଙ୍କୁ ୩୩ଟି ପ୍ରଥମ ପସନ୍ଦ ଭୋଟ୍ ମିଳିବା କଥା। ବିଜେପିର ଏବେ ୭୯ ସଦସ୍ୟ। ଆଉ ୩ ଜଣ ଅଛନ୍ତି ସ୍ୱାଧୀନ ବିଧାୟକ। ମୋଟ୍ ୮୨ ବିଧାୟକଙ୍କ ମଧ୍ୟରୁ ଦୁଇ ଦଳୀୟ ପ୍ରାର୍ଥୀ ମନମୋହନ ସାମଲ ଓ ସୁଜିତ କୁମାର ୬୦ଟି ଭୋଟ୍ ପାଇଲା ପରେ ବଳିବ ୨୨ ଭୋଟ୍। ଏହି ଭୋଟ୍ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟଙ୍କ ସପକ୍ଷରେ ଯିବ। ଏହା ବାଦ୍ ବିଜେଡିର ଦୁଇ ନିଲମ୍ବିତ ବିଧାୟକ ସନାତନ ମହାକୁଡ଼ ଓ ଅରବିନ୍ଦ ମହାପାତ୍ର ମଧ୍ୟ ଦିଲ୍ଲୀପଙ୍କୁ ସମର୍ଥନ କରିବା ଏକପ୍ରକାର ନିଶ୍ଚିତ। ଏହି ଦୁଇ ଭୋଟ୍ ମିଶାଇଲା ପରେ ଦିଲ୍ଲୀପଙ୍କ ଭୋଟ୍ ହେବ ୨୪। ପ୍ରଥମ ପସନ୍ଦ ଭୋଟ୍‌ରେ ଜିତିବା ପାଇଁ ଆହୁରି ୬ ବିଧାୟକଙ୍କର ଆବଶ୍ୟକତା ରହିଛି। ସଂଖ୍ୟା କମ୍ ଥିଲେ ବି ନିଶ୍ଚିତ ବିଜୟ ହେବ ବୋଲି ନିଜେ ଦିଲ୍ଲୀପ ଓ ବିଜେପି ପକ୍ଷରୁ ଜୋର୍ ଦିଆଯାଉଛି।

ବିଜେଡି ଓ କଂଗ୍ରେସ ବିଧାୟକଙ୍କ ମଧ୍ୟରେ ଫାଟ କରି କିଛି ଭୋଟ୍ ଟାଣିଲେ ହିଁ ଦିଲ୍ଲୀପ ଜିତିପାରିବେ। ଏଥି ପାଇଁ ଏବେ ଠାରୁ ଉଦ୍ୟମ ଆରମ୍ଭ ହୋଇଗଲାଣି। ଦିଲ୍ଲୀପଙ୍କ ପକ୍ଷରୁ ବିରୋଧୀ ଦଳର କିଛି ବିଧାୟକଙ୍କ ସହ ବ୍ୟକ୍ତିଗତ ଆଲୋଚନା ଚାଲିଲାଣି। ଉଭୟ ଦଳରେ ନେତୃତ୍ୱଙ୍କୁ ନେଇ ଅସନ୍ତୋଷ ଥିବାରୁ ଭୋଟ୍ ଭାଙ୍ଗିବାରେ ଅସୁବିଧା ହେବ ନାହିଁ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଉଛନ୍ତି। ରାଜ୍ୟସଭା ନିର୍ବାଚନରେ ଦଳଗୁଡ଼ିକ ନିଜ ବିଧାୟକଙ୍କ ଉପରେ ହ୍ୱିପ୍ ଜାରି କରିପାରିବେ। କିନ୍ତୁ କେହି ହ୍ୱିପ୍ ଅମାନ୍ୟ କଲେ, ସେମାନଙ୍କ ସଭ୍ୟ ପଦ ରଦ୍ଦ ହେବ ନାହିଁ। କେବଳ ଦଳ ତାଙ୍କ ବିରୋଧରେ ଦଳୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ। ରାଜ୍ୟସଭା ନିର୍ବାଚନରେ ଓପନ୍ ବାଲଟ୍ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଉଛି। ବିଧାୟକମାନେ ନିଜ ଦଳର ଏଜେଣ୍ଟଙ୍କୁ ବାଲଟ୍ ଦେଖାଇ ଭୋଟ୍ ଦେବ। ତେଣୁ କିଏ କାହାକୁ ଭୋଟ୍ ଦେଲେ, ତାହା ଏଜେଣ୍ଟମାନେ ଜାଣିପାରିବେ। ଏଥିରେ ନାକଚ ବ୍ୟବସ୍ଥା ବି ରହିଛି। ଯଦି ଏଜେଣ୍ଟଙ୍କୁ ନ ଦେଖାଇ କିଏ ଭୋଟ୍ ଦେବେ, ତେବେ ତାହା ନାକଚ ହେବ। ଯଦି ଏଜେଣ୍ଟଙ୍କ ବାଦ୍ ଅନ୍ୟମାନଙ୍କୁ ଦେଖାଇବେ, ତେବେ ବି ସେହି ଭୋଟ୍ ନାକଚ ହେବ। ଯଦି ବିଜେଡି ଓ କଂଗ୍ରେସରେ ନାକଚ ଭୋଟ୍ ସଂଖ୍ୟା ବଢ଼ିଯାଏ, ତେବେ ଦିଲ୍ଲୀପଙ୍କ ପଲା ଭାରି ରହିବ। ଯଦି ଉଭୟ ସ୍ୱାଧୀନ ପ୍ରାର୍ଥୀଙ୍କ ପ୍ରଥମ ପସନ୍ଦ ଭୋଟ୍ ସମାନ ହୋଇଯାଏ, ତେବେ ଦ୍ୱିତୀୟ ପସନ୍ଦରେ ଦିଲ୍ଲୀପ ଜିତିଯିବେ ବୋଲି ଅନୁମାନ କରାଯାଉଛି। ଆହୁରି ମଧ୍ୟ ୧୪୭ ବିଧାୟକଙ୍କ ମଧ୍ୟରୁ କିଛି ବିଧାୟକ ଅନୁପସ୍ଥିତ ରହିଲେ, ପ୍ରଥମ ପସନ୍ଦ ଭୋଟ୍ ଗଣିତ ବଦଳିଯିବ। ଏହି ସଂଖ୍ୟା ୩୦ରୁ କମିଯାଇପାରେ। ତେଣୁ ସେତେବେଳେ କିଏ କେତେ ଭୋଟ୍ ପାଇବ, ତାହା ଆଗୁଆ ଅକାକଳନ କରିବା ମୁସ୍କିଲ୍। ଯଦିଓ ସମସ୍ତେ ଅସ୍ୱୀକାର କରୁଛନ୍ତି, ତଥାପି ଏସବୁକୁ ଆଧାର କରି ରାଜ୍ୟସଭା ନିର୍ବାଚନରେ ଘୋଡ଼ାବେପାର ହୋଇପାରେ ବୋଲି ଚର୍ଚ୍ଚା ଜୋର ଧରିଛି।

# ଭାଗ୍ୟକୁ ଦୋଷ ନଦେଇ, ଭୁଲ ସୁଧାରିଲେ ରୋକିବ ସଡ଼କ ଦୁର୍ଘଟଣା



'କେ କାନ୍ଦିବ ଦିନ ଦଶରେ କୁମର, କେ କାନ୍ଦିବ ଦିନ ବାର । ଗର୍ଭଧାରୀ ମାଆ ନିରତେ କାନ୍ଦିବ ମରିବାର ଯୁଗାନ୍ତର' - ଟୀକା ଗୋବିନ୍ଦଚନ୍ଦ୍ରର ଏହି ଉକ୍ତି ପଢ଼ିଲେ ମନେହୁଏ ନିଜ ସନ୍ତାନ ଦୂରେଇଯିବାର ଦୁଃଖ ମାଆଟିଏ ପାଇଁ କେତେ କରୁଣ ଓ ଅସହ୍ୟ । କିନ୍ତୁ ନିଜ ସ୍ୱାମୀ ଓ ସନ୍ତାନଙ୍କୁ ହରେଇବାର ଦୁଃଖକୁ ଅଣ୍ଟିରେ ଧରି ଅନ୍ୟମାନଙ୍କ ମୁହଁରେ ଖୁସି ବାଣ୍ଟିବାର ପ୍ରୟାସ କରୁଥିବା ମହିଳା ହେଉଛନ୍ତି ଅମୀୟବାଳା ପରିଡ଼ା ।୨୫ ମଇ, ୨୦୧୯ ରେ ଏକ ଦୁର୍ଘଟଣାରେ ସେ ହରାଇ ଦିଅନ୍ତି ଜୀବନର ଅମୂଲ୍ୟ ସମ୍ପଦ ତାଙ୍କ ପୁଅ ଗିରିଜାଙ୍କୁ । ଶଯ୍ୟାଶାୟୀ ସ୍ୱାମୀ ଚଣ୍ଡୀ ପ୍ରସାଦଙ୍କୁ ନେଇ ଆଖିର ଲୁହକୁ ଓଠରେ ଚାପି ଜୀବନ ବଞ୍ଚିବାର ଚେଷ୍ଟା କଲାବେଳେ ଠିକ ବର୍ଷକ ଭିତରେ ଅର୍ଥାତ ୦୩ ମଇ, ୨୦୨୦ ମସିହାରେ ହାତ ଛାଡ଼ି ଦିଅନ୍ତି ସ୍ୱାମୀ । ଆଉ ତାପରେ ବଦଳିଯାଏ ତାଙ୍କ ଜୀବନର ମୋଡ଼ । କୋଳରେ ମୃତ ପୁଅର ଫଟୋ ଆଉ ହାତରେ ସ୍ୱାମୀଙ୍କ ମୁହଁରେ ଚିତା ଦେଲାବେଳେ ସଡ଼କ ସୁରକ୍ଷା ପାଇଁ ବାର୍ତ୍ତା ଦେବାକୁ ମନେମନେ ଯେମିତି ଶପଥ କରିନିଅନ୍ତି । ଜଣେ ଗିରିଜାକୁ ହରେଇବାର ଦୁଃଖକୁ ହଜାରେ ଗିରିଜା ମୁହଁରେ ଖୁସି ଦେବାରେ ବାଣ୍ଟିବାରେ ଲାଗନ୍ତି ।

ଆରମ୍ଭ କରନ୍ତି ମାଷ୍ଟର ଗିରିଜା ମେମୋରିଆଲ ରୋଡ଼ ସେଫ୍‌ଟି ଫାଉଣ୍ଡେସନ ଟ୍ରଷ୍ଟ । ଯାହା ମାଧ୍ୟମରେ ସଡ଼କ ସୁରକ୍ଷା ବାର୍ତ୍ତା ଦେବାକୁ ବିଭିନ୍ନ ସେମିନାରଠାରୁ ଆରମ୍ଭ କରି ବୃକ୍ଷରୋପଣ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ଅମୀୟବାଳା । ଆଜି ଡେରାସ ନିକଟ ବାରାପିଟା ଗାଁ ରେ ଗିରିଜା ବର୍ଣ୍ଣବୋଧ ପାଠଶାଳା ଚାଲିଛି । ସିଲେଇ କରିବା ସାଙ୍ଗକୁ ପିଲାଙ୍କୁ ପାଠ ପଢ଼ାଉଛନ୍ତି ଜଣେ ଯୁବତୀ । ବଦଳରେ ପାରିଶ୍ରମିକ ଦେଉଛନ୍ତି ଅମୀୟବାଳା । ଭୁବନେଶ୍ୱରର ବସ୍ତିରେ ଶିକ୍ଷାଦାନକୁ ଗୁରୁତ୍ୱ ଦେଇଛନ୍ତି ସେ । କାରଣ ସଚେତନତାର ମୂଳଦୁଆ ଶିକ୍ଷା ଜରିଆରେ ସମ୍ଭବ। ତେଣୁ ଗିରିଜା ପାଠଶାଳା ବସ୍ତିରେ ଚାଲିଛି । କେବଳ ସେତିକି ନୁହେଁ; ସେ ନିଜେ ଏପର୍ଯ୍ୟନ୍ତ ୧୧ ଜଣ ମେଧାବୀ ପିଲାଙ୍କୁ ଆପଣାର କରି ସେମାନଙ୍କର ପାଠପଢା ଖର୍ଚ୍ଚ ବହନ କରି ଆସୁଛନ୍ତି । ସେମାନଙ୍କ ମଧ୍ୟରୁ ପୁଅଟିଏ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ସ୍ନାତକ କରୁଥିବା ବେଳେ ନବଜ୍ୟୋତି ସାଇନ୍ସ ରେସିଡେନ୍ସାଲରେ ଝିଅଟିଏ ପଢୁଥିବାକହିଛନ୍ତି ଅମୀୟବାଳା । କିଛି ସ୍କୁଲ ସମେତ ଚୌଦ୍ୱାର, ଝାରପଡ଼ା ଓ ନିମାପଡ଼ା ଜେଲରେ ଗିରିଜା ଜ୍ଞାନଭଣ୍ଡାର ଓପନ ଲାଇବ୍ରେରୀ ମାଧ୍ୟମରେ ଜେଲ ସୁଧାର କାର୍ଯ୍ୟକ୍ରମ ଚାଲୁ ରହିଛି । ଗିରିଜା ପାଇଁ ଗଛଟିଏ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି ସେ । ଯେଉଁଥିରେ ଆଜି କେବଳ ଓଡ଼ିଶା ନୁହେଁ ତାଙ୍କୁ ଦେଖି ତାଙ୍କର ଏ ଉଦ୍ୟମକୁ ପ୍ରଶଂସା କରି ଓଡିଶା ବାହାରେ ମଧ୍ୟ ଅନେକ ଲୋକ ଗଛ ଲଗାଇ ସଡ଼କ ସୁରକ୍ଷା ଜୀବନ ରକ୍ଷା ବାର୍ତ୍ତା ଦେଉଛନ୍ତି ।

ଜାନୁଆରୀ ୨୫ ୨୦୦୧ ରେ ଜନ୍ମ ହୋଇଥିଲା ପୁଅ ଗିରିଜା ଆଉ ମୃତ୍ୟୁ ମଧ ମେ ୨୫ ୨୦୧୯ ରେ ହୋଇଥିବାରୁ ଗିରିଜା ସ୍ମୃତି ଉଦ୍ଦେଶ୍ୟରେ ପ୍ରତି ମାସ ୨୫ ତାରିଖରେ ୮୨ ମାସ ହେଲା ସେ ଅନ୍ନଦାନ କାର୍ଯ୍ୟକ୍ରମ କରୁଛନ୍ତି । ସମାନ ଭାବରେ ସ୍ୱାମୀ ଚଣ୍ଡୀ ପ୍ରସାଦଙ୍କ ନାଁ ରେ ମୃତ୍ୟୁ ପୂର୍ବରୁ ପୁଅ କରିଦେଇ ଯାଇଥିବା ଟ୍ରଷ୍ଟ ଚଣ୍ଡୀପ୍ରସାଦ ଫାଉଣ୍ଡେସନ ଟ୍ରଷ୍ଟ ଜରିଆରେ ମଧ୍ୟ ବିଭିନ୍ନ ସଂକଳ୍ପ କରି ଲୋକଙ୍କୁ ସଚେତନ ଶିକ୍ଷିତ କରିବା ଲକ୍ଷ୍ୟ ରଖିଛନ୍ତି ସେ । ସୁଖ ବାଣ୍ଟିଲେ ବଢ଼େ ଆଉ ଦୁଃଖ ବାଣ୍ଟିଲେ କମେ । ତେଣୁ ଭାଗ୍ୟକୁ ଦୋଷ ନଦେଇ ସଡକ ଦୁର୍ଘଟଣା ପାଇଁ ଭୁଲକୁ ସୁଧାରିବା ଜରୁରୀ ବୋଲି ସେ କୁହନ୍ତି। ତେବେ ତାଙ୍କର ସଡ଼କ ସୁରକ୍ଷା ସଚେତନତା ବାର୍ତ୍ତା ବର୍ତ୍ତମାନ ସୁଦ୍ଧା ହଜାର ହଜାର ଲୋକଙ୍କ ନିକଟରେ ପହଞ୍ଚିପାରୁଛି ।

ଏଥିପାଇଁ ଚଳିତବର୍ଷ ରାଜ୍ୟ ସରକାର ମଧ୍ୟ ତାଙ୍କୁ ସମ୍ମାନିତ କରିଛନ୍ତି । ଲୋକମାନଙ୍କ ନିକଟରେ ଆଗକୁ ସୋସିଆଲ ମିଡ଼ିଆ ସମେତ କ୍ଷୁଦ୍ର ସିନେମା ଜରିଆରେ ସଚେତନତା ଓ ଶିକ୍ଷା ପହଞ୍ଚାଇବାକୁ ସେ ପ୍ରଚେଷ୍ଟା ଜାରି ରଖିଛନ୍ତି ।

ସେ କହିଛନ୍ତି, 'ଅନେକ ଲୋକ କୁହନ୍ତି କାହିଁକି ମନେ ରଖୁଛ ମୁଁ କିନ୍ତୁ କୁହେ କାହିଁକି ଭୁଲିଯିବି ? ଦୁଃଖକୁ ମନେ ପକାଇ ସକାରାତ୍ମକ ଭାବେ ଜୀବନକୁ ଆଗକୁ ନେଉଛି। ଯଦି ପୁଅ ଥାଆନ୍ତା ହୁଏତ ସବୁ ସାଧାରଣ ମାଆଙ୍କ ଭଳି ପୁଅ ପାଇଁ ହିଁ ଚିନ୍ତା କରନ୍ତି ଏବଂ ହୁଏତ କେବଳ ପୁଅ ଭିତରେ ସୀମିତ ରହିଯାଆନ୍ତି, କିନ୍ତୁ ସେ ଚାଲିଯିବା ପରେ ଏବେ ଗୋଟେ ଗିରିଜା ବଦଳରେ ଅନେକଙ୍କ ମାଆ ପାଲଟି ଯାଇଛି ତାହା ହିଁ ବିଶେଷ ଉପଲବ୍ଧି। ବଞ୍ଚିବାର ବାହାନା କୁହନ୍ତୁ କି ଚେଷ୍ଟା ମୁଁ ଏହାକୁ ବ୍ରତ କରିନେଇଛି । ଯଦି ମୋ ପାଇଁ ଗୋଟିଏ ଜୀବନ ବି ବଞ୍ଚିଯାଉଛି ତାହାଲେ ମୁଁ ଗୋଟେ ମାଆ କୋଳକୁ ବଞ୍ଚାଇ ଦେଇଥିବା ଖୁସି ଅନୁଭବ କରୁଛି ।'

# ମହିଳାଙ୍କ ଅଧିକାର : ଆଲୋଚନା ଓ ବାସ୍ତବତା



ଇପ୍‌ସିତା ବରାଳ

ମାର୍ଚ୍ଚ ୮ ତାରିଖ ବିଶ୍ୱ ମହିଳା ଦିବସ । ଏହି ଦିନଟିକୁ ମହିଳାମାନଙ୍କର ସଫଳତାକୁ ନେଇ ଖୁସି ମନାଇବା ଏବଂ ଲିଙ୍ଗଗତ ସମାନତା ସପକ୍ଷରେ ମାନବ ଜାତିକୁ ପ୍ରେରିତ କରିବା, ମହିଳାମାନଙ୍କର ଅଧିକାର ସୁରକ୍ଷିତ ରଖିବା, ସେମାନଙ୍କୁ ସମସ୍ତ ପ୍ରକାର ଉତ୍ପୀଡନ ଓ ହିଂସାରୁ ସୁରକ୍ଷା ପ୍ରଦାନ କରିବା ତଥା ସେମାନଙ୍କ ପାଇଁ ଅର୍ଥନୈତିକ ସମାନତା ପ୍ରଦାନ କରିବା ଉଦ୍ଦେଶ୍ୟରେ ପାଳନ କରାଯାଉଛି । ଚଳିତ ବର୍ଷ ଏହି ଦିବସ ପାଳନର ବିଷୟବସ୍ତୁ ରଖାଯାଇଛି 'ଗିଭ୍ ଟୁ ଗେନ୍'; ଅର୍ଥାତ୍ ? କିଛି ପାଇବାକୁ ହେଲେ କିଛି ଦିଅ । ଏହି ତତ୍ତ୍ୱ ମହିଳାମାନଙ୍କ ପ୍ରତି ସମର୍ଥନ ଜୁଟାଇବାକୁ ଉତ୍ସାହିତ କରୁଛି ।

ପୌରାଣିକ ସମୟରୁ ଏବଂ ରାଜା ମହାରାଜାଙ୍କ ସମୟରୁ ମହିଳାମାନେ ଘର କୋଣରେ ରହିଆସୁଥିବା ଏବଂ ସାମାଜିକ, ଅର୍ଥନୈତିକ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସେମାନଙ୍କର ମତାମତ ଓ ନିଷ୍ପତ୍ତି ସୀମିତ ରହି ଆସିଥିବା ଆମେ ଜାଣୁ । ସ୍ୱାଧୀନତା ପରବର୍ତ୍ତୀ ସମୟରେ ଏବେ ତୃତୀୟ ବିଶ୍ୱରେ ମଣିଷ ଯେତେବେଳେ ବିଜ୍ଞାନ, ପ୍ରଯୁକ୍ତିକୁ ମୂଳାଧାର କରି ବିକାଶ ପଥରେ ଅଗ୍ରସର ହେଉଛି, ସେତେବେଳେ ମହିଳାମାନେ ପୁରୁଷ ସହିତ ସବୁ କ୍ଷେତ୍ରରେ ସମାନ ସୁବିଧା, ଅଧିକାର ଉପଭୋଗ କରୁଛନ୍ତି କି ? ଏହି ପ୍ରଶ୍ନ ବି ଉଠୁଛି । ଅବଶ୍ୟ ଏହା ସ୍ୱୀକାର କରିବାକୁ ହେବ ଯେ, ଶିକ୍ଷା ଆହରଣ ଦ୍ୱାରା ମହିଳାମାନେ ସମାଜରେ ଅନେକ କ୍ଷେତ୍ରରେ ଆଗକୁ ବଢିଛନ୍ତି, ରାଜନୈତିକ ସ୍ତରରେ ସେମାନେ ପୁରୁଷ ସହିତ ସମକକ୍ଷ ହୋଇଛନ୍ତି । କିନ୍ତୁ ସେମାନଙ୍କୁ ସବୁସ୍ତରରେ ସମାନ ସୁଯୋଗ, ମର୍ଯ୍ୟାଦା ମିଳୁଛି ତ ? ସେମାନଙ୍କ ସୁରକ୍ଷା ପାଇଁ ଆଇନ ତିଆରି ହୋଇଛି । ଭାରତୀୟ ସମ୍ବିଧାନ ସେମାନଙ୍କ ଅଧିକାର ସୁରକ୍ଷିତ କରିଛି । ବାସ୍ତବ କ୍ଷେତ୍ରରେ ତାହାର ରୂପାୟନ କେତେ ହେଉଛି, ସେହି ପ୍ରଶ୍ନ ଉଠିବା ସ୍ୱାଭାବିକ ।

ମହିଳାମାନଙ୍କର ସାମାଜିକ, ଅର୍ଥନୈତିକ, ସାମାଜିକ ଓ ରାଜନୈତିକ ସଫଳତାକୁ ସ୍ୱୀକାର କରିବା ଏବଂ ସେମାନଙ୍କୁ ସମସ୍ତ ସୁବିଧା ସୁଯୋଗ ପ୍ରଦାନ କରିବା ନିମନ୍ତେ ଲିଙ୍ଗଗତ ସମାନତା ଆମ ସମାଜରେ ପ୍ରତିଷ୍ଠିତ କରାଇବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ ଆରମ୍ଭ ହୋଇଥିଲା । ଏହାର ମୂଳ ବିଂଶ ଶତାବ୍ଦୀରେ ୟୁରୋପ ଓ ଉତ୍ତର ଆମେରିକାରେ ଆରମ୍ଭ ହୋଇଥିବା ଶ୍ରମିକ ଆନ୍ଦୋଳନ ସହିତ ସଂଯୁକ୍ତ । ନ୍ୟୁୟର୍କରେ ମହିଳା ପୋଷାକ ପ୍ରସ୍ତୁତକାରୀ ଶ୍ରମିକ, କର୍ମଚାରୀମାନେ ସେମାନଙ୍କ ଅଧିକାର ପାଇଁ ୧୮୫୭ ମାର୍ଚ୍ଚ ୮ ତାରିଖରେ ବିକ୍ଷୋଭ ଓ ଆନ୍ଦୋଳନ କରିଥିଲେ ବୋଲି କୁହାଯାଏ । କିନ୍ତୁ ଏହାକୁ ନେଇ କେତେକ ଭିନ୍ନମତ ପୋଷଣ କରନ୍ତି । ତେବେ ପରିଶେଷରେ ଜାତିସଂଘ ୧୯୭୫ରେ ଏହାକୁ ଆନୁଷ୍ଠାନିକ ଭାବରେ ସ୍ୱୀକୃତି ପ୍ରଦାନ କରିଥିଲା । ସମାନ ଅଧିକାର, ସମାନ ସୁବିଧା ସୁଯୋଗ ହାସଲ କରିବା ନିମନ୍ତେ ମହିଳାମାନଙ୍କର ଲଢେଇକୁ ସ୍ମରଣ କରାଇଦେଉଛି ଏହି ଦିବସ । ସବୁଠାରୁ ଉଲ୍ଲେଖଯୋଗ୍ୟ ବିଷୟ ହେଉଛି, ଏହି ଦିବସକୁ ଅନେକ ରାଷ୍ଟ୍ରରେ ଛୁଟି ଦିବସ ଭାବରେ ଘୋଷଣା କରାଯାଇଛି । ଅନ୍ୟାନ୍ୟ ପ୍ରମୁଖ ଦିବସ ଭଳି ଏହାକୁ ଗୁରୁତ୍ୱ ଦିଆଯାଉଛି ଏବଂ ଜାତିସଂଘ ମଧ୍ୟ ଏହାକୁ ଛୁଟି ଦିବସ ଭାବରେ ଅନୁମୋଦନ କରିଛି।

୧୯୧୦ ଅଗଷ୍ଟରେ ଡେନମାର୍କର କାପନହେଗନରେ ଆନ୍ତର୍ଜାତିକ ସମାଜବାଦୀ ମହିଳାଙ୍କ ସମ୍ମିଳନୀ ଆୟୋଜିତ ହୋଇଥିଲା। ସେହି ସମ୍ମିଳନୀରେ ଆମେରିକାର ସମାଜବାଦୀ ନେତାଗଣ, ଜର୍ମାନୀର ପ୍ରତିନିଧି କ୍ଲାରା ଜେଟ୍‌କିନ, କେଟ୍ ଡଙ୍କର୍, ପାଉଲା ତିଡେ ଏବଂ ଅନ୍ୟମାନେ ପ୍ରତିବର୍ଷ ମହିଳା ଦିବସ ପାଳନ କରିବାକୁ ପ୍ରସ୍ତାବ ଦେଇଥିଲେ; କିନ୍ତୁ ସେଥିପାଇଁ କୌଣସି ନିର୍ଦ୍ଦିଷ୍ଟ ତାରିଖ ଉଲ୍ଲେଖ କରାଯାଇନଥିଲା । ଶେଷରେ ୧୭ଟି ରାଷ୍ଟ୍ରର ୧୦୦ ପ୍ରତିନିଧି ଏହି ପ୍ରସ୍ତାବରେ ଏକମତ ହୋଇ ମହିଳାମାନଙ୍କୁ ସମାନ ଅଧିକାର, ସୁରକ୍ଷା ଓ ସୁଯୋଗ ପ୍ରଦାନ ନିମନ୍ତେ କାର୍ଯ୍ୟକ୍ରମ ହାତକୁ ନେବାକୁ ରାଜି ହୋଇଥିଲେ । ତାହା ପରବର୍ଷ ୧୯୧୧ ମାର୍ଚ୍ଚ ୧୯ ତାରିଖରେ ଆନ୍ତର୍ଜାତିକ ମହିଳା ଦିବସ ପାଳନ କରାଯାଇଥିଲା ଏବଂ ବିଶ୍ୱର ଅନେକ ରାଷ୍ଟ୍ରରେ କୋଟି କୋଟି ସଂଖ୍ୟାରେ ମହିଳା ଏହି ଦିବସ ପାଳନରେ ସାମିଲ ହୋଇଥିଲା। ତାହା ସହିତ ସେମାନେ ନିଜ ଅଧିକାର ହାସଲ କରିବାକୁ ୩୦୦ରୁ ଅଧିକ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ୧୯୧୩ରେ ପ୍ରଥମ ଥର ପାଇଁ ରୁଷ ଆନ୍ତର୍ଜାତିକ ମହିଳା ଦିବସକୁ ମାର୍ଚ୍ଚ ୮ ତାରିଖରେ ପାଳନ କରିଥିଲା ଏବଂ ଜର୍ମାନୀରେ ୧୯୧୪ ମାର୍ଚ୍ଚ ୮ରେ ମଧ୍ୟ ଏହି ଦିବସ ପାଳନ କରାଯାଇଥିଲା । ପରବର୍ତ୍ତୀ ବର୍ଷଗୁଡିକରେ ବିଭିନ୍ନ ରାଷ୍ଟ୍ରରେ ଭିନ୍ନ ଭିନ୍ନ ତାରିଖରେ ମହିଳାମାନଙ୍କ ଅଧିକାରକୁ ନେଇ ଆନ୍ଦୋଳନ କରାଯାଇଥିଲା ।

ପରେ ପ୍ରଥମ ଆନ୍ତର୍ଜାତିକ ମହିଳା ଦିବସ ଶୋଭାଯାତ୍ରା ସିଡନି ଓ ମେଲବୋର୍ଣ୍ଣରେ ୧୯୩୧ରେ ଆୟୋଜିତ ହୋଇଥିଲା । ଏହିଭଳି କ୍ରମାଗତ ଭାବରେ ମହିଳାଙ୍କ ସପକ୍ଷରେ ସ୍ୱର ଉଠିବା ପରେ ଜାତିସଂଘ ୧୯୭୫ରେ ଆନ୍ତର୍ଜାତିକ ମହିଳା ଦିବସ ପାଳନ ଆରମ୍ଭ କରିଥିଲା ଏବଂ ୧୯୭୭କୁ ଜାତିସଂଘ ପକ୍ଷରୁ ଆନ୍ତର୍ଜାତିକ ମହିଳା ବର୍ଷ ଭାବରେ ମଧ୍ୟ ପାଳନ କରାଯାଇଥିଲା । ପରିଶେଷରେ ମାର୍ଚ୍ଚ ୮ ତାରିଖକୁ ଆନ୍ତର୍ଜାତିକ ମହିଳା ଦିବସ ଭାବରେ ଗ୍ରହଣ କରିନିଆଗଲା ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ୧୯୭୯ ଆନର୍ଜାତିକ ମହିଳା ଦିବସ ଅବସରରେ ଏକ ଶୋଭାଯାତ୍ରା ଇରାନର ତେହରାନରେ ଆୟୋଜିତ ହୋଇଥିଲା । ତାହାର ଉଦ୍ଦେଶ୍ୟ ଥିଲା ମହିଳା ଦିବସକୁ ପାଳନ କରିବା, କିନ୍ତୁ ତାହା ଇରାନ ବିପ୍ଳବ ସମୟରେ ମହିଳାମାନଙ୍କ ଅଧିକାରକୁ ନେଇ ଘଟିଥିବା ପରିବର୍ତ୍ତନ ବିରୋଧୀ ରୂପ ନେଲା । ବିଶେଷକରି ହିଜାବ୍ ପ୍ରଥାର ପ୍ରଚଳନକୁ ତାହାର ଦିନକ ପୂର୍ବରୁ ସେଠାକାର ସରକାର ଲାଗୁ କରିଥିଲେ । ଏହି ବିକ୍ଷୋଭ ଛଅଦିନ ଅର୍ଥାତ ମାର୍ଚ୍ଚ ୮ରୁ ମାର୍ଚ୍ଚ ୧୪ ତାରିଖ ପର୍ଯ୍ୟନ୍ତ ଚାଲିଥିଲା । ଏଥିରେ ହଜାର ହଜାର ସଂଖ୍ୟାରେ ମହିଳା ଅଂଶଗ୍ରହଣ କରିଥିଲେ । ଏହାର ପ୍ରଭାବରେ ହିଜାବ୍ ପ୍ରଥାକୁ ସାମୟିକ ଭାବରେ ସ୍ଥଗିତ ରଖାଯାଇଥିଲା । ତେବେ ପରବର୍ତ୍ତୀ ସମୟରେ ଇରାନରେ ସମସ୍ତ ମହିଳାଙ୍କ ନିମନ୍ତେ ହିଜାବ୍‌କୁ ବାଧ୍ୟତାମୂଳକ କରିଦିଆଗଲା । ସମ୍ପ୍ରତି ଇରାନ ଉପରେ ଆମେରିକା ଏବଂ ଇସ୍ରାଏଲ ପକ୍ଷରୁ ବିଧ୍ୱଂସୀ ଆକ୍ରମଣ ଚାଲିଥିବାବେଳେ ସେଠାରେ ଶହ ଶହ ସଂଖ୍ୟାରେ ଶିଶୁ, ମହିଳାଙ୍କର ମୃତ୍ୟୁ ଘଟୁଛି। ଅନେକ ମହିଳା ବିଧବା ହୋଇଯାଉଛନ୍ତି । ଘରଦ୍ୱାର, ଜୀବନ ଜୀବିକା ସବୁକିଛି ଛାରଖାର ହୋଇଯାଉଛି। ଏଭଳି ସମୟରେ ସେମାନଙ୍କ ଅଧିକାରକୁ ସୁରକ୍ଷା ଦେବାକୁ କେହିନାହିଁ । ତୃତୀୟ ବିଶ୍ୱରେ ଜାତିସଂଘ କେବଳ ନୀରବଦ୍ରଷ୍ଟା ପାଲଟିଛି । ଏଠାରେ ଆଉ ଏକ ଉଦାହରଣ ଦିଆଯାଇପାରେ । ଚାରିବର୍ଷ ଧରି ଚାଲିଥିବା ୟୁକ୍ରେନ ଯୁଦ୍ଧରେ ହଜାର ହଜାର ସଂଖ୍ୟାରେ ମହିଳା ସେମାନଙ୍କ ସ୍ୱାମୀ, ଭାଇ, ବାପା ଅଥବା ସମ୍ପର୍କୀୟଙ୍କୁ ହରାଇ ସାରିଲେଣି । ଜମ୍ମୁ କାଶ୍ମୀର ପହଲଗାଁରେ ଆତଙ୍କବାଦୀମାନେ ହିନ୍ଦୁ ମହିଳାମାନଙ୍କ ସମ୍ମୁଖରେ ସେମାନଙ୍କ ସ୍ୱାମୀମାନଙ୍କୁ ଧର୍ମ ପଚାରି ବର୍ବର ଭାବରେ ହତ୍ୟାକଲେ । ଏହାଦ୍ୱାରା ସେମାନେ ଅନେକ ମହିଳାଙ୍କ ମଥାରୁ ସିନ୍ଦୂର ପୋଛିନେବା ସହିତ ସେମାନଙ୍କର ଅଧିକାରକୁ ମଧ୍ୟ ଛଡାଇନେଲେ। ପରବର୍ତ୍ତୀ ସମୟରେ ଭାରତ ଆତଙ୍କବାଦୀଙ୍କ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲା; କିନ୍ତୁ ତାହାର ସମାଧାନ ହୋଇପାରିଲା କି ? ପ୍ରତିବର୍ଷ ବିଶ୍ୱରେ ମହିଳା ଦିବସ ପାଳନ କରାଯାଉଛି। ମହିଳାମାନଙ୍କ ଅଧିକାର ସମ୍ପର୍କରେ ରାଜନେତାଙ୍କ ଠାରୁ ଆରମ୍ଭ କରି ଆଇନ ପ୍ରଣେତା, ସାମାଜିକ କର୍ମୀ, ଶିକ୍ଷାବିତ, ସମାଜ ସଂସ୍କାରକଗଣ ଆଲୋଚନା, ବିମର୍ଷ, ବିଶ୍ଳେଷଣ କରୁଛନ୍ତି। କିନ୍ତୁ ମହିଳାମାନେ ସେମାନଙ୍କର ପୂର୍ଣ୍ଣ ଅଧିକାରରୁ ଏବେ ମଧ୍ୟ ବଞ୍ଚିତ । ଭାରତୀୟ ସମ୍ବିଧାନ ସମସ୍ତ ନାଗରିକଙ୍କୁ ସବୁ କ୍ଷେତ୍ରରେ ସମାନ ଅଧିକାର, ସମାନ ସୁଯୋଗ ପ୍ରଦାନ ନିଶ୍ଚିତ କରିଛି । କିନ୍ତୁ ଶିକ୍ଷାଠାରୁ ରାଜନୀତି ପର୍ଯ୍ୟନ୍ତ ସବୁକ୍ଷେତ୍ରରେ ମହିଳାମାନଙ୍କ ପାଇଁ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି । ପୁରୁଷ ସହିତ ସମାନ ଭାବରେ ବଞ୍ଚିବାକୁ ସେମାନଙ୍କୁ ରୀତିମତ ସଂଘର୍ଷ କରିବାକୁ ପଡୁଛି। ପରିବାରରେ ସାମାଜିକ ଓ ଆର୍ଥିକ ନିଷ୍ପତ୍ତି ନେବାରେ ସେମାନଙ୍କର ପୁରୁଷଙ୍କ ଭଳି ସମାନ ଅଧିକାର ରହୁନାହିଁ । ଏବେ ମଧ୍ୟ ଘୃଣ୍ୟ ଯୌତୁକ ପ୍ରଥା ବଳବତ୍ତର ରହିଛି । ଯିଏ ଯେତେ ଧନଶାଳୀ ସେଠାରେ ସେତେ ଯୌତୁକ ଦାବି ହେଉଛି । ଆଜିର ନାରୀ ଶିକ୍ଷିତ, ଏହା ସତ । ସେମାନେ ପୁରୁଷ ଭଳି ସମାନ ଓ ମୁକ୍ତ ଭାବରେ ବଞ୍ଚିବାକୁ ଚାହାନ୍ତି । କିନ୍ତୁ ସେଥିପାଇଁ ସେମାନଙ୍କୁ ରୀତିମତ ସଂଗ୍ରାମ କରିବାକୁ ପଡୁଛି । କଠୋର ଆଇନ ବ୍ୟବସ୍ଥା ସତ୍ତ୍ୱେ ମହିଳାଙ୍କ ଉପରେ ନିର୍ଯ୍ୟାତନା, ପାରିବାରିକ ହିଂସା, ଆକ୍ରମଣ, ହତ୍ୟା ଘଟଣା ବଢିବାରେ ଲାଗିଛି। ଶିଶୁ କନ୍ୟାମାନେ ମଧ୍ୟ ନିର୍ଯ୍ୟାତା ଓ ଯୌନଶୋଷଣରୁ ମୁକ୍ତ ନୁହଁନ୍ତି । ପରିବାରରେ ଏବେ ବି ମା' (ଯିଏ ଜଣେ ନାରୀ) ନିଜ ଝିଅ ଅପେକ୍ଷା ପୁଅକୁ ଅଧିକ ଗୁରୁତ୍ୱ ଦେଉଛନ୍ତି । ସେଥିପାଇଁ ଗର୍ଭପାତ ବୃଦ୍ଧିପାଉଛି । ଏହା ରୋକିବାକୁ ସମସ୍ତ ଆଇନ ଓ କଟକଣା ସତ୍ତ୍ୱେ ସମ୍ପୂର୍ଣ୍ଣ ରୋକାଯାଇ ପାରୁନାହିଁ । କନ୍ୟା ଶିଶୁମାନେ ଅପପୁଷ୍ଟି, ରକ୍ତହୀନତାର ଶିକାର ହେଉଛନ୍ତି। କୃଷିଠାରୁ ନେଇ ଅନ୍ୟାନ୍ୟ କ୍ଷେତ୍ରରେ ଶ୍ରମଜୀବୀଙ୍କ ମଧ୍ୟରେ ମହିଳାଙ୍କ ସଂଖ୍ୟା କିଛି କମ୍ ନୁହେଁ । ମାନବ ଚାଲାଣରେ ସବୁଠାରୁ ଅଧିକ ପ୍ରଭାବିତ ଓ କ୍ଷତିଗ୍ରସ୍ତ ହେଉଛନ୍ତି ମହିଳା । ଏଭଳି ପରିସ୍ଥିତିରେ ଏହି ଦିବସ ପାଳନ ଅବସରରେ ମହିଳାଙ୍କ ଅଧିକାରକୁ କେବଳ କାଗଜପତ୍ରରେ ସୀମିତ ନରଖି ଆନ୍ତରିକତାର ସହିତ ଅନୁପାଳନ କରିବାର ଆବଶ୍ୟକତା ରହିଛି । ତାହାସହିତ ମହିଳାମାନେ ନିଜେ ସେମାନଙ୍କ ଅଧିକାରର ସୁରକ୍ଷା ପାଇଁ ରାଣୀ ଲକ୍ଷ୍ମୀବାଇଙ୍କ ଭଳି ମଜଭୁତ ହେବାକୁ ପଡିବ । ସେମାନେ ଆଇନ ପ୍ରଣୟନକାରୀଙ୍କୁ ସେମାନଙ୍କ ପାଇଁ ସଂରକ୍ଷଣ ନୁହେଁ, ସମାନ ଅଧିକାର ହାସଲ ପାଇଁ ବାଧ କରିବାକୁ ହେବ । ତାହାହେଲେ ହୁଏତ ଆଗାମି କିଛିବର୍ଷ ମଧ୍ୟରେ ଏକ ଲିଙ୍ଗଗତ ସମାନତା ରହିଥିବା ସମାଜ ଗଠନ ସାକାର ହୋଇପାରିବ ।

ମର୍କତନଗର, କଟକ

# ଯୁଦ୍ଧରେ ପାକିସ୍ତାନର ଏଣ୍ଟ୍ରି : ଇରାନ ଉପରେ ବଡ଼ ଆକ୍ରମଣ

ଇସଲାମବାଦ, ୭।୩: ଆମେରିକା ଏବଂ ଇସ୍ରାଏଲ ଇରାନ ଉପରେ ଏକ ବଡ଼ ଆକ୍ରମଣ ଆରମ୍ଭ କରିଥିଲେ, ଯାହା ଫଳରେ ମଧ୍ୟପ୍ରାଚ୍ୟରେ ଯୁଦ୍ଧର ବାତାବରଣ ଖେଳିଯାଇଛି। ଶନିବାର ସକାଳେ ଆମେରିକା ଏବଂ ଇସ୍ରାଏଲ ଏକ ବଡ଼ ଆକ୍ରମଣ ଆରମ୍ଭ କରିଥିଲେ, ଯାହାର ଜବାବରେ ଇରାନକୁ କ୍ଷେପଣାସ୍ତ୍ର ମାଡ଼ କରିବାକୁ ବାଧ କରିଥିଲା। ଆମେରିକାର ସାମରିକ ଘାଟି ଥିବା ପ୍ରାୟ ପ୍ରତ୍ୟେକ ଉପସାଗରୀୟ ଦେଶ ଉପରେ କ୍ଷେପଣାସ୍ତ୍ର ମାଡ଼ କରାଯାଇଥିଲା। ଇରାନ ମଧ୍ୟ ସାଉଦି ଆରବ ଉପରେ ଆକ୍ରମଣ କରିଥିଲା, ଯାହା ଫଳରେ ଜଣେ ମୃତ୍ୟୁବରଣ କରିଥିଲା। ତଥାପି, ଇରାନର ଏହି ଆକ୍ରମଣ ପାକିସ୍ତାନକୁ ଚର୍ଚ୍ଚାକୁ ଆଣିଛି। ପାକିସ୍ତାନ ପୁଣି ଇରାନ ଉପରେ ଆକ୍ରମଣ କରିବ କି ନାହିଁ ସେ ବିଷୟରେ ପ୍ରଶ୍ନ ଉଠାଯାଉଛି। ପ୍ରକୃତରେ, ଗତ ବର୍ଷ ପାକିସ୍ତାନ ଏବଂ ସାଉଦି ଆରବ ଏକ ଚୁକ୍ତି ସସ୍ୱାକ୍ଷର କରିଥିଲେ, ଯାହା ପାକିସ୍ତାନ ଇରାନ ଉପରେ ଆକ୍ରମଣ କରିବ କି ନାହିଁ ସେ ବିଷୟରେ ପ୍ରଶ୍ନ ଉଠାଇଛି।

ସାଉଦି-ପାକିସ୍ତାନ ଚୁକ୍ତି କ'ଣ? ସାଉଦି ଆରବ ଏବଂ ପାକିସ୍ତାନ ୨୦୨୫ ରେ ଏକ ଚୁକ୍ତି ସ୍ୱାକ୍ଷର କରିଥିଲେ। ଏହି ଚୁକ୍ତିକୁ ପାରସ୍ପରିକ ପ୍ରତିରକ୍ଷା ଚୁକ୍ତି ବୋଲି କୁହାଯାଉଥିଲା। ଏହାର ଅର୍ଥ ଥିଲା ଯେ ଗୋଟିଏ ଦେଶ ଉପରେ ଯେକୌଣସି ବାହ୍ୟ ଆକ୍ରମଣକୁ ଅନ୍ୟ ଦେଶ ଉପରେ ଆକ୍ରମଣ ବୋଲି ବିବେଚନା କରାଯିବ। ତଥାପି, ଏହି ଚୁକ୍ତିନାମାରେ କୌଣସି ସ୍ଥାନରେ ଏହା ଉଲ୍ଲେଖ କରାଯାଇ ନାହିଁ ଯେ ଅନ୍ୟ ଦେଶ ସ୍ୱୟଂଚାଳିତ ଭାବରେ ଯୁଦ୍ଧ ଲଢ଼ିବାକୁ ପ୍ରସ୍ତୁତ ହେବ। ଏହାର ଅର୍ଥ ହେଉଛି ଏକ ପ୍ରତିରକ୍ଷା ଚୁକ୍ତିନାମା ଆକ୍ରମଣ ହେଲେ ସେନା ପଠାଇବା ଆବଶ୍ୟକ ନୁହେଁ। ଏପରି ଚୁକ୍ତିନାମା ପ୍ରାୟତଃ ସମର୍ଥନ ଦେଖାଇବା ପାଇଁ କରାଯାଇଥାଏ। ସର୍ବଦା ସିଧାସଳଖ ଯୁଦ୍ଧରେ ଡେଇଁପଡ଼ିବା ଆବଶ୍ୟକ ନୁହେଁ। ଏହା ପୂର୍ବରୁ ପ୍ରମାଣିତ ହୋଇଛି। ଚୁକ୍ତି ସସ୍ୱାକ୍ଷରିତ ହେବା ପରଠାରୁ ତାଲିବାନ ପାକିସ୍ତାନ ଉପରେ ଦୁଇଟି ଆକ୍ରମଣ କରିଛି, କିନ୍ତୁ ସାଉଦି ଆରବ ସେମାନଙ୍କ ସାହାଯ୍ୟକୁ ଆସିନାହିଁ। ପାକିସ୍ତାନ ପାଇଁ ଇରାନରେ ସେନା ମୁତୟନ କରିବା କାହିଁକି କଷ୍ଟକର? ଯଦି ସାଉଦି ଆରବ ସାହାଯ୍ୟ ମାଗେ, ତେବେ ପାକିସ୍ତାନର ନିଷ୍ପତ୍ତି ସହଜ ହେବ ନାହିଁ। ଏହାକୁ ଅନେକ କାରଣକୁ ତୁଳନା କରିବାକୁ ପଡିବ। ଆକ୍ରମଣ କ'ଣ ପ୍ରକୃତରେ ଏତେ ବଡ଼? ଯୁଦ୍ଧ ବଢ଼ିଲେ ଏହାର ପ୍ରଭାବ କ'ଣ ହେବ? ଦେଶ ଭିତରେ ଲୋକମାନେ କ'ଣ ଚାହୁଁଛନ୍ତି? ଇରାନ ସହିତ ସମ୍ପର୍କ ଖରାପ ହେବ? ସାମରିକ ବାହିନୀର ପ୍ରସ୍ତୁତି କ'ଣ? ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପାକିସ୍ତାନ ଇରାନ ସହିତ ସୀମା ଅଂଶୀଦାର କରେ। ଯଦି ସେ ସିଧାସଳଖ ଯୁଦ୍ଧରେ ପ୍ରବେଶ କରେ, ତେବେ ବିପଦ ତା'ର ନିଜ ଅଞ୍ଚଳରେ ପହଞ୍ଚିପାରେ। ଯଦିଓ ପାକିସ୍ତାନ ଚୁକ୍ତିକୁ ସମ୍ମାନ ଦିଏ, ତଥାପି ସେ ଜରୁରୀ ନୁହେଁ ଯେ ସେନା ପଠାଏ। କେତେକ ଦେଶ କେବଳ ବୈଷୟିକ କିମ୍ବା ସୁରକ୍ଷା ସହାୟତା ପ୍ରଦାନ କରନ୍ତି। ଏଥିରେ ସୂଚନା ବଣ୍ଟନ, ବାୟୁ ପ୍ରତିରକ୍ଷା ସହାୟତା, ସାଉଦି ଘାଟିର ସୁରକ୍ଷା, ତାଲିମ କିମ୍ବା ପରାମର୍ଶ ଅନ୍ତର୍ଭୁକ୍ତ ହୋଇପାରେ। ପୂର୍ବରୁ ମଧ୍ୟ ପାକିସ୍ତାନ ଉପସାଗରୀୟ ଦେଶଗୁଡ଼ିକୁ ସାହାଯ୍ୟ କରିଆସୁଛି, କିନ୍ତୁ ପ୍ରତ୍ୟେକ ଥର ଯୁଦ୍ଧରେ ଯୋଗ ଦେଇନଥିଲା।

# ୟୁରୋପକୁ ଗ୍ୟାସ୍ ଯୋଗାଣ ବନ୍ଦ କରିବାକୁ ପୁଟିନଙ୍କ ଧମକ

ମସ୍କୋ: ଇରାନ ଯୁଦ୍ଧର ସୁଯୋଗ ନେଇ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ୟୁରୋପକୁ ଗ୍ୟାସ୍ ଯୋଗାଣ ବନ୍ଦ କରିବାର ଧମକ ଦେଇଛନ୍ତି। ଗଣମାଧ୍ୟମ ସହ କଥା ହୋଇ ସେ କହିଛନ୍ତି, ଇରାନରେ ଯୁଦ୍ଧ ଯୋଗୁ ସୃଷ୍ଟି ହୋଇଥିବା ଗ୍ୟାସ୍ ଅଭାବ ମସ୍କୋକୁ ଅନ୍ୟ ଦେଶକୁ ରପ୍ତାନି କରିବାର ସୁଯୋଗ ଦେଇପାରେ।

ଜାନୁଆରି ୨୬ ତାରିଖରେ ୟୁରୋପୀୟ ସଂଘ ରୁଷ ଗ୍ୟାସ୍ ଆମଦାନି ଉପରେ ବ୍ୟାପକ ନିଷେଧକୁ ମଞ୍ଜୁର କରିବା ପରେ ପୁଟିନଙ୍କ ଏଭଳି ମନ୍ତବ୍ୟ ଆସିଛି । ଏହି ଯୋଜନାରେ ରୁଷ ତରଳୀକୃତ ପ୍ରାକୃତିକ ଗ୍ୟାସ (ଏଲ୍ଏନ୍ଜି) ଓ ପାଇପ୍ଲାଇନ୍ ଗ୍ୟାସ୍‌କୁ ପର୍ଯ୍ୟାୟକ୍ରମେ ବନ୍ଦ କରିବାକୁ କହିଥିଲା। ଯାହା ଦ୍ୱାରା ୨୦୨୭ ଶେଷ ସୁଦ୍ଧା ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ହେବ। କ୍ରେମଲିନ୍ ସାମ୍ବାଦିକ ପାଭେଲ୍ ଜାରୁବିନ୍‌ଙ୍କ ସହ କଥାବାର୍ତ୍ତା ସମୟରେ ପୁଟିନ୍ ୟୁରୋପ ପ୍ରତିବନ୍ଧକ ଲାଗୁ କରିବା ପୂର୍ବରୁ ଗ୍ୟାସ୍ ରପ୍ତାନି ବନ୍ଦ କରିବାକୁ କହିଛନ୍ତି। ୟୁରୋପୀୟ ସଂଘ ଗୋଟିଏ ମାସ ମଧ୍ୟରେ ରୁଷୀୟ ଗ୍ୟାସ୍ କ୍ରୟ ଉପରେ କଟକଣା ଲାଗୁ କରିବାକୁ ଯୋଜନା କରୁଥିବା ପୁଟିନ କହିଛନ୍ତି। ଏବେ ରୁଷ ପାଇଁ ଅନ୍ୟ ବଜାରଗୁଡ଼ିକ ଖୋଲିବାରେ ଲାଗିଛି। ବର୍ତ୍ତମାନ ୟୁରୋପୀୟ ବଜାରକୁ ଯୋଗାଣ ବନ୍ଦ କରିବା ଆମ ପାଇଁ ଅଧିକ ଲାଭଦାୟକ ହୋଇପାରେ। ଖୋଲିଥିବା ନୂଆ ବଜାରକୁ ଯିବା ପାଇଁ ଆମେ ଯୋଜାନ କରୁଛୁ। ଆମେରିକା-ଇରାନ ଯୁଦ୍ଧ ଯୋଗୁ ସଙ୍କଟ ବଢିବାରେ ଲାଗିଛି। ଏହା ମଧ୍ୟପ୍ରାଚ୍ୟକୁ ହିଂସାକୁ ଠେଲି ଦେଇଛି। ଫଳରେ ସାରା ବିଶ୍ୱରେ ତେଲ ଏବଂ ଗ୍ୟାସ୍‌ର ମୂଲ୍ୟ ବୃଦ୍ଧି ପାଇଛି। ହର୍ମୁଜ୍ ପ୍ରଣାଳୀ ବନ୍ଦ ହେବା ଯୋଗୁ ଗ୍ରାହକମାନେ ଅଧିକ ମୂଲ୍ୟରେ ପ୍ରାକୃତିକ ଗ୍ୟାସ୍ କିଣିବାକୁ ବାଧ ହେଉଛନ୍ତି। ଏହା ଏକ ସ୍ୱାଭାବିକ ସ୍ଥିତି, ଏଠାରେ ଅନ୍ୟ କିଛି ନାହିଁ, କୌଣସି ରାଜନୈତିକ ଏଜେଣ୍ଡା ନାହିଁ , ଏହା କେବଳ ବ୍ୟବସାୟ ବୋଲି ପୁଟିନ କହିଛନ୍ତି। ରୁଷ ସର୍ବଦା ଆମର ସମସ୍ତ ସହଯୋଗୀଙ୍କ ପାଇଁ ଏକ ନିର୍ଭରଯୋଗ୍ୟ ଶକ୍ତି ଯୋଗାଣକାରୀ ହୋଇଆସିଛି। ଏହା ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ପୁଟିନ କହିଛନ୍ତି।

# ଏମଭିଏ ପକ୍ଷରୁ ଶରଦ ପାୱାର ରାଜ୍ୟସଭା

ମୁମ୍ବାଇ: ମହାରାଷ୍ଟ୍ରରେ ବିରୋଧୀ ଦଳ ପକ୍ଷରୁ ଶରଦ ପାୱାରଙ୍କ ରାଜ୍ୟସଭା ଆସନ ପ୍ରାୟ ନିଶ୍ଚିତ ହୋଇଛି। କଂଗ୍ରେସ ଦଳ, ନ୍ୟାସନାଲିଷ୍ଟ କଂଗ୍ରେସ ପାର୍ଟି (ଶରଦ ଚନ୍ଦ୍ର ପାୱାର)ର ମୁଖ୍ୟ ଶରଦ ପାୱାରଙ୍କୁ ସମର୍ଥନ ଦେଇଛି। ମହାରାଷ୍ଟ୍ରରେ ୭ଟି ଆସନ ପାଇଁ ନିର୍ବାଚନ ହେବାକୁ ଯାଉଛି। ସେଥିମଧ୍ୟରୁ ଏମଭିଏ ଗୋଟିଏ ଜିତିବାର ସମ୍ଭାବନା ଅଛି। ଏଆଇସିସି ସାଧାରଣ ସମ୍ପାଦକ ରମେଶ ଚେନ୍ନି ଥଲା କହିଛନ୍ତି ଯେ, କଂଗ୍ରେସ ନେତୃତ୍ୱ ତାଙ୍କୁ ମାର୍ଚ୍ଚ ୧୬ ନିର୍ବାଚନରେ ପାୱାରଙ୍କୁ ସମର୍ଥନ କରିବାର ନିଷ୍ପତ୍ତି ବିଷୟରେ ଜଣାଇବାକୁ କହିଛନ୍ତି। ପାୱାର ବର୍ତ୍ତମାନ ରାଜ୍ୟସଭା ସଦସ୍ୟ ଅଛନ୍ତି । ମାର୍ଚ୍ଚ ୫ ତାରିଖ ନାମାଙ୍କନ ପତ୍ର ଦାଖଲ କରିବାର ଶେଷ ତାରିଖର ଗୋଟିଏ ଦିନ ପୂର୍ବରୁ ଏହି ନିଷ୍ପତ୍ତି ନେଇଛି କଂଗ୍ରେସ । ପୂର୍ବରୁ ଗଠଇ (କଂଗ୍ରେସ, ନ୍ୟାସନାଲିଷ୍ଟ କଂଗ୍ରେସ ପାର୍ଟି (ଶରଦଚନ୍ଦ୍ର ପାୱାର) ଏବଂ ଶିବସେନା (ୟୁବିଟି) ) ଏହି ଆସନ ପାଇଁ ସେମାନଙ୍କର ଦାବି ଉପସ୍ଥାପନ କରିଥିଲେ। ମହା ବିକାଶ ଅଘାଡ଼ି ୭ଟି ଆସନରୁ ଗୋଟିଏ ଜିତିପାରେ । ଏହି ଆସନ ଏପ୍ରିଲରେ ଖାଲି ହେବ। ପୂର୍ବରୁ ମହାରାଷ୍ଟ୍ର କଂଗ୍ରେସ ନେତା ହୁସେନ ଦଲୱାଇ କହିଥିଲେ, 'କଂଗ୍ରେସ କହୁଛି ଯେ, ବର୍ତ୍ତମାନର ରାଜ୍ୟସଭା ଆସନ ଆମକୁ ଦିଆଯିବା ଉଚିତ । ବିଧାନସଭା ପରିଷଦ ଆସନ ଶିବସେନା ନେବା ଉଚିତ । ଏପର୍ଯ୍ୟନ୍ତ କୌଣସି ସହମତି ହୋଇନାହିଁ। ସମୟକ୍ରମେ ଏକ ସମାଧାନ ମିଳିଯିବ। ମେଣ୍ଟ ଭାଙ୍ଗିବ ନାହିଁ।' କିନ୍ତୁ ଏବେ କଂଗ୍ରେସ ଶରଦ ପାୱାରଙ୍କୁ ସମର୍ଥନ କରିବାକୁ ରାଜି ହୋଇଛି । ସେପଟେ ସପ୍ତମ ଆସନ ଲାଗି ଯଦି ଶରଦ ପାୱାର ପ୍ରାର୍ଥୀ ହୁଅନ୍ତି, ତେବେ ବିଜେପି ମଧ୍ୟ ସମର୍ଥନ କରପାରେ । କିନ୍ତୁ ଯଦି ଶିବସେନା (ୟୁବିଟି) କିମ୍ବା କଂଗ୍ରେସରୁ କେହି ପ୍ରାର୍ଥୀ ହୁଅନ୍ତି, ତେବେ ବିଜେପି ନିଜର ପ୍ରାର୍ଥୀ ଦେଇପାରେ ବୋଲି କୁହାଯାଉଛି । ଶରଦ ପାୱାରଙ୍କୁ ବିଜେପିର ସମର୍ଥନ ମିଳିଲେ, ତାଙ୍କର ରାଜ୍ୟସଭା ଯିବା ନିଶ୍ଚିତ ହୋଇଯିବ ।



# ଜଳୁଛି ମଧ୍ୟପ୍ରାଚ୍ୟ, ବଢୁଛି ତେଲ ଦର

ନୂଆଦିଲ୍ଲୀ :ଆମେରିକା ଓ ଇସ୍ରାଏଲ ସହିତ ଇରାନର ଯୁଦ୍ଧ ତୀବ୍ର ହେବାରେ ଲାଗିଛି । ଯୁଦ୍ଧ ବି ଏତେ ଶୀଘ୍ର ବନ୍ଦ ହେବାର ନଜର ଆସୁନି । ଯଦିଓ ଏହାର ପ୍ରଭାବ ସାରା ବିଶ୍ୱରେ ଷ୍ଟକ୍ ମାର୍କେଟ କ୍ରାସ୍ ରୂପରେ ଦୃଶ୍ୟମାନ ହେଉଛି । ଏହି ଯୁଦ୍ଧ ମଧ୍ୟପ୍ରାଚ୍ୟରେ ମଧ୍ୟ ତୈଳ ମୂଲ୍ୟରେ ନିଆଁ ଲଗାଇ ଦେଇଛି । ଯୁଦ୍ଧ ଆରମ୍ଭ ହେବା ପରଠାରୁ ଅଶୋଧିତ ତୈଳ ମୂଲ୍ୟରେ ତୀବ୍ର ବୃଦ୍ଧି ଘଟିଛି । ବ୍ରେଣ୍ଟ ଅଶୋଧିତ ତୈଳର ମୂଲ୍ୟ ପ୍ରତି ବ୍ୟାରେଲ ଡଲାର ୮୦ ଅତିକ୍ରମ କରିଛି।




ତୈଳ ଓ ଗ୍ୟାସ ମୂଲ୍ୟ ବୃଦ୍ଧି: ମଧ୍ୟପ୍ରାଚ୍ୟରେ ବଢୁଥିବା ଯୁଦ୍ଧ ଓ ହରମୁଜ୍ ପ୍ରଣାଳୀ ଅବରୋଧ ଆନ୍ତର୍ଜାତୀୟ ଅଶୋଧିତ ତୈଳ ମୂଲ୍ୟ ଉପରେ ସିଧାସଳଖ ପ୍ରଭାବ ପକାଉଛି। ବ୍ରେଣ୍ଟ ଅଶୋଧିତ ତୈଳ ମୂଲ୍ୟ ପ୍ରତି ବ୍ୟାରେଲ ଡଲାର ୮୦ ଅତିକ୍ରମ କରିଛି, ମାତ୍ର ଦୁଇ ଦିନରେ ପ୍ରାୟ ୯ % ବୃଦ୍ଧି ପାଇଛି। କିଛି ସମୟ ପାଇଁ, ଏହା ଡଲାର ୮୫ ଅତିକ୍ରମ କରିଛି। ସୋମବାର ଦିନ ଏକ ଗୁରୁତ୍ୱପୂର୍ଣ୍ଣ ବୃଦ୍ଧି ପରେ ମଙ୍ଗଳବାର ବ୍ରିଟେନରେ ଗ୍ୟାସ ମୂଲ୍ୟ ମଧ୍ୟ ବୃଦ୍ଧି ପାଇଛି । ତିନି ବର୍ଷର ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି । ଏହାର ଅର୍ଥ ହେଉଛି ମଧ୍ୟପ୍ରାଚ୍ୟ ଯୁଦ୍ଧର ପ୍ରଭାବ ବିଶ୍ୱ ସ୍ତରରେ ପଡ଼ିବା ଆରମ୍ଭ ହୋଇଛି।

ହରମୁଜରେ ଅବରୋଧ ପ୍ରଭାବ: ହର୍ମୁଜ୍ ପ୍ରଣାଳୀ ତୈଳ ମୂଲ୍ୟରେ ତୀବ୍ର ବୃଦ୍ଧିର ଏକ ପ୍ରମୁଖ କାରଣ। ଇରାନ ଉପରେ ଆମେରିକା-ଇସ୍ରାଏଲ ଆକ୍ରମଣ ପରେ ଏହା ଦେଇ ତେଲ ଓ ଗ୍ୟାସ ଟ୍ୟାଙ୍କରଗୁଡ଼ିକର ପରିବହନ ବାଧାପ୍ରାପ୍ତ ହୋଇଥିଲା। ହରମୁଜ୍ ପ୍ରଣାଳୀ ଏକ ଗୁରୁତ୍ୱପୂର୍ଣ୍ଣ ତୈଳ ମାର୍ଗ, ଓ ଏହା ଦେଇ ତୈଳ ପରିବହନ ବିଶ୍ୱ ଅର୍ଥନୀତି ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପ୍ରକୃତରେ, ବିଶ୍ୱର ପ୍ରାୟ ୨୦% ତୈଳ ଓ ଗ୍ୟାସ ଏହି ଜଳପଥ ଦେଇ ପରିବହନ କରାଯାଏ । ଯାହା ଆମେରିକା-ଇସ୍ରାଏଲ-ଇରାନ ଯୁଦ୍ଧ ପରେ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି।

ଯୁଦ୍ଧ କ'ଣ ପରିବର୍ତ୍ତନ କରିଛି? : ଇରାନ ଯୁଦ୍ଧ ଉତ୍ତେଜନା ମଧ୍ୟରେ, ବିଶ୍ୱର ସବୁଠାରୁ ବଡ଼ ଗ୍ୟାସ ରପ୍ତାନିକାରୀ ଦେଶ କାତାର ଏନର୍ଜି, ଏହାର ସୁବିଧା ଉପରେ ଆକ୍ରମଣ ପରେ ଉତ୍ପାଦନ ବନ୍ଦ କରିବା ପରେ ଗ୍ୟାସ ମୂଲ୍ୟ ବୃଦ୍ଧି ପାଇଛି। ତୈଳ ମୂଲ୍ୟ ବୃଦ୍ଧି ଅର୍ଥନୀତିକୁ ପ୍ରଭାବିତ କରିପାରେ ଓ ମୋଟର ଇନ୍ଧନ, ପରିବହନ ଏବଂ ଖାଦ୍ୟ ଭଳି ସାମଗ୍ରୀର ମୂଲ୍ୟ ବୃଦ୍ଧି କରିପାରେ। ଏହି ସଂଘର୍ଷ କେବଳ ବିଶ୍ୱ ଶକ୍ତି ବଜାରରେ ମୂଲ୍ୟ ବୃଦ୍ଧି କରିନାହିଁ ବରଂ ତୈଳ ପରିବହନ ଖର୍ଚ୍ଚ ମଧ୍ୟ ବୃଦ୍ଧି କରିଛି। ଲଣ୍ଡନ ଷ୍ଟକ୍ ଏକ୍ସଚେଞ୍ଜ ଗ୍ରୁପର ତଥ୍ୟ ଅନୁଯାୟୀ, ମଧ୍ୟପ୍ରାଚ୍ୟରୁ ଚୀନକୁ ତୈଳ ପରିବହନ ପାଇଁ ଏକ ସୁପରଟ୍ୟାଙ୍କର୍ ଭଡା ନେବାର ଖର୍ଚ୍ଚ ସୋମବାର ଦିନ ପ୍ରତି ଦିନ ଡଲାର ୪୦୦,୦୦୦ ରୁ ଅଧିକ ରେକର୍ଡ କରାଯାଇଛି, ଯାହା ପୂର୍ବ ସପ୍ତାହର ସ୍ତରର ପ୍ରାୟ ଦୁଇଗୁଣ ଏବଂ ଏକ ଜୀବନବ୍ୟାପୀ ସର୍ବାଧିକ।ପେଟ୍ରୋଲ ଓ ଡିଜେଲ ଉପରେ ଅଶୋଧିତ ତୈଳର ପ୍ରଭାବଭାରତରେ ପେଟ୍ରୋଲ ଓ ଡିଜେଲ ମୂଲ୍ୟ ଉପରେ ଅଶୋଧିତ ତୈଳର ମୂଲ୍ୟ ହ୍ରାସର ପ୍ରଭାବ ବିଷୟରେ, ଦେଶରେ ଇନ୍ଧନ ମୂଲ୍ୟ ଅନେକ କାରଣ ଉପରେ ନିର୍ଭର କରେ। ସହରରୁ ସହର ପର୍ଯ୍ୟନ୍ତ ମୂଲ୍ୟ ଭିନ୍ନ ହୋଇଥାଏ।

ତଥାପି, ବିଶ୍ୱ ବଜାରରେ ବ୍ରେଣ୍ଟ ଅଶୋଧିତ ତୈଳର ମୂଲ୍ୟ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ନିର୍ଣ୍ଣୟ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରେ। ଏହା ବ୍ୟତୀତ, ଘରୋଇ ଉତ୍ପାଦ ଶୁଳ୍କ ଏବଂ ରାଜ୍ୟ ଭାଟ୍ ମଧ୍ୟ ଏହି ମୂଲ୍ୟରେ ଯୋଡା ଯାଇଥାଏ।ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଯଦି ଆନ୍ତର୍ଜାତୀୟ ସ୍ତରରେ ଅଶୋଧିତ ତୈଳ ମୂଲ୍ୟ ପ୍ରତି ବ୍ୟାରେଲ ପ୍ରତି ଡଲାର ୧ ବୃଦ୍ଧି ପାଏ । ତେବେ ଭାରତରେ ପେଟ୍ରୋଲ ଓ ଡିଜେଲ ମୂଲ୍ୟ ପ୍ରତି ଲିଟର ପିଛା ୫୦ ରୁ ୬୦ ପଇସା ବୃଦ୍ଧି ପାଇବାର ସମ୍ଭାବନା ଅଛି। ତଥାପି, ଯଦି ୧୧ ହ୍ରାସ ପାଏ । ତେବେ ପେଟ୍ରୋଲ ଓ ଡିଜେଲର ମୂଲ୍ୟ ସମାନ ଅନୁପାତରେ ହ୍ରାସ ପାଇପାରେ। ଅଶୋଧିତ ତୈଳ ମୂଲ୍ୟରେ ହଠାତ୍ ବୃଦ୍ଧି ଓ ଆମେରିକା-ଇସ୍ରାଏଲ-ଇରାନ ବିବାଦ ବୃଦ୍ଧି ପାଇବାକୁ ଦୃଷ୍ଟିରେ ରଖି, ଏହି ମୂଲ୍ୟ ଆହୁରି ବୃଦ୍ଧି ପାଇବାର ଆଶଙ୍କା କରାଯାଉଛି।

ବଢିବ ମୁଦ୍ରାସ୍ଫୀତି: ରିପୋର୍ଟ ଅନୁଯାୟୀ, ଭାରତ ପ୍ରତିଦିନ ପ୍ରାୟ ୩.୭ ନିୟୁତ ବ୍ୟାରେଲ ଅଶୋଧିତ ତୈଳ ବ୍ୟବହାର କରେ । ଏହି ଚାହିଦା ପୂରଣ କରିବା ପାଇଁ ଦେଶ ଏହାର ପ୍ରାୟ ୮୦% ଅଶୋଧିତ ତୈଳ ଆମଦାନୀ କରେ। ଏଥିରେ ହର୍ମୁଜ୍ ପ୍ରଣାଳୀ ଦେଇ ଆସୁଥିବା ଏକ ଗୁରୁତ୍ୱପୂର୍ଣ୍ଣ ପରିମାଣର ତେଲ ଅନ୍ତର୍ଭୁକ୍ତ। ତୈଳ ମୂଲ୍ୟ ବୃଦ୍ଧି ଦେଶରେ ମୁଦ୍ରାସ୍ଫୀତିର ଅଧିକ ବିପଦ ମଧ୍ୟ ସୃଷ୍ଟି କରେ। ପ୍ରକୃତରେ, ପରିବହନ ଖର୍ଚ୍ଚ ବୃଦ୍ଧି ପାଇବା ଦ୍ୱାରା ଅତ୍ୟାବଶ୍ୟକୀୟ ସାମଗ୍ରୀର ମୂଲ୍ୟ ବୃଦ୍ଧି ପାଇପାରେ, ଯାହା ମୁଦ୍ରାସ୍ଫୀତିର ବିପଦ ବୃଦ୍ଧି ପାଏ। ଏହା ସିଧାସଳଖ ସାଧାରଣ ଲୋକଙ୍କ ପକେଟକୁ ପ୍ରଭାବିତ କରିବ।

# ପଶ୍ଚିମ ଏସିଆ ଯୁଦ୍ଧ ଏବେ ଦକ୍ଷିଣ ଏସିଆ ପହଞ୍ଚିଲା ଇରାନର ଯୁଦ୍ଧ ଜାହାଜକୁ ବୁଡାଇଲା ଆମେରିକା : ୮୭ ମୃତ



କଲୋମ୍ବୋ: ପଶ୍ଚିମ ଏସିଆ ଯୁଦ୍ଧ ଏବେ ଦକ୍ଷିଣ ଏସିଆ ପର୍ଯ୍ୟନ୍ତ ପହଞ୍ଚିଲାଣି। କାରଣ ଭାରତ ଠାରୁ ଅଳ୍ପ ଦୂରରେ ଏକ ବଡ଼ ଆକ୍ରମଣ ହୋଇଛି। ଆଉ ଏହି ଆକ୍ରମଣର ଗନ୍ଧ ଓ ଶକ୍ତିକୁ ଧୀରେ ଧୀରେ ଭାରତକୁ ଅନୁଭବ ହେବା ଆରମ୍ଭ ହୋଇଗଲାଣି। ଶ୍ରୀଲଙ୍କାର ଭାରତ ମହାସାଗରରେ ଇରାନର ଏକ ଯୁଦ୍ଧଜାହାଜକୁ ଧକ୍କା ଦେଇ ବୁଡ଼ାଇ ଦେଇଛି ଆମେରିକୀୟ ବୁଡ଼ାଜାହାଜ। ଏଥିରେ ଅତି କମରେ ୮୭ ଜଣଙ୍କର ମୃତ୍ୟୁ ହୋଇଛି। ଆମେରିକା ଓ ଇରାନ ନୌସେନାରୁ ତଥ୍ୟ ନେଇ ବୁଧବାର ଏହି ଖବର ପ୍ରକାଶ କରିଛି ଆସୋସିଏଟେଡ୍ ପ୍ରେସ୍। ଶ୍ରୀଲଙ୍କାର ଦକ୍ଷିଣ ଉପକୂଳ ନିକଟରେ ଏକ ଆମେରିକୀୟ ବୁଡ଼ାଜାହାଜ ଇରାନୀ ଜାହାଜ ଉପରେ ଆକ୍ରମଣ କରିଥିବା କଥା ଆମେରିକାର ପ୍ରତିରକ୍ଷା ସଚିବ ପିଟ୍ ହେଗସେଥ୍ ସ୍ପଷ୍ଟ କରିବା ପରେ ଏହା ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଛି। ଏହି ଆକ୍ରମଣ ନେଇ ଶ୍ରୀଲଙ୍କାର ବୈଦେଶିକ ମନ୍ତ୍ରୀ ବିଜିତା ହେରାଥ ପୂର୍ବରୁ ସଂସଦକୁ କହିଥିଲେ ଯେ ମଉଜ-କ୍ଲାସ୍ ଫ୍ରିଗେଟ୍ ଆଇଆରଆଇଏସ୍ ଡେନା ନାମକ ଏହି ଯୁଦ୍ଧ ଜାହାଜରେ ପ୍ରାୟ ୧୮୦ ଜଣ ଲୋକ ଥିଲେ। ବିପଦ ସଂକେତ ସ୍ୱରୂପ ଡିସଟ୍ରେସ୍ କଲ୍ କରିବା ପରେ ଏହା ଦ୍ୱୀପରୁ ପ୍ରାୟ ୪୦ ନଟିକାଲ୍ ମାଇଲ୍ ଦୂରରେ ବୁଡ଼ି ଯାଇଥିଲା।

ଶ୍ରୀଲଙ୍କା ଅଧିକାରୀ ଏହି ଘୋଷଣା କରିବାର କିଛି ସମୟ ପରେ ଆମେରିକା ଏନେଇ ସ୍ପଷ୍ଟ କରିଥିଲା। ହେଗ୍ସେଥ କହିଥିଲେ ଶ୍ରୀଲଙ୍କାର ଦକ୍ଷିଣ ଉପକୂଳରେ ଏକ ଆମେରିକୀୟ ବୁଡ଼ାଜାହାଜ ଇରାନର ଏକ ଯୁଦ୍ଧଜାହାଜକୁ ବୁଡ଼ାଇ ଦେଇଛି। ଆମେରିକାର ଏକ ସାମରିକ ବୁଡ଼ାଜାହାଜ ଦ୍ୱାରା ଏହି ଆକ୍ରମଣ କରାଯାଇଥିଲା ବୋଲି ହେଗ୍ସେଥ ସୂଚନା ଦେଇଛନ୍ତି। ଆଇଆରଆଇଏନଏସ ଡେନା ନାମକ ଏହି ଜାହାଜଟି ଇରାନ ଫେରିବା ଯାତ୍ରା ଆରମ୍ଭ କରିବା ପୂର୍ବରୁ ଭାରତରେ ଆନ୍ତର୍ଜାତୀୟ ନୌସେନା ସମୀକ୍ଷା ୨୦୨୬ ରେ ଅଂଶ ଗ୍ରହଣ କରିଥିଲା। ୱେବସାଇଟ୍ ଅନୁଯାୟୀ, ଏହା ଫେବୃଆରୀ ୧୮ରୁ ଫେବୃଆରୀ ୨୫ ପର୍ଯ୍ୟନ୍ତ ବଙ୍ଗୋପସାଗରରେ ଅନୁଷ୍ଠିତ ଏକ ନୌସେନା ଅଭ୍ୟାସରେ ଅଂଶଗ୍ରହଣ କରୁଥିବା ଭାବରେ ତାଲିକାଭୁକ୍ତ ହୋଇଥିଲା। ତେବେ ଆମେରିକାର ଷ୍ଟ୍ରାଇକ୍ ପରେ ଶ୍ରୀଲଙ୍କା ପକ୍ଷରୁ ଲୋକଙ୍କୁ ଉଦ୍ଧାର କରିବା କାର୍ଯ୍ୟ ଜାରି ରହିଛି। ଶ୍ରୀଲଙ୍କା କର୍ତ୍ତୃପକ୍ଷ କହିଛନ୍ତି ଯେ ୩୨ ଜଣଙ୍କୁ ଜୀବିତ ଉଦ୍ଧାର କରାଯାଇଥିବା ବେଳେ ସମୁଦ୍ରରୁ ଅନେକ ମୃତଦେହ ଉଦ୍ଧାର କରାଯାଇଛି। ଆହତମାନଙ୍କୁ ଦକ୍ଷିଣ ବନ୍ଦର ସହର ଗାଲେର ଏକ ସରକାରୀ ହସ୍ପିଟାଲରେ ଚିକିତ୍ସା କରାଯାଉଛି। ବର୍ତ୍ତମାନ ମୃତକଙ୍କ ସଠିକ ସୂଚନା ଦିଆଯାଇପାରିବ ନାହିଁ ବୋଲି ଶ୍ରୀଲଙ୍କା ନୌସେନା ମୁଖପାତ୍ର କମାଣ୍ଡର ବୁଦ୍ଧିକା ସମ୍ପଥ କହିଛନ୍ତି।

# ରାଜ୍ୟସଭା ପାଇଁ ନାମାଙ୍କନ ଭରିଲେ ନୀତିଶ

ନୂଆଦିଲ୍ଲୀ: ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର ରାଜ୍ୟସଭା ପାଇଁ ନାମାଙ୍କନ ଦାଖଲ କରିଛନ୍ତି। ଏହି ଅବସରରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ, ବିଜେପି ସଭାପତି ନୀତିନ ନବୀନ ଏବଂ ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ରାଜ୍ୟସଭାରେ ପ୍ରବେଶ ବିହାରରେ ନୂତନ ସରକାରଙ୍କର ସ୍ଲୋଗାନ ହେବ। ମୁଖ୍ୟମନ୍ତ୍ରୀଙ୍କଠାରୁ କ୍ୟାବିନେଟ ପର୍ଯ୍ୟନ୍ତ ଏକ ବଡ଼ ପରିବର୍ତ୍ତନ ହେବ। ତଥାପି ନୀତିଶଙ୍କ ଏହି ନିଷ୍ପତ୍ତି ଜେଡିୟୁ କର୍ମୀଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ସୃଷ୍ଟି କରୁଛି। ଦଳବ୍ୟତୀତ ଆରଜେଡି ମଧ୍ୟ ନୀତିଶ କୁମାର ଏବଂ ବିଜେପିକୁ ଟାର୍ଗେଟ କରୁଛି। ଆରଜେଡି ନେତା ଶକ୍ତି ସିଂହ ଯାଦବ କହିଛନ୍ତି ଯେ ୨୦୨ ଆସନରେ ଜିତି କ୍ଷମତାକୁ ଆସିଥିବା ମୁଖ୍ୟମନ୍ତ୍ରୀଙ୍କୁ ରାଜ୍ୟସଭା ପଠାଯାଉଛି। ଏବେ ନୀତିଶ କୁମାରଙ୍କ ପୁଅଙ୍କୁ ଉପମୁଖ୍ୟମନ୍ତ୍ରୀ ପଦ ପାଇଁ ଲୋଭ ଦେଖାଯାଉଛି। ସେପଟେ ରାଜ୍ୟସଭାରେ ଯୋଗଦେବାର କାରଣ ପ୍ରକାଶ କରି ନୀତିଶ କୁମାର ଲେଖିଛନ୍ତି ଯେ ଯେତେବେଳେ ମୁଁ ମୋର ସଂସଦୀୟ କ୍ୟାରିଅର ଆରମ୍ଭ କରିଥିଲି, ସେତେବେଳେ ମୋ ମନରେ ବିହାର ବିଧାନସଭାର ଉଭୟ ଗୃହ ଏବଂ ସଂସଦର ଉଭୟ ଗୃହର ସଦସ୍ୟ ହେବାକୁ ଇଚ୍ଛା ଥିଲା। ମୁଁ ଆଗାମୀ ନିର୍ବାଚନରେ ରାଜ୍ୟସଭାର ସଦସ୍ୟ ହେବାକୁ ଚାହୁଁଛି। ନୂତନ ସରକାରଙ୍କୁ ମୋର ପୂର୍ଣ୍ଣ ସହଯୋଗ ଏବଂ ମାର୍ଗଦର୍ଶନ ମିଳିବ। ନୀତିଶ କୁମାର ପୋଷ୍ଟରେ କହିଛନ୍ତି ଯେ ମୁଁ ଆପଣଙ୍କୁ ଆଶ୍ୱସ୍ତ କରିବାକୁ ଚାହୁଁଛି ଯେ ଭବିଷ୍ୟତରେ ଆପଣଙ୍କ ସହିତ ମୋର ସମ୍ପର୍କ ଜାରି ରହିବ । ଏବଂ ମୁଁ ଆପଣଙ୍କ ସହିତ ମିଶି ଏକ ବିକଶିତ ବିହାର ଗଠନ କରିବାକୁ ଦୃଢ଼ ପ୍ରତିବଦ୍ଧ ରହିବି।

# ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ବାତିଲ

ନୂଆଦିଲ୍ଲୀ: କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ ଗୁରୁବାର ଦିନ ମଧ୍ୟପ୍ରାଚ୍ୟ ଉତ୍ତେଜନା ବୃଦ୍ଧି ପାଇବା ଯୋଗୁଁ ମାର୍ଚ୍ଚ ୧୧ ପର୍ଯ୍ୟନ୍ତ ନିର୍ଦ୍ଧାରିତ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ବାତିଲ କରିଛି। ଖୁବଶୀଘ୍ର ସିବିଏସଇ ଏହି ପ୍ରାର୍ଥୀମାନଙ୍କ ପାଇଁ ଫଳାଫଳ ଘୋଷଣା କରିବାର ପଦ୍ଧତି ଘୋଷଣା କରିବ ବୋଲି ଅଧିକାରୀ କହିଛନ୍ତି। ମଧ୍ୟପ୍ରାଚ୍ୟର ବାହାରିନ, ଇରାନ, କୁଓ୍ୱେତ, ଓମାନ, କତାର, ସାଉଦି ଆରବ ଏବଂ ୟୁଏଇରେ ବର୍ତ୍ତମାନର ପରିସ୍ଥିତି ଯୋଗୁଁ, ବୋର୍ଡ ମାର୍ଚ୍ଚ ୧୧ ପର୍ଯ୍ୟନ୍ତ ନିର୍ଦ୍ଧାରିତ ଦଶମ ଶ୍ରେଣୀ ପରୀକ୍ଷା ବାତିଲ କରିବାକୁ ନିଷ୍ପତ୍ତି ନେଇଛି। ଦ୍ୱାଦଶ ଶ୍ରେଣୀ ପାଇଁ, ମାର୍ଚ୍ଚ ୭ରେ ନିର୍ଦ୍ଧାରିତ ପରୀକ୍ଷା ସ୍ଥଗିତ ରଖାଯାଇଛି ଏବଂ ଭବିଷ୍ୟତ ପରୀକ୍ଷା ପାଇଁ ପରିସ୍ଥିତି ସମୀକ୍ଷା କରାଯିବ ବୋଲି ବୋର୍ଡ କହିଛି। ପୂର୍ବରୁ ବୋର୍ଡ ଉଭୟ ଶ୍ରେଣୀ ପାଇଁ ଏହି ଅଞ୍ଚଳରେ ୨, ୫ ଏବଂ ୬ ମାର୍ଚ୍ଚରେ ନିର୍ଦ୍ଧାରିତ ପରୀକ୍ଷା ସ୍ଥଗିତ ରଖିଥିଲା।

ଆମେରିକା ଏବଂ ଇସ୍ରାଏଲ ଫେବୃଆରୀ ୨୮ରେ ଇରାନ ଉପରେ ସାମରିକ ଆକ୍ରମଣ କରିଥିଲେ, ଯେଉଁଥିରେ ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନିଙ୍କ ମୃତ୍ୟୁ ହୋଇଥିଲା। ସାମରିକ ଆକ୍ରମଣ ପରେ, ଇରାନ ଇସ୍ରାଏଲ, ୟୁଏଇ, ବାହାରିନ, କୁଏତ, ଜୋର୍ଡାନ ଏବଂ ସାଉଦି ଆରବ ସମେତ ଅନେକ ଉପସାଗରୀୟ ଦେଶରେ ଥିବା ଆମେରିକୀୟ ସାମରିକ ଘାଟିକୁ ଟାର୍ଗେଟ କରି ଆକ୍ରମଣର ଏକ ଧାରା ଚଳାଇଛି।

# ଯୁଦ୍ଧ ମଧ୍ୟରେ ବିନାଶକାରୀ କ୍ଷେପଣାସ୍ତ୍ର ପରୀକ୍ଷଣ କଲା ଆମେରିକା



ୱାଶିଂଟନ, ୭/୩: ଇରାନ ସହିତ ଚାଲିଥିବା ଯୁଦ୍ଧ ମଧ୍ୟରେ, ଆମେରିକା ମଙ୍ଗଳବାର କାଲିଫର୍ନିଆ ଉପକୂଳରେ ଏକ ଡୁମ୍ସଡେ ବାଲିଷ୍ଟିକ କ୍ଷେପଣାସ୍ତ୍ର ପରୀକ୍ଷଣ କରିଛି। ରିପୋର୍ଟ ଅନୁସାରେ, ମିନିଟ ମ୍ୟାନ ୩ ବାଲିଷ୍ଟିକ କ୍ଷେପଣାସ୍ତ୍ର ରାତି ୧୧ ଟାରେ ସାଣ୍ଟା ବାର୍ବାରା ନିକଟସ୍ଥ ଭେଣ୍ଡେନବର୍ଗ ସ୍ପେସ ଫୋର୍ସ ବେସ୍‌ରୁ ଲଞ୍ଚ କରାଯାଇଛି। ଆମେରିକା ସ୍ପେସ ଫୋର୍ସ ଅନୁଯାୟୀ, ଜିଟି ୨୫୪ ନାମରେ ଜଣାଶୁଣା ଏହି ରକେଟ ପଶ୍ଚିମ-କେନ୍ଦ୍ରୀୟ ପ୍ରଶାନ୍ତ ମହାସାଗରରେ ମାର୍ଶାଲ ଦ୍ୱୀପପୁଞ୍ଜ ନିକଟରେ ଏହାର ଲକ୍ଷ୍ୟସ୍ଥଳରେ ଅବତରଣ କରିଥିଲା। ଫୋର୍ସର ଗ୍ଲୋବାଲ ଷ୍ଟ୍ରାଇକ କମାଣ୍ଡ ଅନୁଯାୟୀ, ପ୍ରସ୍ତୁତି ଏବଂ ସଠିକତା ଯାଞ୍ଚ କରିବା ପାଇଁ କ୍ଷେପଣାସ୍ତ୍ରକୁ ଉଡ଼ାଣ କରାଯାଇଥିଲା। ବାୟୁସେନା ଗ୍ଲୋବାଲ ଷ୍ଟ୍ରାଇକ କମାଣ୍ଡ କହିଛନ୍ତି, ମଙ୍ଗଳବାର ପରୀକ୍ଷଣ-ଉଦ୍‌ଘାଟନ ନିୟମିତ ଥିଲା ଏବଂ ବହୁ ବର୍ଷ ଧରି ସ୍ଥିର କରାଯାଇଥିଲା। ମିନିଟ ମ୍ୟାନ ୩ କ୍ଷେପଣାସ୍ତ୍ର ହେଉଛି ଆମେରିକାର ପରମାଣୁ ତ୍ରିକୋଣର ଏକ ଅଂଶ। ଏହା ସ୍ଥଳ, ସମୁଦ୍ର ଏବଂ ଆକାଶରୁ ବିଶ୍ୱ ଧ୍ୱଂସ କରିପାରିବା ପାଇଁ ସକ୍ଷମ ଅସ୍ତ୍ର ନିକ୍ଷେପ କରିବାର କ୍ଷମତା ରଖିଛି। ଏହା ପରମାଣୁ ଯୁଦ୍ଧାସ୍ତ୍ରକୁ ପ୍ରତିରୋଧ କରିବା ପାଇଁ ଡିଜାଇନ କରାଯାଇଛି।

ମିନିଟ ମ୍ୟାନ ୩ ବାଲିଷ୍ଟିକ କ୍ଷେପଣାସ୍ତ୍ର ହିରୋଶିମା ଉପରେ ପଡ଼ିଥିବା ପରମାଣୁ ବୋମା ଅପେକ୍ଷା ୨୦ ଗୁଣ ଅଧିକ ଶକ୍ତିଶାଳୀ ପରମାଣୁ ଅସ୍ତ୍ର ବହନ କରିବାକୁ ସକ୍ଷମ। ମିନିଟ ମ୍ୟାନ ୩ ହେଉଛି ଆମେରିକାର ସବୁଠାରୁ ପୁରୁଣା ଆଇସିବିଏମ, ଯାହା ୧୯୭୦ ଦଶକରୁ ବ୍ୟବହୃତ ହେଉଛି। ଏହା ଭୂମିରୁ ନିକ୍ଷେପ କରାଯାଇଛି ଏବଂ ଏହାର ପରିସର ୧୩,୦୦୦ କିଲୋମିଟର। ଏଥିରେ ପରମାଣୁ ଯୁଦ୍ଧାସ୍ତ୍ର ଲାଗିପାରିବ, କିନ୍ତୁ ଏହି ପରୀକ୍ଷଣରେ କୌଣସି ଯୁଦ୍ଧାସ୍ତ୍ର ବ୍ୟବହାର କରାଯାଇ ନାହିଁ। ଯୁକ୍ତରାଷ୍ଟ୍ର ପାଖରେ ପ୍ରାୟ ୪୦୦ ଏପରି କ୍ଷେପଣାସ୍ତ୍ର ଅଛି, ଯାହା ରୁଷିଆ ଏବଂ ଚାଇନା ଭଳି ଦେଶ ବିରୁଦ୍ଧରେ ଏହାର ପ୍ରତିରକ୍ଷାର ଅଂଶ। ଏହି କ୍ଷେପଣାସ୍ତ୍ରକୁ ମିନିଟ ମ୍ୟାନ ଭାବରେ ଜଣାଶୁଣା କାରଣ ଏହା ଗୋଟିଏ ମିନିଟ୍‌ରେ ପ୍ରସ୍ତୁତ। ଏହା ୨୦୩୦ ସୁଦ୍ଧା ଏହାକୁ ଏକ ନୂତନ କ୍ଷେପଣାସ୍ତ୍ର ସହିତ ବଦଳାଇବାକୁ ଯୋଜନା କରୁଛି, କିନ୍ତୁ ଏହି ପରୀକ୍ଷଣଗୁଡ଼ିକ ସେତେବେଳ ପର୍ଯ୍ୟନ୍ତ ଜାରି ରହିବ

# ୩ୟ ବିଶ୍ୱଯୁଦ୍ଧ ଆରମ୍ଭ !



ନୂଆଦିଲ୍ଲୀ,୭।୩: ମଧ୍ୟପ୍ରାଚ୍ୟ ସଙ୍କଟ ମଧ୍ୟରେ, ଆଗାମୀ ଦିନରେ ଇରାନ କ୍ଷେପଣାସ୍ତ୍ର ଘାଟି ବିରୋଧରେ ଆମେରିକାର ଆକ୍ରମଣରେ ବ୍ରିଟେନ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରେ। ପ୍ରାରମ୍ଭିକ ଦ୍ୱିଧା ଦୂର କରି, ଲଣ୍ଡନ ୱାଶିଂଟନର ପୂର୍ଣ୍ଣ ସମର୍ଥନକୁ ସଙ୍କେତ ଦେଇଛି। ଦି ଗାର୍ଡିଆନ ଅନୁଯାୟୀ, ବ୍ରିଟିଶ ସରକାର ଆକଳନ କରିଛନ୍ତି ଯେ ଇରାନ ପାଖରେ ଏବେ ବି ଅନେକ ଦିନର କ୍ଷେପଣାସ୍ତ୍ର ଭଣ୍ଡାର ଅଛି, ଯାହା ଏକ ଆଞ୍ଚଳିକ ବିପଦ ସୃଷ୍ଟି କରୁଛି। ଏହି ପରିସ୍ଥିତିର ସମାଧାନ ପାଇଁ, ଆମେରିକା ବ୍ରିଟିଶ ବିମାନ ଘାଟିରେ ଦ୍ରୁତ ଗତିରେ ଆକ୍ରମଣ କରିବା ପାଇଁ ଏହାର ବି୨ ଗୁପ୍ତ ବୋମାବର୍ଷୀ ବିମାନ ମୁତୟନ କରିବାକୁ ପ୍ରସ୍ତୁତ ହେଉଛି।

ଦି ଟେଲିଗ୍ରାଫର ଏକ ରିପୋର୍ଟ ଅନୁଯାୟୀ, ପରମାଣୁ ଅସ୍ତ୍ର ବହନ କରିବାରେ ସକ୍ଷମ ଏହି ବି୨ ଗୁପ୍ତ ବୋମାବର୍ଷୀ ବିମାନଗୁଡ଼ିକ କିଛି ଦିନ ମଧ୍ୟରେ ବ୍ରିଟେନର ଡିଏଗୋ ଗାର୍ସିଆ କିମ୍ବା ଫେୟାରଫୋର୍ଡ ବିମାନ ଘାଟିରେ ପହଞ୍ଚି ପାରିବେ। ସେମାନଙ୍କର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ଇରାନର ଗଭୀର ଭୂତଳ ବଙ୍କରଗୁଡ଼ିକୁ ଧ୍ୱଂସ କରିବା, ଯେଉଁଠାରେ କେବଳ ଏହାର ନେତୃତ୍ୱ ଲୁଚି ରହିଛି ତାହା ନୁହେଁ ବରଂ ଏହାର ବିଶାଳ ଅସ୍ତ୍ରଶସ୍ତ୍ର ଭଣ୍ଡାର ମଧ୍ୟ ସଂରକ୍ଷିତ ରହିଛି। ଶତ୍ରୁ ପ୍ରତିରକ୍ଷା ଭେଦ କରିବା ଏବଂ ଆଭ୍ୟନ୍ତରୀଣ ଗଠନକୁ ନଷ୍ଟ କରିବା ପାଇଁ ଏହି ଅଦୃଶ୍ୟ ବିମାନଗୁଡ଼ିକୁ ବ୍ୟବହାର କରିବା ଉପରେ ଆମେରିକାର ରଣନୀତି କେନ୍ଦ୍ରିତ। ଆମେରିକା, ଇସ୍ରାଏଲ ଏବଂ ଇରାନ ମଧ୍ୟରେ ସଂଘର୍ଷରେ ବ୍ରିଟେନର ସମ୍ପୃକ୍ତି ପରିସ୍ଥିତିକୁ ଆହୁରି ଖରାପ କରିପାରେ। ଫଳସ୍ୱରୂପ, ଆହୁରି ଅନେକ ଦେଶ ଏହି ସଂଘର୍ଷରେ ଯୋଗଦେବାର ସମ୍ଭାବନା ଅଛି। ଇରାନ ପୂର୍ବରୁ ସେହି ଦେଶଗୁଡ଼ିକ ଉପରେ ଆକ୍ରମଣ କରିସାରିଛି ଯେଉଁଠାରେ ଆମେରିକାର ବିମାନ ବାୟୁସେନା ଅବସ୍ଥିତ। ଏପରି ପରିସ୍ଥିତିରେ, ବ୍ରିଟେନ ମଧ୍ୟ ଭୟ କରୁଛି ଯେ ଇରାନ ଏହା ଉପରେ ଆକ୍ରମଣ କରିପାରେ, ଯାହା ସମ୍ପୂର୍ଣ୍ଣ ସମ୍ଭବ। ବ୍ରିଟେନ ପ୍ରଥମେ ଆମେରିକାକୁ ଏହାର ଏକ ଏୟାରବେସ ବ୍ୟବହାର କରିବାକୁ ଅନୁମତି ଦେବାକୁ ମନା କରିଦେଇଥିଲା, ଯାହା ଉପରେ ଡୋନାଲ୍ଡ ଟ୍ରମ୍ପ ଅସନ୍ତୋଷ ପ୍ରକାଶ କରିଥିଲେ। କିନ୍ତୁ ଏବେ ବ୍ରିଟେନ ଆମେରିକା ସହିତ ସହଯୋଗ କରିବାକୁ ରାଜି ହୋଇଛି।

ଜନବାର୍ତ୍ତା
ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

ସମ୍ପାଦକୀୟ

# ବୁଦ୍ଧ ଦେଶ ଯୁଦ୍ଧ ନୁହେଁ ଶାନ୍ତି ଚାହେଁ

ରାଜା ଭରତଙ୍କ ନାମରେ ସୃଷ୍ଟି ହୋଇଥିବା ଅଖଣ୍ଡ ଭାରତ ଆରମ୍ଭରୁ ଶାନ୍ତିରେ ବିଶ୍ୱାସ କରିଆସିଛି ଏବଂ ସେହି ପଥ ଏବେ ମଧ୍ୟ ଅନୁସରଣ କରୁଛି । ଏହି ଭୂଖଣ୍ଡରେ ଜନ୍ମ ଗ୍ରହଣ କରିଥିବା ଭଗବାନ ବୁଦ୍ଧ ସାରା ବିଶ୍ୱରେ ଅହିଂସା ଓ ଶାନ୍ତିର ବାର୍ତ୍ତା ପ୍ରଚାର କରିଥିଲେ । ଏପରିକି 'କାମନାର ବିନାଶରେ ଦୁଃଖର ବିନାଶ' ଭଳି ଗୁଢ ତତ୍ତ୍ୱ ମଧ୍ୟ ସେ ସାରା ମାନବ ସମାଜକୁ ଅବଗତ କରାଇଥିଲେ । କିନ୍ତୁ ଚୀନ ଭଳି ବିସ୍ତାରବାଦୀ ଏବଂ ଆମେରିକା ଭଳି ସାରା ବିଶ୍ୱରେ ନିଜର ପ୍ରଭାବ ବିସ୍ତାର କରିବାକୁ ପ୍ରୟାସୀ ରାଷ୍ଟ୍ରସମୂହ ଅଥବା ହିଂସାରେ ବିଶ୍ୱାସ କରୁଥିବା ରାଷ୍ଟ୍ର ଓ ଗୋଷ୍ଠୀଗୁଡିକ ବାରମ୍ବାର ଏହି ନୀତିକୁ ପଦାଘାତ କରିଆସୁଛନ୍ତି । ଯାହାର ପ୍ରତିଫଳ ଦେଖିବାକୁ ମିଳୁଛି ଯୁଦ୍ଧ ଘନଘଟାରେ । କେବଳ ସନ୍ଦେହରେ ଆମେରିକା ଗୋଟିଏ ଗୋଟିଏ ରାଷ୍ଟ୍ରକୁ ଧ୍ୱଂସ କରୁଥିବାବେଳେ ତାହାର ପ୍ରତିକୂଳ ପ୍ରଭାବ ସାରା ବିଶ୍ୱରେ ପଡୁଛି । ସାରା ବିଶ୍ୱ, ପ୍ରାଣୀ ଜଗତ, ଉଦ୍ଭିଦ ଜଗତ ଓ ପରିବେଶ ମଧ୍ୟ ଏହାଦ୍ୱାରା ତ୍ରାହି ତ୍ରାହି ଡାକୁଛି । କିନ୍ତୁ ଆମେରିକା ନିଜ ନିଷ୍ପତ୍ତିରେ ଅଟଳ । ପ୍ରଥମେ ଇରାକରେ ଆମେରିକା ଅନୁରୂପ ଆକ୍ରମଣ କରି ସେ ଦେଶକୁ ଧ୍ୱସ୍ତ ବିଧ୍ୱସ୍ତ କରିଦେଲା, କିନ୍ତୁ ଫଳ କ'ଣ ହେଲା ? ସେଠାରେ ସେ ନିଜ ଲକ୍ଷ୍ୟ ସମ୍ପୂର୍ଣ୍ଣ ହାସଲ କରିନପାରି ସେଠାରୁ ଫେରିଆସିଲା । ସେଥିପାଇଁ ଆମେରିକାକୁ ବହୁମୂଲ୍ୟ ଦେବାକୁ ପଡିଛି । ପରେ ଆଫଗାନିସ୍ତାନରେ ତାଲିବାନ ବିରୋଧରେ ଆମେରିକା ଅନୁରୂପ ସାମରିକ ପଦକ୍ଷେପ ନେଇଥିଲା । ଶେଷରେ ବହୁ କୋଟି ଡଲାର ମୂଲ୍ୟର ଯୁଦ୍ଧାସ୍ତ୍ର ସେଠାରେ ଛାଡିଦେଇ ଆମେରିକା ତରବରିଆ ଭାବରେ ଲୁଚି ଲୁଚି ସେଠାରୁ ପଳାଇ ଆସିବାକୁ ବାଧ୍ୟହେଲା । ଏହାକୁ ନେଇ ବିଶ୍ୱ ଦରବାରେ ଆମେରିକା ବାରମ୍ବାର ଲଜ୍ଜିତ ଓ ସମାଲୋଚିତ ହେଉଥିଲେ ମଧ୍ୟ ସେହି ରାଷ୍ଟ୍ର ନିଜ ଜିଦ୍‌ରେ ଅଟଳ । କାରଣ ବିଶ୍ୱରେ ଏହା ଏବେ ମଧ୍ୟ ଏକ ନମ୍ବର ଅର୍ଥନୀତି ହୋଇ ରହିଛି । ଅନ୍ୟପକ୍ଷରେ ସ୍ୱାଧୀନ ଭାରତ ଏହାର ସ୍ରଷ୍ଟା ମହାତ୍ମା ଗାନ୍ଧୀଙ୍କ ଅନୁସୃତ ଅହିଂସା ଓ ଶାନ୍ତିରେ ନିଜର ବିଶ୍ୱାସ ଅତୁଟ ରଖିଛି ।

ଇତିହାସକୁ ଅବଲୋକ କଲେ ଦେଖାଯିବ, ଅନେକ ଥର ଭାରତ ଉପରେ ମୋଗଲ, ଇଂରେଜ, ତୁର୍କ ଆଦି ଆକ୍ରମଣ କରିଛନ୍ତି । ଭାରତ ସାହସର ସହିତ ସେମାନଙ୍କର ସାମ୍ନା କରିଛି । କେବେ ନିଜଆଡୁ କାହା ଉପରେ ଆକ୍ରମଣ କରିନାହିଁ । ଶାନ୍ତିପୂର୍ଣ୍ଣ ସହାବସ୍ଥାନରେ ବିଶ୍ୱାସ ରଖୁଥିବା ଭାରତ ବିଶ୍ୱରେ ଶାନ୍ତିର ବାର୍ତ୍ତା ପ୍ରଚାର କରିଆସୁଛି । ଚୀନ, ପାକିସ୍ତାନ ଭଳି ରାଷ୍ଟ୍ରଗୁଡିକ ଯେତେବେଳେ ଏହା ଉପରେ ଆକ୍ରମଣ କରିଛନ୍ତି, ସେହି ସମୟରେ ଭାରତ ତାହାର ପୂର୍ଣ୍ଣ ଶକ୍ତି ଖଟାଇ ନିଜର ସୁରକ୍ଷା କରିଛି । ଶତ୍ରୁପକ୍ଷକୁ କଡା ଜବାବ ଦେଇଛି । ତାହାସହିତ ନିଜର ସର୍ବାଙ୍ଗୀନ ବିକାଶକୁ ପ୍ରାଥମିକତା ଦେଇଆସିଛି । ଜାତିସଂଘର ଶାନ୍ତିରକ୍ଷୀ ବାହିନୀରେ ଭାରତୀୟ ସେନା ବରାବର ସହଯୋଗ କରିଆସୁଛନ୍ତି । ବିଶ୍ୱରେ ଯୁଦ୍ଧରେ ଲିପ୍ତ ରାଷ୍ଟ୍ରଗୁଡିକୁ ଜାତିସଂଘ ଶାନ୍ତିସେନା ପଠାଇ ସେଠାରେ ନାଗରିକମାନଙ୍କୁ ସୁରକ୍ଷା ଦେଉଥିବାବେଳେ ଭାରତୀୟ ସେନା ସେଥିରେ ଅଗ୍ରଣୀ ଭୂମିକା ଗ୍ରହଣ କରି ଆନ୍ତର୍ଜାତିକ ସ୍ତରରେ ବାରମ୍ବାର ପ୍ରଶଂସିତ ହୋଇଛନ୍ତି । ତାହାସହିତ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଭାରତକୁ ଶତ୍ରୁ ବିବେଚନା କରିଆସୁଥିବା ରାଷ୍ଟ୍ରଗୁଡିକୁ ମଧ୍ୟ ଭାରତ ମାନବୀୟ ସହାୟତା ପଠାଇବାରେ କୁଣ୍ଠବୋଧ କରିନାହିଁ । ଏ କ୍ଷେତ୍ରରେ ଭାରତ ସରକାର ଏବଂ ଭାରତୀୟ ସେନାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଆସିଛି । ଭାରତ ଏଭଳି ଏକ ରାଷ୍ଟ୍ର ଯାହା ବିଶ୍ୱର ସମସ୍ତ ରାଷ୍ଟ୍ର ସହିତ ସୁସମ୍ପର୍କ ରଖିଛି । ଏହା ଆଲୋଚନା ଓ କୂଟନୀତି ମାଧ୍ୟମରେ ସମସ୍ୟାଗୁଡିକର ସମାଧାନ କରିବାରେ ବିଶ୍ୱାସ ରଖୁଛି । ୨୦୨୨ ଫେବୃଆରୀରେ ୟୁକ୍ରେନ ଯୁଦ୍ଧ ଆରମ୍ଭ ହେବା ପରେ ସେଠାରେ ଅଟକି ରହିଥିବା ଭାରତୀୟଙ୍କୁ ଫେରାଇ ଆଣିବାରେ ଭାରତ ସରକାରଙ୍କୁ ଆକ୍ରମଣକାରୀ ରୁଷ ମଧ୍ୟ ସହାୟତା କରିଥିଲା । ୟୁକ୍ରେନରୁ ଭାରତୀୟମାନେ ଆସିବା ସମୟରେ ସେଠାରେ ରୁଷ ନିଜର ଆକ୍ରମଣ ବନ୍ଦ ରଖିଥିଲା । ଦେଶର ପ୍ରଧାନମନ୍ତ୍ରୀ ୟୁକ୍ରେନ ରାଷ୍ଟ୍ରପତି ଏବଂ ରୁଷ ରାଷ୍ଟ୍ରପତି ଉଭୟଙ୍କୁ ସାକ୍ଷାତ କରି ଶାନ୍ତି ପ୍ରତିଷ୍ଠା ପାଇଁ ପ୍ରୟାସ କରିଆସିଛନ୍ତି । ସମ୍ପ୍ରତି ମଧ୍ୟପ୍ରାଚ୍ୟରେ ଯୁଦ୍ଧର ଘନଘଟା ଲାଗି ରହିଥିବା ବେଳେ ଭାରତର ପ୍ରଧାନମନ୍ତ୍ରୀ ଇସ୍ରାଏଲ ଓ ମଧ୍ୟପ୍ରାଚ୍ୟ ରାଷ୍ଟ୍ରଗୁଡିକ ସହିତ କଥା ହୋଇ ଶାନ୍ତି ପ୍ରତିଷ୍ଠା ନିମନ୍ତେ ପ୍ରସ୍ତାବ ଦେଇଛନ୍ତି । ତାହାସହିତ ସେଠାରେ ଭାରତୀୟମାନେ ଯେଭଳି ସୁରକ୍ଷିତ ରହିବେ ତାହା ଅନୁରୋଧ କରିଛନ୍ତି । ଭାରତର ଏହି ନୀତି ବିଶ୍ୱ ଦରବାରେ ପ୍ରଶଂସିତ ହେଉଥିବା ବେଳେ କିଛି ରାଷ୍ଟ୍ର ନିଜର ଅହମିକା, ଜିଦ୍ ଖୋର ମନୋଭାବ ପାଇଁ ଅଶାନ୍ତି ଓ ଧ୍ୱଂସର ବାତାବରଣ ସୃଷ୍ଟି କରୁଛନ୍ତି । ଭାରତର କୂଟନୀତିରେ ଶାନ୍ତି ଓ ସ୍ଥିରତା ମୂଳ ପ୍ରସଙ୍ଗ ହୋଇଛି । ସର୍ବଜନ ହିତାୟ ସର୍ବଜନ ସୁଖାୟରେ ବିଶ୍ୱାସ ରଖୁଥିବା ଭାରତ ପ୍ରକୃତିରେ 'ବିଶ୍ୱ ଗୁରୁ' ହେବାର ପ୍ରାସଙ୍ଗିକତା ଓ ହକ୍ ରଖୁଛି । ଭଗବାନ ବୁଦ୍ଧଙ୍କର 'ଧର୍ମଂ ଶରଣମ୍ ଗଚ୍ଛାମି, ସଂଘଂ ଶରଣମ୍ ଗଚ୍ଛାମି' ନୀତିରେ ସାରା ବିଶ୍ୱ ଯେଉଁଦିନ ଅଭିମନ୍ତ୍ରିତ ହେବ, ସେହିଦିନ ବିଶ୍ୱ ଆକାଶରୁ ଯୁଦ୍ଧର ବାଦଲ ଦୂର ହୋଇ ଶାନ୍ତି ପ୍ରତିଷ୍ଠା ନିଶ୍ଚୟ ହେବ; ଏ ବିଶ୍ୱାସ ଏହି ଭାରତ ଭୂଖଣ୍ଡର ରହିଛି ।

# ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର...

ସବୁ ନେତା କହୁଛନ୍ତି ଯେ ଓଡ଼ିଶାକୁ ଏକ ନମ୍ବର ରାଜ୍ୟରେ ପରିଣତ କରାଯିବ । "ଭାରତ ବର୍ଷର ଅଭ୍ୟୁଦୟ ଓଡ଼ିଶାରୁ, ପୂର୍ବୋଦୟ ରୁ ଆରମ୍ଭ ହେବ" । ଏଗୁଡିକ ନିଶ୍ଚିତ ଭାବରେ ଶ୍ରୁତିମଧୁର । କିନ୍ତୁ ମନେ ରଖିବାକୁ ହେବ ଯେ ସଦା ବେଳେ ପ୍ରିୟ ବଚନ ସତ୍ୟ ବଚନ ନୁହେଁ । ଓଡ଼ିଶାକୁ ବିକଶିତ କରିବାକୁ ହେଲେ ଓଡ଼ିଆଙ୍କ ମନରେ ସ୍ୱାଭିମାନ ଜାଗ୍ରତ ହେବା ଉଚିତ । ସ୍ୱାଭିମାନର ଅର୍ଥ ହେଲା ନିଜ ଶକ୍ତି ଉପରେ ସମ୍ପୂର୍ଣ୍ଣ ଆସ୍ଥା ପ୍ରକଟ କରିବା । ଯେ କୌଣସି ବ୍ୟକ୍ତି ଯେ କୌଣସି କାର୍ଯ୍ୟ କରୁଥାନ୍ତୁ ନା କାହିଁକି, ସେ ମନେ ରଖିବା ଉଚିତ ଯେ ତାଙ୍କର ପରିଚୟ ହେଉଛି ସେ ଜଣେ ଓଡ଼ିଆ । ସେ ଏଭଳି କୌଣସି କାର୍ଯ୍ୟ କରିବେ ନାହିଁ ଯେଉଁଥିରେ କି ତାଙ୍କ ନିଜର ବା ତାଙ୍କ ଜାତିର ପ୍ରତିଷ୍ଠା କ୍ଷୁର୍ଣ୍ଣ ହେବ ।

ଏଇ ପରିପ୍ରେକ୍ଷୀରେ ମଧୁ ବାବୁଙ୍କ କଥା ମନେ ପଡେ । ସେ ଥିଲେ ଜଣେ ସାଲିସବିହୀନ ଓଡ଼ିଆ । ବ୍ରିଟିଶ ଶାସନ ସମୟରେ ବେଙ୍ଗଲ, ମାନ୍ଦ୍ରାସ ଏବଂ ମଧ୍ୟ ପ୍ରଦେଶୀୟ ବ୍ୟବସ୍ଥା ମଧ୍ୟରେ ଓଡ଼ିଆ ଯେ ସମ୍ପୂର୍ଣ୍ଣ ଭାବରେ ଭୂଲୁଣ୍ଠିତ ହୋଇ ରହିଯାଇଛି ତାହା ହିଁ ଥିଲା ତାଙ୍କର ମର୍ମାନ୍ତିକ କ୍ଷୋଭ । ଓଡ଼ିଆ ଅସ୍ମିତା ଦ୍ୱାରା ସେ ଏତେ ଦୂର ଶରବିଦ୍ଧ ହୋଇଥିଲେ ଯେ ଭାରତର ସ୍ୱାଧୀନତା ମଧ୍ୟ ତାଙ୍କ ପାଇଁ ପ୍ରାଥମିକତା ନ ଥିଲା । ତାଙ୍କର ପ୍ରାଥମିକତା ଥିଲା ଓଡ଼ିଆ ଜାତିର ପରିଚୟ ସୃଷ୍ଟି, ଓଡ଼ିଆ ଭାଷାକୁ ନେଇ ଏକ ଦୁର୍ଦ୍ଧର୍ଷ ସଂଗ୍ରାମ, ଏକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଯେଉଁଥିରେ କି ଓଡ଼ିଆ ଭାଷାକୁ ଦିଆଯିବ ସର୍ବମାନ୍ୟତା । ଓଡ଼ିଆ ଜାତିର ଗର୍ବ ପାଇଁ ସେ ସବୁ କିଛି ଜଳାଞ୍ଜଳି ଦେବାକୁ ପ୍ରସ୍ତୁତ ଥିଲେ । ଦେଶ ବିଦେଶରେ ଓଡ଼ିଶାକୁ ଆଦୃତ କରିବା ପାଇଁ ଶିଳ୍ପାୟନର ସ୍ୱପ୍ନ ଦେଖିଥିଲେ ଯାହାର ଉଦାହରଣ ଥିଲା "ଉତ୍କଳ ଟ୍ୟାନେରୀ" । ସେ ଏତେ ଦୂର ସ୍ୱାଭିମାନୀ ଥିଲେ ଯେ ଯଦି ଗୋଟିଏ ଜୋତାରେ ସାମାନ୍ୟ ତ୍ରୁଟି ଦେଖୁଥିଲେ ତେବେ ସମଗ୍ର ବ୍ୟାଚକୁ ନଷ୍ଟ କରି ଦେଉଥିଲେ । ତାଙ୍କ ଦୃଷ୍ଟିରେ ଓଡ଼ିଶାର ସ୍ୱାଭିମାନ ଲାଭ କ୍ଷତିରୁ ଉର୍ଦ୍ଧ୍ୱରେ ଥିଲା । ବ୍ୟବସାୟରେ ସେ ବିଫଳ ହେଲେ । ପରିଶେଷରେ "ଉତ୍କଳ ଟ୍ୟାନେରୀ" ଦେବାଳିଆ ଘୋଷିତ ହେଲା । ମଧୁ ବାରିଷ୍ଟର କପର୍ଦ୍ଦକ ଶୂନ୍ୟ ହୋଇ ପ୍ରାଣ ତ୍ୟାଗ କଲେ । କିନ୍ତୁ ଓଡ଼ିଆ ଅସ୍ମିତାକୁ ଭୂଲୁଣ୍ଠିତ ହେବାକୁ ଦେଲେ ନାହିଁ । ବ୍ୟବସାୟୀ ମଧୁ ବାବୁ ବିଫଳ ହେଲେ, କିନ୍ତୁ କୁଳବୃଦ୍ଧ ମଧୁସୂଦନ ଓଡ଼ିଶା ପ୍ରଦେଶକୁ ଓଡ଼ିଆ ମାନସପଟରେ ଭାରତର ପ୍ରଥମ ଭାଷା ଭିତ୍ତିକ ରାଜ୍ୟ ଭାବରେ ଜନ୍ମ ଦେଇଗଲେ ।

ଆଜି ଓଡ଼ିଶା ପ୍ରଦେଶ ଏକ ମୂଳ ସ୍ରୋତର ରାଜ୍ୟ ଯାହାକି ଧାଡ଼ିର ଶେଷ ଆଡକୁ ରହି କଚ୍ଛପ ଭଳି ଚାଲିଛି । ଓଡ଼ିଶୀ ନୃତ୍ୟ, ଓଡ଼ିଶୀ ସଙ୍ଗୀତ, ଓଡ଼ିଆ ଭାଷା – ଏ ସବୁ ଆମର ମୌଳିକ ସମ୍ପଦ । କିନ୍ତୁ ଆଜି ଓଡ଼ିଶାରେ ଶାସନ ଓଡ଼ିଆ ଭାଷାରେ ହେଉ ନାହିଁ । ଜାନକୀ ବାବୁଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ସଚିବାଳୟରେ ଓଡ଼ିଆରେ ଫାଇଲ ଲେଖା ଯାଉଥିଲା । ଆଜି ତାହା ବିସ୍ମୃତ । ଓଡ଼ିଶାର ଯେଉଁ ଲକ୍ଷ୍ୟ ଲକ୍ଷ୍ୟ ଦାଦନ ଶ୍ରମିକ ବିଭିନ୍ନ ରାଜ୍ୟରେ ରହି ଜୀବିକା ନିର୍ବାହ କରୁଛନ୍ତି ସେମାନେ ସେ ରାଜ୍ୟର ଭାଷାରେ କଥା ହେବା ବିନା ତାଙ୍କର ଅନ୍ୟ ଗତି ନାହିଁ । କିନ୍ତୁ ବିଡ଼ମ୍ବନାର ବିଷୟ ହେଉଛି ଓଡ଼ିଶା ଭିତରେ ମଧ୍ୟ ଓଡ଼ିଆ ମାନେ ପଡୋଶୀ ରାଜ୍ୟର ଭାଷାରେ କଥା ହେବାକୁ ଆଗଭର । ଓଡ଼ିଶାର ଦକ୍ଷିଣାଞ୍ଚଳରେ ତେଲୁଗୁ, ଉତ୍ତରାଞ୍ଚଳରେ ବଙ୍ଗାଳୀ, ପଶ୍ଚିମାଞ୍ଚଳରେ ହିନ୍ଦୀ ଭାଷାରେ ଓଡ଼ିଆ ମାନେ କଥା ହେବାକୁ ପସନ୍ଦ କରନ୍ତି । କିନ୍ତୁ ପଡୋଶୀ ରାଜ୍ୟରେ ତାହା ଦେଖିବାକୁ ମିଳେ ନାହିଁ । ଆପଣ ଯଦି ଓଡ଼ିଶା ସୀମା ଅତିକ୍ରମ କରି ପଡୋଶୀ ରାଜ୍ୟକୁ ଯାଆନ୍ତି ତେବେ ସହଜରେ ଲକ୍ଷ କରିବେ ଯେ ଉକ୍ତ ରାଜ୍ୟର ବ୍ୟକ୍ତିମାନେ ନିଜ ଭାଷା ଛଡା ଓଡ଼ିଆରେ କଥା ହେବାକୁ ପସନ୍ଦ କରନ୍ତି ନାହିଁ । ପୁରୀରେ ଓଡ଼ିଆମାନେ ଜଣେ ଅଚିହ୍ନା ଲୋକଙ୍କୁ ଦେଖିଲେ ବଙ୍ଗାଳୀରେ କଥା ହୁଅନ୍ତି, କିନ୍ତୁ ବାରାଣସିରେ ହିନ୍ଦୀ ବା ତିରୁପତିରେ ତେଲୁଗୁ ଭିନ୍ନ ଅନ୍ୟ ଭାଷା କ୍ୱଚିତ ଶୁଣା ଯାଏ । ଓଡ଼ିଶା ବାହାରେ ଶିକ୍ଷିତ ଓଡ଼ିଆମାନେ ପରସ୍ପର ମଧ୍ୟରେ – ଏପରିକି ସ୍ୱାମୀ ଓ ସ୍ତ୍ରୀ – ହିନ୍ଦୀ ବା ଇଂରାଜୀରେ କଥା ହୁଅନ୍ତି । କିନ୍ତୁ ଅନ୍ୟ ଭାଷାଭାଷି ବ୍ୟକ୍ତିମାନେ ନିଜ ରାଜ୍ୟର କୌଣସି ବ୍ୟକ୍ତିଙ୍କୁ ଦେଖିଲେ ପ୍ରଥମେ ନିଜ ଭାଷାରେ କଥା ହେବାକୁ ପସନ୍ଦ କରନ୍ତି । ଏହା କଅଣ ଏକ ହୀନମନ୍ୟତା ? ନା ଓଡ଼ିଆମାନେ ଭାବନ୍ତି ଯେ ଓଡ଼ିଆ ଭାଷା ସେମାନଙ୍କ ଭାବର ପ୍ରକାଶ ପାଇଁ ଯଥେଷ୍ଟ ନୁହେଁ ?



ବିଜୟ କୁମାର ପଟ୍ଟନାୟକ

ଏଠାରେ ମୁଁ ସ୍ପଷ୍ଟ କରିଦେବାକୁ ଚାହେଁ ଯେ ଆମେ ଅନ୍ୟ ରାଜ୍ୟ ବା ତାଙ୍କର ଭାଷା ପ୍ରତି କୌଣସି ବିଦ୍ୱେଷ ଭାବ ସୃଷ୍ଟି କରିବାକୁ ଚାହୁଁ ନାହୁଁ । ଇଂରାଜୀ ଭାଷାରେ ଶିକ୍ଷାଦାନକୁ ମଧ୍ୟ ବିରୋଧ କରୁ ନାହୁଁ । ଇଂରାଜୀ ଭାଷା ଏକ ଆନ୍ତର୍ଜାତୀୟ ଭାଷା ଓ ଏହା ବିଶ୍ୱକୁ ଏକ ଗବାକ୍ଷ । ସେହିଭଳି ଭାବରେ ହିନ୍ଦୀ ଆମର ରାଷ୍ଟ୍ରଭାଷା । ଏ ଭାଷା ଗୁଡ଼ିକ ଅଧ୍ୟୟନ କରିବା ଉଚିତ । କିନ୍ତୁ ଅନ୍ୟ ଭାଷା ପ୍ରତି ସମ୍ମାନ ଜଣାଇବାର ଅର୍ଥ ନୁହେଁ ଯେ ଓଡ଼ିଆ ଭାଷାକୁ ସମ୍ପୂର୍ଣ୍ଣ ଭାବରେ ଜଳାଞ୍ଜଳି ଦେବା । ନିଜ ଭାଷାରେ କଥା ନ ହେବା, ବା ନିଜ ଭାଷାକୁ ହତାଦର କରି ଅନ୍ୟ ଭାଷାକୁ ପ୍ରାଧାନ୍ୟ ଦେବା ଏକ ମାନସିକ ଦୁର୍ବଳତା । ଏହାର ପ୍ରତିକାର ପାଇଁ ଜନଜାଗରଣର ଆବଶ୍ୟକତା ରହିଛି ।

ଶିକ୍ଷା ହେଉଛି ଅସ୍ମିତାର ଧାରକ । ଆମେ ଯଦି ଶିକ୍ଷାରେ ଓଡ଼ିଶାକୁ ଏକ ଅଗ୍ରଣୀ ରାଜ୍ୟରେ ପରିଣତ କରିପାରିବା ତେବେ ସାରା ଭାରତରେ ଆମ ପିଲାଏ ଚାକିରି ପାଇବେ, ଓଡ଼ିଆ ମାନଙ୍କର ଏକ ପରିଚୟ ସୃଷ୍ଟି ହେବ । ସରକାରୀ ଅନୁଷ୍ଠାନରେ, ଗବେଷଣା ପ୍ରତିଷ୍ଠାନରେ, ବଡ ବଡ ୟୁନିଭର୍ସିଟିମାନଙ୍କରେ, ପ୍ରଖ୍ୟାତ କମ୍ପାନୀମାନଙ୍କରେ, ସୁପ୍ରିମକୋର୍ଟରେ – ଯେଉଁ ଦିନ ଓଡ଼ିଆମାନେ ପ୍ରମୁଖ ସ୍ଥାନରେ ଅଧିଷ୍ଠିତ ହେବେ, ସେଇ ଦିନ ସାରା ଦେଶ ଆମକୁ ସମ୍ମାନର ସହ ଅନେଇବ । ଯେଉଁ ଦିନ ଓଡ଼ିଆ କୁଶଳୀ ଶ୍ରମିକମାନେ ସବୁ ପ୍ରକାର ଶିଳ୍ପ ପ୍ରତିଷ୍ଠାରେ ଖୋଜା ପଡ଼ିବେ ସେହି ଦିନ ଆମେ ମୁଣ୍ଡ ଟେକି ଚାଲି ପାରିବା । ଯେଉଁ ଦିନ ଓଡ଼ିଆ କଳାକାରମାନେ ନୃତ୍ୟରେ, ଚିତ୍ର କଳାରେ, ସଙ୍ଗୀତରେ, କ୍ରୀଡାରେ ସର୍ବଭାରତୀୟ ସ୍ତରରେ ପ୍ରତିଷ୍ଠା ଲାଭ କରିବେ ସେଇ ଦିନ ଦେଶ ଜାଣିବ ଓଡ଼ିଆ ମାନେ କିଏ ?

ଏ ପ୍ରକାରର ପ୍ରତିଷ୍ଠା କେବଳ ଓଜସ୍ୱିନୀ ଭାଷଣ ଦେଲେ ହୋଇପାରିବ ନାହିଁ । ଏହାକୁ ହାସଲ କରିବାକୁ ହେଲେ କଠୋର ପରିଶ୍ରମ କରିବାକୁ ହେବ, ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବାକୁ ହେବ । ଯେତେ ଗୁଡ଼ିଏ ଶିକ୍ଷା ସମ୍ବନ୍ଧିତ ଅନୁଷ୍ଠାନ ଅଛି – ପ୍ରାଥମିକ ଠାରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ, ଆଇଟିଆଇ, ପଲିଟେକ୍ନିକ, ଫାରମାସୀ, ନର୍ସିଂ ଆଦି ସମସ୍ତ ଧନ୍ଦାମୂଳକ ଶିକ୍ଷା ଅନୁଷ୍ଠାନ, ସମସ୍ତ ଡାକ୍ତରୀ ଓ ଇଞ୍ଜିନିୟରିଂ କଲେଜ, କଳା ଓ ସଂସ୍କୃତି ଶିକ୍ଷା ଅନୁଷ୍ଠାନ – ସବୁଠି ଉତ୍କର୍ଷ ଲାଭ କରିବାକୁ ହେବ ।

କହିବା ବାହୁଲ୍ୟ ଯେ, ଓଡ଼ିଆ ଜାତିକୁ କୃତିତ୍ୱ ହାସଲ କରିବାକୁ ହେଲେ ଏକ ସାମଗ୍ରିକ ଉଦ୍ୟମର ଆବଶ୍ୟକତା ରହିଛି । ଯେହେତୁ ଓଡ଼ିଆମାନଙ୍କର ଚାକିରି କରିବା ପାଇଁ ଅହେତୁକ ଆଗ୍ରହ ରହିଛି ସେଥିପାଇଁ ପୁସ୍ତକଗତ ବିଦ୍ୟାକୁ ଆମେ ଶିକ୍ଷାର ଏକ ମାତ୍ର ଉଦ୍ଦେଶ୍ୟ ବୋଲି ଧରି ନେଇଛୁ । ଜଣେ ପିଲାର ପାଠ ବ୍ୟତୀତ ଅନ୍ୟ କୌଣସି କଳାରେ ରୁଚି ଥିଲେ ଆମ ସମାଜ ତାକୁ ସ୍ୱୀକୃତି ଦେବା ପାଇଁ ପ୍ରସ୍ତୁତ ନୁହଁ । ଜଣେ ଛାତ୍ର ବା ଛାତ୍ରୀର ପାଠ ବ୍ୟତୀତ କ୍ରୀଡ଼ା ବା ସାଂସ୍କୃତିକ କଳାରେ ଯଦି ରୁଚି ଥାଏ, ତେବେ ତାକୁ ତାହାର ବିଭୁଦତ୍ତ ପ୍ରତିଭା ବିକାଶ କରିବାକୁ ପ୍ରୋତ୍ସାହନ ଦିଆଯାଏ ନାହିଁ । ଦଶମ ବା ଦ୍ୱାଦଶ ଶ୍ରେଣୀରେ ପହଁଚିଲେ ତାହାର ପିତାମାତା କୁହନ୍ତି, "ପରୀକ୍ଷା ଆସିଲାଣି, ପାଠରେ ଧ୍ୟାନ ଦେ" । ଏଭଳି ମାନସିକତାରେ ଓଡ଼ିଶାର ଭାବୀ କ୍ରୀଡାବିତ ବା ଗାୟକ ବା ସଂଗୀତଜ୍ଞ ବା କଳାକାର ମାନେ କିଭଳି ଆଗକୁ ବଢିବେ ? ଓଡ଼ିଶାର ଯେଉଁ କେତେକ ମୁଷ୍ଟିମେୟ କ୍ରୀଡା ହଷ୍ଟେଲ ରହିଛି ତାହା ପ୍ରମାଣ କରେ ଯେ ଗୋଟିଏ ପିଲାର ଜନ୍ମଗତ ପ୍ରତିଭାକୁ ପ୍ରକୃଷ୍ଟ ସୁଯୋଗ ଦେଲେ ତାହା ସର୍ବଭାରତୀୟ ସ୍ତରରେ ସ୍ୱୀକୃତି ଲାଭ କରିପାରେ । ଯଦି ଓଡ଼ିଶାର ହକି ଖେଳାଳି ମାନେ ସ୍ପୋର୍ଟସ ହଷ୍ଟେଲରୁ ବାହାରି ଅଲିମ୍ପିକରେ ଖେଳି ପାରୁଛନ୍ତି ତେବେ ଅନ୍ୟ କ୍ଷେତ୍ରରେ ପ୍ରତିଭାକୁ ପ୍ରୋତ୍ସାହନ ଦେଲେ ସେହି ପିଲାମାନେ କାହିଁକି ଆନ୍ତର୍ଜାତୀୟ କ୍ଷେତ୍ରରେ ସୁନାମ ଅର୍ଜନ କରିବେ ନାହିଁ ? ଓଡ଼ିଆ ଜାତିର ସୁନାମ ପାଇଁ ପ୍ରତ୍ୟେକ ପିତାମାତା ସ୍ୱପ୍ନ ଦେଖିବା ଉଚିତ, ଆଉ ସେହି ସ୍ୱପ୍ନକୁ ସାକାର କରିବେ କେବଳ ଆମର ଯୁବଗୋଷ୍ଠୀ ।

କେତେକ ବ୍ୟକ୍ତି ଚିନ୍ତା କରୁଥିବେ ଯେ ଏ ଗୁଡିକ କେବଳ ଏକ ସୁନେଲି ସ୍ୱପ୍ନ, କଳ୍ପନା ବିଳାସ । ମୋ ମତରେ ଏହା ଏକ ଉଚ୍ଚାଭିଳାଷ ହୋଇପାରେ କିନ୍ତୁ ଦିବାସ୍ୱପ୍ନ ନୁହେଁ । ଉଚ୍ଚାଭିଳାଷ ନ ଥିଲେ ପଠାଣି ସାମନ୍ତ ସାମାନ୍ୟ ଗୋଟିଏ ବାଉଁଶ ନଳୀକୁ ବ୍ୟବହାର କରି ଗ୍ରହ, ତାରା ଆଦିର ଗତି ଆକଳନ କରିପାରି ନଥାଆନ୍ତେ । ସାଧବ ପୁଅ ବିନା ଯନ୍ତ୍ରପାତି ସାହାର୍ଯ୍ୟରେ ଦରିଆ ପାରି ବ୍ୟବସାୟ କରିପାରି ନଥାନ୍ତେ । କଳିଙ୍ଗ ସେନା ଗଙ୍ଗା ଠାରୁ ଗୋଦାବରୀ ପର୍ଯ୍ୟନ୍ତ ସାମ୍ରାଜ୍ୟ ବିସ୍ତାର କରି ପାରି ନଥାଆନ୍ତେ । କଳିଙ୍ଗ ଭିକ୍ଷୁମାନେ ସିଂହଳ ଠାରୁ ଆରମ୍ଭ କରି ସମଗ୍ର ଦକ୍ଷିଣ-ପୂର୍ବ ଏସିଆ ମହାଦେଶରେ ବୌଦ୍ଧଧର୍ମ ସ୍ଥାପନ କରି ନଥାନ୍ତେ । ପୁଷ୍ପଗିରି ଠାରେ ଏକ ବିଶ୍ୱପ୍ରସିଦ୍ଧ ବିଶ୍ୱବିଦ୍ୟାଳୟ ସ୍ଥାପିତ ହୋଇପାରି ନଥାନ୍ତା ।

ଜନ ଜାଗରଣର ମୂଳ ଉଦ୍ଦେଶ୍ୟ ହେଲା ଏହି ସ୍ୱପ୍ନକୁ ସାକାର କରିବା । ପ୍ରଥମେ ଆମ ସମସ୍ତଙ୍କୁ ମାନସିକ ସ୍ତରରେ ପ୍ରସ୍ତୁତ ହେବାକୁ ପଡ଼ିବ । ଓଡ଼ିଆ ଭାବରେ ଗର୍ବିତ ହେବାକୁ ହେବ । ହୀନମାନ୍ୟତା ପରିହାର କରିବାକୁ ହେବ । "ନାହିଁ, ନାହିଁ" ର ଚିନ୍ତାରୁ ଉର୍ଦ୍ଧ୍ୱକୁ ଉଠିବାକୁ ହେବ । ଯେଉଁ ଦିନ ଓଡ଼ିଆ ଜାତି ଏକ ଲତା ଭଳି ପରାଶ୍ରୟ ନ ଖୋଜି ନିଜ ଗୋଡ଼ରେ ଛିଡା ହେବା ଶିଖିବ, ସେହି ଦିନ ଏକ ମହାଦ୍ରୁମର ଅଙ୍କୁରୋଦ୍‌ଗମ ହେବ ଯାହାକି ସମଗ୍ର ଭାରତ ବା ବିଦେଶରେ ନିଜ କାୟା ବିସ୍ତାର କରି ନିଜର ପ୍ରଭାବ ପ୍ରଦର୍ଶନ କରିବ । ତାହା ହିଁ ହେଉଛି ପ୍ରକୃତ ଓଡ଼ିଆ ଅସ୍ମିତାର ପରିଭାଷା ।

**ପୂର୍ବତନ ମୁଖ୍ୟ ଶାସନ ସଚିବ**
**ଭୁବନେଶ୍ୱର, ଓଡ଼ିଶା**

# ଶୂନ୍ୟ ରୋଷେଇଶାଳରେ ପୂର୍ଣ୍ଣ ଖାଦ୍ୟ ତାଳିକା

## ଓଡ଼ିଶା ବଜେଟ '୨୬ - ୨୭'

ଓଡ଼ିଶାର ଦୀର୍ଘକାଳୀନ ତଥା ବହୁ ପ୍ରଶଂସିତ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଦ୍ୱାରା ଉପସ୍ଥାପିତ ବଜେଟକୁ କଟାକ୍ଷ କରି 'ଶୂନ୍ୟ ରୋଷେଇଶାଳରେ ପୂର୍ଣ୍ଣ ଖାଦ୍ୟ ତାଳିକା' ବୋଲି ଅଭିହିତ କରିଛନ୍ତି । ୨୦୨୫-୨୬ ଆର୍ଥିକ ବର୍ଷର ସଂଶୋଧିତ ଆକଳନ ତୁଳନାରେ ୨୦୨୬-୨୭ ଓଡ଼ିଶା ବଜେଟରେ ଋଣ ପରିମାଣ ୪୭.୫% ବୃଦ୍ଧି ପାଇଥିବା ପ୍ରସଙ୍ଗକୁ ସେ ମୁଖ୍ୟତଃ ସୂଚାଇଛନ୍ତି । ଏହି ବୃଦ୍ଧି ନୀତି ଆୟୋଗଙ୍କ ସେହି ଆକଳନକୁ କିଛି ମାତ୍ରାରେ ପ୍ରଭାବିତ କରିଛି, ଯେଉଁଥିରେ ଓଡ଼ିଶାକୁ 'ରାଜକୋଷୀୟ ସ୍ୱାସ୍ଥ୍ୟ ସୂଚକାଙ୍କ' କ୍ଷେତ୍ରରେ ସବୁଠାରୁ ସୁଦୃଢ଼ ରାଜ୍ୟ ଭାବେ ଦର୍ଶାଯାଇଥିଲା ।

ତେବେ ମୁଖ୍ୟମନ୍ତ୍ରୀ ମାଝୀଙ୍କ ପକ୍ଷ ରଖି କହିବାକୁ ଗଲେ, ଏହି ବଜେଟ୍ ଗତବର୍ଷ ପ୍ରସ୍ତୁତ କରାଯାଇଥିବା 'ବିକଶିତ ଓଡ଼ିଶା'ର ବ୍ୟାପକ ରୂପରେଖ ସହ ସମାନ ଅଛି । ଏହି ବଜେଟରେ ଦିନକ ପୂର୍ବରୁ ଉପସ୍ଥାପିତ ଅର୍ଥନୈତିକ ସର୍ଭେର କେତେକ ଗୁରୁତ୍ୱପୂର୍ଣ୍ଣ ପରାମର୍ଶକୁ ମଧ୍ୟ ସ୍ଥାନ ଦିଆଯାଇଛି । ଏହା ଏକ ମିଶ୍ରିତ ବଜେଟ୍, ଯାହା ରାଜନୈତିକ ପକ୍ଷପାତରୁ ଉର୍ଦ୍ଧ୍ୱରେ ରହି ଏକ ନିରପେକ୍ଷ ବିଶ୍ଳେଷଣ ଦାବି କରେ ।

**ଓଡ଼ିଶା ଅର୍ଥନୈତିକ ସର୍ଭେରେ-** 'ବିକଶିତ ଓଡ଼ିଶା' ପରିକଳ୍ପନା ଅନୁଯାୟୀ, ଓଡ଼ିଶାର ଜିଡିପିକୁ ୧୧୩ ବିଲିୟନ ଡଲାରରୁ ୧୫୦୦ ବିଲିୟନ ଡଲାରକୁ ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଏଥିପାଇଁ ଶିଳ୍ପ, ସେବା କ୍ଷେତ୍ର, ଭିତ୍ତିଭୂମି ବିକାଶ, ଡିଜିଟାଲ୍ ନବସୃଜନ ଏବଂ ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ଦିଆଯାଇଛି । ଅର୍ଥନୈତିକ ସର୍ଭେ ଅନୁଯାୟୀ, ୨୦୨୫-୨୬ରେ ଓଡ଼ିଶାର ପ୍ରକୃତ ଜିଡିପି ଅଭିବୃଦ୍ଧି ହାର ୭.୯% ଥିଲା, ଯାହା ଭାରତର ହାରାହାରି ୭.୨% ତୁଳନାରେ ସାମାନ୍ୟ ଅଧିକ । ୨୦୪୭ ସୁଦ୍ଧା ଓଡ଼ିଶାକୁ ଦେଶର ଶୀର୍ଷ ୫ଟି ବି ନିର୍ମାଣ ରାଜ୍ୟ ମଧ୍ୟରେ ସାମିଲ କରିବା ପାଇଁ ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ ଅଞ୍ଚଳ ଗଠନ, ମହାନଦୀ ରିଭରଫ୍ରଣ୍ଟ ବିକାଶ, ଜଳସେଚନ କ୍ଷମତା ୫୫%କୁ ବୃଦ୍ଧି ଏବଂ ସ୍ମାର୍ଟ ଫାର୍ମ ମାର୍କେଟ୍ ପ୍ରତିଷ୍ଠା ଉପରେ ଗୁରୁତ୍ୱ ଦିଆଯାଇଛି ।

ତେବେ ସର୍ଭେର ଏକ ଚିନ୍ତାଜନକ ଦିଗ ହେଉଛି ଯେ, ୭୮% ଶ୍ରମଶକ୍ତି ଅଣ ସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ, ଯାହାର ମୋଟ ଉତ୍ପାଦନରେ ଅବଦାନ ମାତ୍ର ୪% ।

ଅର୍ଥନୀତି ଏବଂ ସାମ୍ବିଧାନିକ ଆଇନରେ ପ୍ରଫେସର ଭାବରେ ଏକାଡେମୀରେ ଯୋଗଦେବା ପୂର୍ବରୁ ପ୍ରଫେସର ମିଶ୍ର ୩୬ ବର୍ଷ ପର୍ଯ୍ୟନ୍ତ ଜଣେ ସରକାରୀ କର୍ମଚାରୀ ଥିଲେ । ତାଙ୍କ ମାର୍ଗଦର୍ଶନରେ ୧୨ ଜଣ ପଣ୍ଡିତଙ୍କୁ ପିଏଚଡି ପ୍ରଦାନ କରାଯାଇଛି । ସେ ସ୍କୋପସ୍ ଇଣ୍ଡେକ୍ସ ଏବଂ ୱେବ୍ ସାଇନ୍ସ ଜର୍ଣ୍ଣାଲରେ ତାଙ୍କର ୬ଟି ପୁସ୍ତକ ଏବଂ ୨୬ଟି ଗବେଷଣା ପ୍ରବନ୍ଧ ରହିଛି । ସେ ବର୍ତ୍ତମାନ



**ସତ୍ୟ ନାରାୟଣ ମିଶ୍ର**
ପ୍ରଫେସର ଏମିରିଟସ୍ ଏବଂ ନିୟମିତ ସ୍ତମ୍ଭକାର

ମାନବ ବିକାଶ ସୂଚକାଙ୍କ କ୍ଷେତ୍ରରେ ମଧ୍ୟ ସମସ୍ୟା ରହିଛି; ପ୍ରାୟ ୩୦% ଶିଶୁ ଅପପୁଷ୍ଟି ଯୋଗୁଁ ବାମନତାର ଶିକାର ଏବଂ ୬୩% କିଶୋରୀ ରକ୍ତହୀନତାର ସମ୍ମୁଖୀନ ହେଉଛନ୍ତି । ଏସଡିଜି ଲକ୍ଷ୍ୟ କ୍ଷେତ୍ରରେ ଓଡ଼ିଶା ଏବେ ମଧ୍ୟ କ୍ଷୁଧାରୁ ମୁକ୍ତି, ଗୁଣାତ୍ମକ ଶିକ୍ଷା ଏବଂ ଶିଳ୍ପ ଓ ନବସୃଜନ କ୍ଷେତ୍ରରେ ପଛୁଆ ରହିଛି ।

**ବଜେଟରେ-** ମୋଟ ବ୍ୟୟବରାଦ ୩.୧ ଲକ୍ଷ କୋଟି ଟଙ୍କା ଧାର୍ଯ୍ୟ କରାଯାଇଛି, ଯେଉଁଥିରେ ଋଣର ଅଂଶ ୧୬% । ମୋଟ ବ୍ୟୟ ମଧ୍ୟରୁ ପୁଞ୍ଜିଗତ ବ୍ୟୟ ୩୦% ରହିଛି, ଯାହା ଗତ ବର୍ଷ ତୁଳନାରେ ୯.୩% ବୃଦ୍ଧି ପାଇଛି । ଫିସକାଲ୍ ଡେଫିସିଟ୍ (ରାଜକୋଷୀୟ ନିଅଣ୍ଟ) ୩.୫% ରହିଛି, ଯାହା ଏଫଆରବିଏମ ସୀମା ମଧ୍ୟରେ ଅଛି । ଓଡ଼ିଶା ଏବେ ମଧ୍ୟ ଏକ ରାଜସ୍ୱ ବଳକା ରାଜ୍ୟ ହୋଇ ରହିଛି ।

**କ୍ଷେତ୍ରଭିତ୍ତିକ ବ୍ୟୟବରାଦ-** ଶିକ୍ଷା ବାବଦ ବ୍ୟୟବରାଦରେ ୧୪% ବୃଦ୍ଧି ଘଟିଛି । ତେବେ ଏହା ମୋଟ ବ୍ୟୟର ମାତ୍ର ୧୫%, ଯେଉଁଠାରେ କେରଳ ଭଳି ରାଜ୍ୟ ୨୨% ବ୍ୟୟ କରନ୍ତି ।

**ସ୍ୱାସ୍ଥ୍ୟ ଓ ସାମାଜିକ କଲ୍ୟାଣ:** ସ୍ୱାସ୍ଥ୍ୟ କ୍ଷେତ୍ରରେ ମାତ୍ର ୨.୩% ଏବଂ ସାମାଜିକ କଲ୍ୟାଣରେ ୩% ବୃଦ୍ଧି ହୋଇଛି ।

**ଜଳସେଚନ ଓ କୃଷି:** ଜଳସେଚନରେ ୨୪% ଏବଂ କୃଷି କ୍ଷେତ୍ରରେ ୧୨.୪%ରେ ଉଲ୍ଲେଖନୀୟ ବୃଦ୍ଧି ହୋଇଛି ।

**ମହିଳା ସଶକ୍ତିକରଣ:** 'ମିଶନ ଶକ୍ତି'ର ଧାରାକୁ ବଜାୟ ରଖି ନୂତନ ଭାବେ 'ସୁଭଦ୍ରା ଯୋଜନା' ମାଧ୍ୟମରେ ମହିଳାଙ୍କୁ ବାର୍ଷିକ ୧୦,୦୦୦ ଟଙ୍କା ପ୍ରଦାନର ବ୍ୟବସ୍ଥା କରାଯାଇଛି । ଆର୍ଥିକ ଅନଗ୍ରସର ଶ୍ରେଣୀର ଛାତ୍ରୀମାନେ ସ୍ନାତକ ପରେ ୧ ଲକ୍ଷ ଟଙ୍କା ପାଇବାର ନୂତନ ଯୋଜନା ମଧ୍ୟ ଆରମ୍ଭ ହୋଇଛି ।

ପୁରୀ: ପୁରୀକୁ ବିଶ୍ୱସ୍ତରୀୟ ପର୍ଯ୍ୟଟନ ଓ ଧାର୍ମିକ କେନ୍ଦ୍ର କରିବା ପାଇଁ ୧୦୦୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।

**ଅଭାବ ଓ ଆହ୍ୱାନ-** ବଜେଟରେ ଶିକ୍ଷା, ଦକ୍ଷତା ବିକାଶ ଏବଂ ଜଳସେଚନ ଉପରେ ଦିଆଯାଇଥିବା ଗୁରୁତ୍ୱ ସ୍ୱାଗତଯୋଗ୍ୟ । କିନ୍ତୁ ଅତ୍ୟଧିକ ଋଣ ଉପରେ ନିର୍ଭରଶୀଳତା ଚିନ୍ତାଜନକ, କାରଣ ରାଜସ୍ୱ ଆଦାୟ ମାତ୍ର ୭% ବୃଦ୍ଧି ପାଇବାର ଆଶା ଅଛି । ମାନବ ବିକାଶ ଏବଂ ମହିଳା ସଶକ୍ତିକରଣ, ଯାହା ନବୀନ ବାବୁଙ୍କର ଶକ୍ତି ଥିଲା, ସେହି କ୍ଷେତ୍ରରେ ଶିଶୁଙ୍କ ଅପପୁଷ୍ଟି ଏବଂ ଶିକ୍ଷାର ନିମ୍ନ ମାନ ଏବେ ବି ଏକ ବଡ଼ ପ୍ରଶ୍ନବାଚୀ ହୋଇଛି ।

ସବୁଠାରୁ ଆଶ୍ଚର୍ଯ୍ୟଜନକ ବିଷୟ ହେଉଛି ଆଗାମୀ ୧୫-୨୦ ବର୍ଷରେ ପିପିପି ମୋଡରେ ୩୦ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ଆଶା କରିବା । ଭାରତରେ ପିପିପି ମଡେଲରେ ବେସରକାରୀ ସଂସ୍ଥାର ଅଂଶଗ୍ରହଣ ପ୍ରାୟ ୨୦% ଥାଏ, କିନ୍ତୁ ଓଡ଼ିଶାରେ ୭୫% ପୁଞ୍ଜି ବେସରକାରୀ କ୍ଷେତ୍ରରୁ ଆସିବ ବୋଲି ଭାବିବା ଅତିରିକ୍ତ ଆତ୍ମବିଶ୍ୱାସ ଭଳି ମନେହୁଏ । ଏହାଛଡ଼ା, ବିକାଶ କେବଳ ଭୁବନେଶ୍ୱର, କଟକ, ପାରାଦୀପ ଓ ପୁରୀ ମଧ୍ୟରେ ସୀମିତ ରହିଲେ ରାଜ୍ୟର ଆଦିବାସୀ ଓ ପଛୁଆ ଜିଲ୍ଲାଗୁଡ଼ିକ ଅବହେଳିତ ହୋଇ ରହିଯିବେ ।

ଗୁନାର ମାୟାରଡାଲଙ୍କ 'ସେଣ୍ଟର୍ ପେରିଫେରୀ' ତତ୍ତ୍ୱ ଅନୁଯାୟୀ, ଯଦି କେବଳ କିଛି ସହର ସମୃଦ୍ଧ ହେବେ ଏବଂ ଗାଁଗୁଡ଼ିକ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ପଛରେ ପଡ଼ିବେ, ତେବେ ଏହା ଏକ ଅସନ୍ତୁଳିତ ବିକାଶର ରୂପ ନେବ । ଓଡ଼ିଶା ବର୍ତ୍ତମାନ ଏହି ଅସନ୍ତୁଳିତ ବିକାଶର ଜାଲରେ ଛନ୍ଦି ହେବା ଭଳି ମନେ ହେଉଛି ।

# ରାଜଧାନୀବାସୀଙ୍କ ପାଇଁ ଯୋଜନା ପ୍ରବଳ, ଭିତ୍ତିଭୂମି ଦୁର୍ବଳ

ଭୁବନେଶ୍ୱର ହେଉଛି ଆମ ଓଡ଼ିଶାର ରାଜଧାନୀ । ଭୁବନେଶ୍ୱରରେ ବିସ୍ତାରିତ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ସରକାର ଦିନକୁ ଦିନ ଟ୍ରାଫିକ୍ ସମସ୍ୟା, ଗୃହ ଅଭାବ ଏବଂ ଜନ କଲ୍ୟାଣ ଭଳି ସମସ୍ୟାର ସମାଧାନ ପାଇଁ ରାଜ୍ୟ ସରକାର ଭୁବନେଶ୍ୱର ସହରର ସୀମା ବୃଦ୍ଧି କରିବାକୁ ଯୋଜନା କରୁଛନ୍ତି । ଭୁବନେଶ୍ୱରରେ "ସମ୍ପତ୍ତି ମୂଲ୍ୟ ବୃଦ୍ଧି, ଟ୍ରାଫିକ୍ ସମସ୍ୟା ଏବଂ ଭିତ୍ତିଭୂମି ଚାପ ଭଳି ସହର ଚ୍ୟାଲେଞ୍ଜର ସମ୍ମୁଖୀନ ପାଇଁ ଟାଉନ ପ୍ଲାନିଂ ସ୍କିମ୍ (ଟିପି ସ୍କିମ୍) ଅଧୀନରେ ସୀମା ବିସ୍ତାର କରିବା ସହ ସମସ୍ୟାର ସମାଧାନ କରିବାକୁ କାର୍ଯ୍ୟକାରୀ କରୁଛନ୍ତି । କିନ୍ତୁ ରାଜଧାନୀରେ ସବୁ ଥାଇ ମଧ୍ୟ ଏବେ ବି ବହୁ ବିଶୃଙ୍ଖଳା ପରିସ୍ଥିତିର ସମ୍ମୁଖୀନ ହେଉଛି ।

୧୯୬୬ ମସିହାରେ ଜର୍ମାନ ସ୍ଥପତି ଅଟ୍ଟୋ କନିଗସବର୍ଗଙ୍କ ଦ୍ୱାରା ଡିଜାଇନ୍ ହୋଇଥିବା ଭାରତର ପ୍ରଥମ ଯୋଜନାବଦ୍ଧ ସହର ମଧ୍ୟରୁ ଭୁବନେଶ୍ୱର ଗୋଟିଏ ହୋଇଥିଲେ ମଧ୍ୟ ସହରଟି ଦ୍ରୁତ ସହରୀକରଣ ଏବଂ ଖରାପ ଭିତ୍ତିଭୂମି ପରିଚାଳନା ସହିତ ସଂଘର୍ଷ କରିଆସୁଛି । ଏହାର ପରିଣାମ ହେଉଛି ଦୈନିକ ଟ୍ରାଫିକ୍ ସମସ୍ୟା, ଖରାପ ସ୍ୱଚ୍ଛତା ଏବଂ ସର୍ବସାଧାରଣ ସୌନ୍ଦର୍ଯ୍ୟରେ ସାଧାରଣ ହ୍ରାସ । ରାଜ୍ୟର ରାଜଧାନୀ ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀ, ରାଜ୍ୟପାଳଙ୍କ ଠାରୁ ଆରମ୍ଭ କରି ସବୁ ସରକାରୀ କାର୍ଯ୍ୟାଳୟର ମୁଖ୍ୟ ଦପ୍ତର, ଆଇଏସ୍, ଓଏସ୍, ଆଇପିଏସ୍ ଆଦି ଦକ୍ଷ ପ୍ରଶାସନିକ ସେବା ଅଧିକାରୀ, ମନ୍ତ୍ରୀ, ଯନ୍ତ୍ରୀ, ବିଧାୟକ, ବୁଦ୍ଧିଜୀବୀ, ବଡ଼ ବଡ଼ ସାମାଜିକ ଅନୁଷ୍ଠାନ, ସବୁଠୁ ଧନୀ ଲୋକଙ୍କ ବସବାସ ସତ୍ତ୍ୱେ ରାଜଧାନୀରେ ଏତେ ଅବ୍ୟବସ୍ଥା କଣ ପାଇଁ ? ଏଥିପାଇଁ ଦାୟୀ କିଏ ? କାହାକୁ ଉତ୍ତର ଦାୟୀ କରିବା, ଏହା ସବୁଠାରୁ ବଡ଼ ପ୍ରଶ୍ନ ।

ବଢୁଥିବା ଜନସଂଖ୍ୟାର ଚାହିଦା ପୂରଣ କରିବା ପାଇଁ ପ୍ରଶାସନିକ ଏବଂ ପୌରପାଳିକା ୟୁନିଟଗୁଡ଼ିକୁ ଉନ୍ନତ କରାଯିବା, ପ୍ରସ୍ତାବିତ ବିକାଶରେ ଏକ ରିଙ୍ଗ ରୋଡ୍ ନିର୍ମାଣ ଏବଂ ଭିତ୍ତିଭୂମି ଏବଂ ସଂଯୋଗୀକରଣରେ ଉନ୍ନତି ଆଣିବା ପାଇଁ ବିଦ୍ୟମାନ ରାସ୍ତା ପ୍ରଶସ୍ତ କରାଯିବା ପାଇଁ ସରକାର ମାଷ୍ଟର ପ୍ଲାନ୍ କରୁଛନ୍ତି ।



**ଶାରଦା ପ୍ରସନ୍ନ ସ୍ୱାଇଁ**

ଭୁବନେଶ୍ୱର, କଟକ ଏବଂ ପୁରୀକୁ ନେଇ ଏକ ତ୍ରିସ୍ତରୀୟ ସହର ନିର୍ମାଣ କରିବା ପାଇଁ ସରକାର ଲକ୍ଷ୍ୟ ରଖିଥିବା ବେଳେ ଭୁବନେଶ୍ୱରକୁ ସରକାର ସ୍ମାର୍ଟ ସିଟି ମିଶନ ଅଧୀନରେ ନିଜର ନାଗରିକମାନଙ୍କ ପାଇଁ ଅଧିକ ବିକଶିତ, ସ୍ଥାୟୀ ଏବଂ ଜୀବନ୍ତ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଉଛନ୍ତି ।

କିନ୍ତୁ ଭୁବନେଶ୍ୱରର ସବୁଠାରୁ ମୁଖ୍ୟ ପ୍ରସଙ୍ଗ ହେଉଛି ଚନ୍ଦକା, ମଞ୍ଚେଶ୍ୱର ଏବଂ ରସୁଲଗଡ ପରି ଶିଳ୍ପ କ୍ଲଷ୍ଟରରେ ଜଟିଳ ରାସ୍ତା ଏବଂ ପର୍ଯ୍ୟାପ୍ତ ଜଳ ନିଷ୍କାସନ ବ୍ୟବସ୍ଥା । ମୁଖ୍ୟ ରାସ୍ତାକୁ ଛାଡ଼ି ଦେଲେ ସବୁ ଗଳିକନ୍ଦି ରାସ୍ତା ଗୁଡ଼ିକର ଅବସ୍ଥା ଅତ୍ୟନ୍ତ ସାଂଘାତିକ । ଟିକେ ବର୍ଷା ହେଲେ ସମସ୍ତେ ଜଳବନ୍ଦୀ । ଡ୍ରେନେଜ ବ୍ୟବସ୍ଥା ବହୁତ ଖରାପ । ଓଡିଶା ଶିଳ୍ପ ଭିତ୍ତିଭୂମି ବିକାଶ ନିଗମର (ଇଡ୍କୋ) ଅବହେଳା ଯୋଗୁଁ ଜଳସ୍ତର ଏବଂ ସୁରକ୍ଷା ଚିନ୍ତା ସମେତ ବାସିନ୍ଦାମାନେ ଗୁରୁତର ଆହ୍ୱାନର ସମ୍ମୁଖୀନ ହେଉଛନ୍ତି । ନିଗମ ରାସ୍ତା ଏବଂ ଡ୍ରେନଗୁଡ଼ିକର ମରାମତି କରୁଛି, କିନ୍ତୁ ଭାରୀ ଯାନବାହାନ ଯୋଗୁଁ ଭିତ୍ତିଭୂମି କ୍ଷତି ସହିଛି । ସହରର ଯୋଜନାବଦ୍ଧ ସମ୍ପ୍ରସାରଣ ଦ୍ୱାରା ଟ୍ରାଫିକ ସମସ୍ୟା ଦେଖାଦେଇଛି, ପାର୍କିଂ କଥା ନ କହିଲେ ଭଲ । ଟ୍ରାଫିକ ବ୍ୟବସ୍ଥା ସମ୍ପୂର୍ଣ୍ଣ ବେହାଲ । ରାସ୍ତାରେ ୧୪ ଲକ୍ଷରୁ ଅଧିକ ଯାନବାହାନ ଏବଂ ପ୍ରତି ମାସରେ ପ୍ରାୟ ୧୨,୦୦୦ ନୂତନ ଯାନ ଯୋଗ କରାଯାଇଛି । ଦୁଇ ଚକିଆ ଯାନ ଏବଂ ସାଇକେଲ ପାଇଁ ଅଲଗା କରିଡରର ଅଭାବ ସଡ଼କ ଦୁର୍ଘଟଣାକୁ ଅସୁରକ୍ଷିତ କରୁଛି । ବାୟୁ ପ୍ରଦୂଷଣ ଏକ ଗୁରୁତ୍ୱପୂର୍ଣ୍ଣ ଚିନ୍ତାର କାରଣ, ସହରର ହଟସ୍ପଟ୍ ସମୁଦାୟ ନାଇଟ୍ରୋଜେନ୍ ଅକ୍ସାଇଡ୍ ନିର୍ଗମନର ୫୦% ଯୋଗଦାନ ଦେଇଥାଏ । ଏହି ସମସ୍ୟାର ସମାଧାନ ପାଇଁ ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେସନ (ବିଏମସି) କାର୍ଯ୍ୟ କରୁଛି, କିନ୍ତୁ ଅଧିକ କରିବା ଆବଶ୍ୟକ । ଏକ ମେଟ୍ରୋ ରେଳ ପ୍ରକଳ୍ପ ପ୍ରବର୍ତ୍ତନ ଏବଂ ଡିଜିଟାଲ୍ ଭିତ୍ତିଭୂମି ଏବଂ ସ୍ଥାୟୀ ସହରୀ ଯୋଜନା ସହିତ ସ୍ମାର୍ଟ ସିଟି ପଦକ୍ଷେପ କାର୍ଯ୍ୟକାରୀ କରିବାକୁ ଓଡ଼ିଶା ସରକାର ଯୋଜନା ଘୋଷଣା କରିଛି ।

ଏଥିସହ ରାଜଧାନୀରେ ଦିନକୁ ଦିନ ଅପରାଧ ବଢ଼ିବାରେ ଲାଗିଛି । ଡ୍ରଗ୍ସ ଖାଇ ଯୁବପିଢ଼ି ଏବେ ମତୁଆଲା । ଏଠାରେ ଝିଅ-ବୋହୂ ସୁରକ୍ଷିତ ନୁହଁନ୍ତି । ସୁନାଚେନ୍ ଛଡ଼ାଇ ନେବା ଭଳି ଅପରାଧୀଙ୍କର ଏବେ ନିତିଦିନିଆ ଘଟଣା ପାଲଟିଲାଣି । ଯୁବପିଢ଼ୀଙ୍କ ପାଖରେ ଚାକିରି ନାହିଁ । ଏହି ଚ୍ୟାଲେଞ୍ଜଗୁଡିକର ମୁକାବିଲା ପାଇଁ, ବିଶେଷଜ୍ଞମାନେ ସହରାଞ୍ଚଳ ଯୋଜନାରେ ଅଧିକ ସକ୍ରିୟ ଏବଂ ସ୍ୱଚ୍ଛ ଆଭିମୁଖ୍ୟ ଗ୍ରହଣ କରିବାକୁ ପରାମର୍ଶ ଦେଇଛନ୍ତି । ଏଥିରେ ସବୁଜ ସ୍ଥାନ ଗୁଡିକର ସୁରକ୍ଷା, ନିର୍ମାଣ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରିବା ଏବଂ ରାସ୍ତାଘାଟ ବିକ୍ରେତାମାନଙ୍କୁ ନିର୍ଦ୍ଦିଷ୍ଟ ଜୋନ୍ ସ୍ଥାନାନ୍ତର କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବା ଦରକାର ।

ବିଦ୍ୟୁତ୍ ବିଲ୍‌କୁ ନେଇ ଏବେ ରାଜଧାନୀବାସୀ ପୁରା ହନ୍ତସନ୍ତ । ପ୍ରଦୂଷଣ ମାତ୍ରା ଏତେ ଅଧିକ ଯେ, ନିଶ୍ୱାସ ପ୍ରଶ୍ୱାସ ନେବା କଷ୍ଟକର ହୋଇପଡ଼ିଲାଣି । ବେସରକାରୀ ଚାକିରିଆଙ୍କୁ ଦରମା ଠିକ ସମୟରେ ମିଳୁନି । ପନିପରିବା ଦର ଆକାଶ ଛୁଆଁ । ରିୟଲ ଇଷ୍ଟେଟ୍ ଦର ଏତେ ବଢ଼ି ଯାଇଛି ଯେ, ଜମି ବା ଘର କିଣିବା ସମ୍ଭବପର ନୁହେଁ । ସରକାରୀ ସ୍ୱାସ୍ଥ୍ୟସେବାରେ ଅବହେଳା ଓ ସରକାରି ଡାକ୍ତରଙ୍କ ବେସରକାରୀ ଟଙ୍କା ପ୍ରତି ଅହେତୁକ ଲୋଭ ଯୋଗୁଁ ଲୋକେ ବେସରକାରୀ ହସପିଟାଲ୍ ଯିବାକୁ ବାଧ୍ୟ ହେଉଛନ୍ତି । ବେସରକାରୀ ହସପିଟାଲର ଜୁଲମ୍ ଏତେ ଯେ, ଗରିବ ଲୋକଟି ଟଙ୍କା ଅଭାବରୁ ଉପଯୁକ୍ତ ଚିକିତ୍ସା ସୁବିଧା ନପାଇ ମରି ଯାଉଛି । ବହୁ ସଂଖ୍ୟାରେ ଋଣରେ ବୁଡ଼ି ଲୋକେ ଆତ୍ମହତ୍ୟା କରୁଛନ୍ତି । ରାଜ୍ୟରେ ରକ୍ତଦାନ ଏତେ ହେଉଛି, କିନ୍ତୁ ଠିକ୍ ସମୟରେ ଲୋକଟି ରକ୍ତ ନ ପାଇ ପ୍ରତିଦିନ ରକ୍ତ ଅଭାବରୁ ରୋଗିଟିଏ ମୃତ୍ୟୁ ବରଣ କରିବାର ଖବର ସାମ୍ନାକୁ ଆସୁଛି । ପୋଲିସ ନିଜ କର୍ତ୍ତବ୍ୟକୁ ଭୁଲି ଯାଇ ସରକାରଙ୍କ ହାତବାରିସି ସାଜିଛି । ଯଦି ରାଜଧାନୀରେ ଏଇଭଳି ଅବ୍ୟବସ୍ଥା ତାହେଲେ ଗାଁ ଗହଳି ଅବସ୍ଥା କଣ ହେଉଥିବ, ଏଥିରୁ ଆପଣ ଅନୁମାନ କରୁଥିବେ । ତେଣୁ ଏଠି କଥା ସ୍ୱାଭିମାନର ଓ ବିଚାର ଆପଣଙ୍କର । ଆସନ୍ତୁ ମିଳିମିଶି କାମ କରିବା, ଆମ ଓଡ଼ିଶା ଆମେ ଗଢ଼ିବା ।

**ପ୍ରକାଶକ**
**ଜନବାର୍ତ୍ତା, ସାପ୍ତାହିକ**
**ଭୁବନେଶ୍ୱର**

# ୫୫,୭୮୩ କୋଟି ଟଙ୍କାର ନିବେଶକୁ ମଞ୍ଜୁରୀ : ଢେଙ୍କାନାଳରେ ମେଗା ଷ୍ଟିଲ୍ ପ୍ଲାଣ୍ଟ



ଭୁବନେଶ୍ୱର/ଢେଙ୍କାନାଳ, ୭/୩ (ଜେଏନଏସ): ଢେଙ୍କାନାଳରେ ୩୫,୦୦୦ କୋଟି ଟଙ୍କାର ଏକ ଇସ୍ପାତ କାରଖାନାକୁ ଅନୁମୋଦନ ସହିତ ଓଡିଶା ଏହାର ଶିଳ୍ପ ଅଭିବୃଦ୍ଧି ଯାତ୍ରାରେ ଏକ ବଡ଼ ଲମ୍ଫ ମାରିଛି, କାରଣ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ କ୍ଲିୟରାନ୍ସ ଅଥରିଟିର ୪୩ତମ ବୈଠକରେ ୫୫,୭୮୩ କୋଟି ଟଙ୍କାର ମିଳିତ ନିବେଶ ସହିତ ସାତୋଟି ବୃହତ ଶିଳ୍ପ ପ୍ରକଳ୍ପକୁ ମଞ୍ଜୁରୀ ଦିଆଯାଇଛି। ଅନୁମୋଦିତ ପ୍ରକଳ୍ପଗୁଡ଼ିକ ରାଜ୍ୟର ବିଭିନ୍ନ ଜିଲ୍ଲାରେ ୧୪,୫୦୭ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାର ସମ୍ଭାବନା ରହିଛି।

ଅନୁମୋଦନଗୁଡ଼ିକର ନେତୃତ୍ୱ ନେଉଛି ସାଫ୍ରନ୍ ରିସୋର୍ସେସ୍ ପ୍ରାଇଭେଟ୍ ଲିମିଟେଡ୍, ଏକ ଜେଏସଡବ୍ଲୁ ଗ୍ରୁପ୍ କମ୍ପାନୀ, ଯାହା ଢେଙ୍କାନାଳରେ ବାର୍ଷିକ ୬ ନିୟୁତ ଟନ୍ ଇସ୍ପାତ କାରଖାନା ସ୍ଥାପନ କରିବ। କେବଳ ଏହି ମେଗା ପ୍ରକଳ୍ପ ମୋଟ ଅନୁମୋଦିତ ନିବେଶର ୬୦ ପ୍ରତିଶତରୁ ଅଧିକ ପ୍ରଦାନ କରେ ଏବଂ ପ୍ରାୟ ୮,୦୦୦ ନିଯୁକ୍ତି ସୃଷ୍ଟି କରିବ ବୋଲି ଆଶା କରାଯାଉଛି, ଯାହା ଭାରତର ପ୍ରମୁଖ ଇସ୍ପାତ ଉତ୍ପାଦନ କେନ୍ଦ୍ର ମଧ୍ୟରୁ ଗୋଟିଏ ଭାବରେ ଓଡ଼ିଶାର ସ୍ଥିତିକୁ ଉଲ୍ଲେଖନୀୟ ଭାବରେ ସୁଦୃଢ଼ କରିବ। ବୈଠକରେ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ ସଦ୍ୟତମ ନିବେଶ ମଞ୍ଜୁରୀଗୁଡ଼ିକ ଓଡ଼ିଶାର ଶିଳ୍ପ ମେରୁଦଣ୍ଡକୁ ମଜବୁତ କରିବା ସହିତ ସନ୍ତୁଳିତ ଆଞ୍ଚଳିକ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ସରକାରଙ୍କ ରଣନୀତିକୁ ପ୍ରତିଫଳିତ କରୁଛି। 'ଏହି ନିବେଶ ମଞ୍ଜୁରୀ ମାଧ୍ୟମରେ, ଆମେ ୨୦୩୬ ସୁଦ୍ଧା ରାଜ୍ୟକୁ ଶକ୍ତିଶାଳୀ, ଆତ୍ମନିର୍ଭର ଏବଂ ସମୃଦ୍ଧ ଓଡ଼ିଶା ପାଇଁ ପ୍ରସ୍ତୁତ କରିବା ପାଇଁ ଓଡ଼ିଶାର ବିଭିନ୍ନ ଅଂଶ ଉପରେ ଧ୍ୟାନ ଦେଉଛୁ,' ସେ କହିଛନ୍ତି। ଏଚଏଲସିଏ ଅନୁମୋଦନ ଗୁଡ଼ିକ ଇସ୍ପାତ, ବିରଳ ପୃଥିବୀ ଉତ୍ପାଦନ, ଅଟୋମୋବାଇଲ୍ ଏବଂ ଅଟୋ-ଉପାଦାନ, ସେମିକଣ୍ଡକ୍ଟର, ଶିଳ୍ପ ଗ୍ୟାସ୍, ଫେରୋଆଲୟ ଏବଂ ବିଦ୍ୟୁତ୍ ଏବଂ ନବୀକରଣୀୟ ଶକ୍ତି ସମେତ ବିଭିନ୍ନ କ୍ଷେତ୍ରକୁ ବ୍ୟାପିଛି। ଏହି ପ୍ରକଳ୍ପଗୁଡ଼ିକ ଢେଙ୍କାନାଳ, ଗଞ୍ଜାମ, କେନ୍ଦୁଝର ଏବଂ ଖୋର୍ଦ୍ଧା ଜିଲ୍ଲାରେ ପ୍ରସ୍ତାବିତ, ଯାହା ବିକେନ୍ଦ୍ରୀକୃତ ଏବଂ ଅନ୍ତର୍ଭୁକ୍ତ ଶିଳ୍ପ ଅଭିବୃଦ୍ଧି ଉପରେ ରାଜ୍ୟର ଗୁରୁତ୍ୱକୁ ରେଖାଙ୍କିତ କରେ।

ଉନ୍ନତ ଉତ୍ପାଦନକୁ ଏକ ପ୍ରମୁଖ ପ୍ରୋତ୍ସାହନ ସ୍ୱରୂପ, ଜିନ୍ଦଲ ପଲି ଫିଲ୍ମସ୍ ଲିମିଟେଡ୍ ବିରଳ ପୃଥିବୀ ବର୍ଗ ଅଧୀନରେ ୦.୫ ଏମଟିପିଏ କ୍ଷମତା ସହିତ ଏକ ଟାଇଟାନିୟମ୍ ଡାଇଅକ୍ସାଇଡ୍ ପିଗ୍ମେଣ୍ଟ୍ ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠା କରିବା ପାଇଁ ଗଞ୍ଜାମରେ ୧୨,୦୦୦ କୋଟି ନିବେଶ ପ୍ରସ୍ତାବ ଦେଇଛି। ଏହି ପ୍ରକଳ୍ପ ୪,୦୦୦ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ଆଶା କରାଯାଉଛି ଏବଂ ଉଚ୍ଚ-ମୂଲ୍ୟ ସାମଗ୍ରୀ କ୍ଷେତ୍ରରେ ଭାରତର କ୍ଷମତାକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଅଟୋମୋବାଇଲ୍ ଏବଂ ଅଟୋ-ଉପାଦାନ କ୍ଷେତ୍ରକୁ ମଧ୍ୟ ଏକ ଉତ୍ସାହ ମିଳିଛି, ଏକ ପ୍ରତିଷ୍ଠିତ କମ୍ପାନୀ ଗଞ୍ଜାମରେ ଟାୟାର, କାର୍ବନ ବ୍ଲାକ୍ ଏବଂ ଜିଙ୍କ୍ ଅକ୍ସାଇଡ୍ ଉତ୍ପାଦନ ପାଇଁ ଏକ ୟୁନିଟ୍ ସ୍ଥାପନ କରିବା ପାଇଁ ୧,୬୯୭ କୋଟି ବିନିଯୋଗ କରିବାକୁ ଯୋଜନା କରୁଛି, ଯାହା ଦ୍ୱାରା ୬୮୫ ନିଯୁକ୍ତି ସୃଷ୍ଟି ହେବ। ଅର୍ଦ୍ଧପରିବାହୀ କ୍ଷେତ୍ରରେ ଓଡ଼ିଶାର ପାଦଚିହ୍ନକୁ ସୁଦୃଢ଼ କରିବା ପାଇଁ, ସାନକୋଡ୍ ସେମି ପ୍ରାଇଭେଟ୍ ଲିମିଟେଡ୍ ୧,୬୪୯.୯୮ କୋଟି ବିନିଯୋଗ ସହିତ ଖୋର୍ଦ୍ଧାରେ ଏକ ଆଉଟସୋର୍ସଡ୍ ସେମିକଣ୍ଡକ୍ଟର ଆସେମ୍ବଲି ଏବଂ ପରୀକ୍ଷଣ ସୁବିଧା ପ୍ରତିଷ୍ଠା କରିବ। ଏହି ପ୍ରକଳ୍ପ ୫୭୦ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ଏବଂ ରାଜ୍ୟର ଉଦୀୟମାନ ସେମିକଣ୍ଡକ୍ଟର ଇକୋସିଷ୍ଟମକୁ ଆହୁରି ସୁଦୃଢ଼ କରିବ ବୋଲି ଆଶା କରାଯାଉଛି। ଶିଳ୍ପ ଗ୍ୟାସ୍ କ୍ଷେତ୍ରରେ, ଆଇନକ୍ସ ଏୟାର ପ୍ରଡକ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍ ଢେଙ୍କାନାଳରେ ଏକ ଏୟାର ପୃଥକୀକରଣ ୟୁନିଟ୍ ସ୍ଥାପନ କରିବା ପାଇଁ ୧,୩୦୦ କୋଟି ବିନିଯୋଗ ପ୍ରସ୍ତାବ ଦେଇଛି, ଯାହା ଉଚ୍ଚ-ଗୁଣବତ୍ତା ଗ୍ୟାସ୍ ପାଇଁ ବର୍ଦ୍ଧିତ ଶିଳ୍ପ ଚାହିଦା ପୂରଣ କରିବ ଏବଂ ୧୮୦ ନିଯୁକ୍ତି ସୃଷ୍ଟି କରିବ।

ଫେରୋ ଆଲୟଜ୍ କର୍ପୋରେସନ୍ ଲିମିଟେଡ୍ ଦ୍ୱାରା କେନ୍ଦୁଝରରେ ଫେରୋ ଆଲୟଜ୍ କର୍ପୋରେସନ୍ ଲିମିଟେଡ୍ ଦ୍ୱାରା ୨,୦୦୦ କୋଟି ନିବେଶ ପାଇଁ ଅନୁମୋଦନ ମିଳିଛି ଯାହା ଦ୍ୱାରା ଫେରୋ ମାଙ୍ଗାନିଜ୍, ସିଲିକୋ ମାଙ୍ଗାନିଜ୍, ମାଙ୍ଗାନିଜ୍ ଅୟର୍କ ବେନିଫିସିଏସନ୍ ପାଇଁ ସୁବିଧା ସ୍ଥାପନ କରାଯିବ ଏବଂ ୧୦୦ ମେଗାୱାଟ୍ କ୍ୟାପ୍‌ଟିଭ୍ ପାୱାର ପ୍ଲାଣ୍ଟ ମଧ୍ୟ କରାଯିବ। ଏହି ପ୍ରକଳ୍ପ ଦ୍ୱାରା ୭୭୨ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଆଶା କରାଯାଉଛି।

ଏହା ସହିତ, ଜିଏମଆର କମଲାଙ୍ଗ ଏନର୍ଜି ଲିମିଟେଡ୍ ଢେଙ୍କାନାଳରେ ୩୫୦ ମେଗାୱାଟ୍ ତାପଜ ବିଦ୍ୟୁତ୍ କେନ୍ଦ୍ର ସ୍ଥାପନ ପାଇଁ ୨,୧୩୬.୦୨ କୋଟି ନିବେଶ କରିବ, ଯାହା ଦ୍ୱାରା ୩୦୦ ନିଯୁକ୍ତି ସୃଷ୍ଟି ହେବ ଏବଂ ଶିଳ୍ପ ପ୍ରସାରକୁ ସମର୍ଥନ କରିବା ପାଇଁ ରାଜ୍ୟର ବିଦ୍ୟୁତ୍ ଭିତ୍ତିଭୂମିକୁ ସୁଦୃଢ଼ କରାଯିବ। ଅଧିକାରୀମାନେ କହିଛନ୍ତି ଯେ ଅନୁମୋଦନଗୁଡ଼ିକ ଶିଳ୍ପ ବିବିଧତା, ପ୍ରଯୁକ୍ତିବିଦ୍ୟା ନେତୃତ୍ୱାଧୀନ ଅଭିବୃଦ୍ଧି ଏବଂ ନିବେଶକ-ଅନୁକୂଳ ଶାସନ ଉପରେ ଓଡ଼ିଶାର ନିରନ୍ତର ଧ୍ୟାନକୁ ଗୁରୁତ୍ୱାରୋପ କରେ। ଦ୍ରୁତ ମଞ୍ଜୁରୀ ଏବଂ ସ୍ପଷ୍ଟ ନୀତି ନିର୍ଦ୍ଦେଶ ସହିତ, ରାଜ୍ୟ ପାରମ୍ପରିକ ଶିଳ୍ପ ଏବଂ ଉଦୀୟମାନ କ୍ଷେତ୍ର ଉଭୟ ପାଇଁ ଏକ ପସନ୍ଦିତ ଗନ୍ତବ୍ୟସ୍ଥଳ ଭାବରେ ସ୍ଥିର ଭାବରେ ଉଭା ହେଉଛି। ଶିଳ୍ପ ପ୍ରୋତ୍ସାହନ '୨୦୪୭ ସୁଦ୍ଧା ବିକାଶ ଭାରତ'ର ଜାତୀୟ ଦୃଷ୍ଟିକୋଣ ଏବଂ '୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା' ହାସଲ କରିବାର ଓଡ଼ିଶାର ଦୀର୍ଘକାଳୀନ ଲକ୍ଷ୍ୟ ସହିତ ସମନ୍ୱିତ, ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱ ସାରା ରାଜ୍ୟରେ ଅନ୍ତର୍ଭୁକ୍ତ, ସ୍ଥାୟୀ ଏବଂ ଉଚ୍ଚ ପ୍ରଭାବଶାଳୀ ବିକାଶକୁ ପ୍ରେରଣା ଦେଉଛି।

# କାନ୍ଦୁଛି ହିନ୍ଦୋଳ

ହିନ୍ଦୋଳ, ୭/୩ (ଜେଏନଏସ): ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଅଞ୍ଚଳ। ଶିଳ୍ପରେ ଭରପୁର ଅଞ୍ଚଳ ହେଲେ ସବୁଠୁ ଅଧିକ ଅବହେଳିତ ଅଞ୍ଚଳ। ଶିଳ୍ପ ଅଛି ସତ ହେଲେ ସ୍ଥାନୀୟ ଯୁବକଙ୍କ ପାଇଁ ରୋଜଗାର ନାହିଁ। ଜିନ୍ଦଲ, ଟାଟା, ରୁଙ୍ଗଟା ଭଳି କମ୍ପାନୀ ରହିଛି କିନ୍ତୁ ସ୍ଥାନୀୟ ଯୁବକଙ୍କୁ ରୋଜଗାର ମିଳୁନାହିଁ। ଉଚ୍ଚ ଶିକ୍ଷିତ ଯୁବକ ଅଛନ୍ତି ହେଲେ କମ୍ପାନୀରେ ମୂଲିଆ କାମ କରୁଛନ୍ତି। କିଏ ଗାଡ଼ି ଚଳାଉଛି ତ ଆଉ କିଏ ହେଲ୍ପର କାମ କରୁଛି। ଢେଙ୍କାନାଳର ହିନ୍ଦୋଳ ଅର୍ଥନୀତି ଦୃଷ୍ଟିରୁ ଦେଖିବାକୁ ଗଲେ ଅନେକ କିଛି ଦେଉଛି ହେଲେ ପାଉନି କିଛି। ଏମିତିକି କମ୍ପାନୀ ଗୁଡ଼ିକ ନିଜର ସିଏସଆର ଫଣ୍ଡ ଏହି ଅଞ୍ଚଳରେ ବିନିଯୋଗ ନକରି ପାଖ ଜିଲ୍ଲାରେ ବିନିଯୋଗ କରୁଥିବା ଅଭିଯୋଗ ହୋଇଆସିଛି। ହିନ୍ଦୋଳ ଅଞ୍ଚଳରେ ଯାଇଥିବା ଛୋଟିଆ ନଦୀ ଲିଙ୍ଗରା ଆସ୍ତେ ଆସ୍ତେ ପ୍ରଦୂଷିତ ହେବାରେ ଲାଗିଛି। ଏହି ନଦୀ କୂଳବର୍ତ୍ତୀ ଅଞ୍ଚଳରେ କିଡନୀ ରୋଗ ଅଧିକ ମାତ୍ରାରେ ବ୍ୟାପୁଥିବା ବେଳେ ପ୍ରଶାସନ କିନ୍ତୁ ଏଠାରେ ନୀରବଦ୍ରଷ୍ଟା ସାଜିଛି। ବେରୋଜଗାରୀ ଦିନକୁ ଦିନ ବଢୁଥିବା ବେଳେ ନିଜ ଅଞ୍ଚଳରେ ଶିଳ୍ପ ଥାଇ ମଧ୍ୟ ଦାଦନ ଯାଉଛନ୍ତି ଯୁବକ। ବିଜେପି ସରକାରକୁ ଆସିଲା ପରେ ରୋଜଗାରର ସ୍ଥିତି ବଢିବ ସ୍ଥାନୀୟ ଯୁବକ ନିଜ ଅଞ୍ଚଳରେ ରୋଜଗାର ପାଇବେ, ଦାଦନ ମୁକ୍ତ ଓଡ଼ିଶା ଗଠନ କରିବୁ ବୋଲି ଘୋଷଣା କରିଥିଲେ ମଧ୍ୟ ସତରେ ସରକାରକୁ ଆସିଲା ପରେ ସେସବୁ ଭୁଲି ଯାଇଛନ୍ତି। ଯାହାର ପ୍ରକୃତ ଚିତ୍ର ଢେଙ୍କାନାଳ ବୟାନ କରୁଛି। ଶିଳ୍ପ ପାଇଁ ପ୍ରଦୂଷଣ ମଧ୍ୟ ବଢ଼ିବାରେ ଲାଗିଛି। ହେଲେ ଏନେଇ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କଲେ ମଧ୍ୟ କେହି ଶୁଣିବାକୁ ନାରାଜ। ବଢ଼ିବାରେ ଲାଗିଛି ବେଆଇନ କ୍ରସର। ବେଆଇନ ବ୍ଲାଷ୍ଟିଂ ଯୋଗୁଁ ପୂର୍ବରୁ ସାଧାରଣ ଲୋକଙ୍କ ଜୀବନ ଯାଇଥିବା ମଧ୍ୟ ନଜର ରହିଛି। ଅନେକ ରାଜନୈତିକ ବ୍ୟକ୍ତି ବେଆଇନ କ୍ରସର ଚଳାଉଥିବା ହେତୁ ପ୍ରଶାସନ ଆଖିରେ ପଟି ବାନ୍ଧି ଦେଉଥିବା ସାଧାରଣ ଲୋକ ଅଭିଯୋଗ କରିଛନ୍ତି। ଏହି ଅଞ୍ଚଳର ଆଉ ଏକ ପ୍ରମୁଖ ସମସ୍ୟା ହେଉଛନ୍ତି ଜଙ୍ଗଲି ହାତୀ। ହାତୀ ଜନବସତି ମୁହାଁ ହେଉଥିବାର ଦେଖିବାକୁ ମିଳୁଛି। କେବଳ ସେତିକି ନୁହେଁ ଅନେକ ଚାଷଜମିକୁ ମଧ୍ୟ ଅନେକ ସମୟରେ ଏମାନେ ନଷ୍ଟ କରିଦେଉଛନ୍ତି। ଢେଙ୍କାନାଳର ସବୁଠାରୁ ଉନ୍ନତ ଅଞ୍ଚଳ ହିନ୍ଦୋଳ ହେଲେ ସମସ୍ୟାର ମଧ୍ୟ ଭରପୁର ଅଞ୍ଚଳ। ଏଠି ସମସ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି ହେଲେ ସମାଧାନ ଶୁନ।

# ପୂର୍ବତନ ସହକାରୀ ଯନ୍ତ୍ରୀ ଦୋଷୀ ସାବ୍ୟସ୍ତ ଦୁଇ ବର୍ଷର କାରାଦଣ୍ଡ, ୫୦ ହଜାର ଜରିମାନା

ଢେଙ୍କାନାଳ, ୭/୩ (ଜେଏନଏସ): ଢେଙ୍କାନାଳର ପୂର୍ବତନ ସହକାରୀ ଯନ୍ତ୍ରୀ ନିରଞ୍ଜନ ପଣ୍ଡାଙ୍କୁ ଡିଏ ମାମଲାରେ ମାନ୍ୟବର ସ୍ୱତନ୍ତ୍ର ବିଚାରପତି, ଭିଜିଲାନ୍ସ ଢେଙ୍କାନାଳ ୨ଦୁଇ ବର୍ଷ ସଶ୍ରମ କାରାଦଣ୍ଡ ଶୁଣାଇବା ସହ ୫୦ ହଜାର ଟଙ୍କା ଜରିମାନା ଲଗାଇଛନ୍ତି। ପ୍ରକାଶ ଥାଉ କି, ଢେଙ୍କାନାଳର ପୂର୍ବତନ ସହକାରୀ ଯନ୍ତ୍ରୀ ଢେଙ୍କାନାଳ ଜିଲ୍ଲାର କାମାକ୍ଷା ନଗରର ଝିରିଡାମାଲିର ଓଇସିଏଫ ଡିଭିଜନ-୩ର ପୂର୍ବତନ ସହକାରୀ ଯନ୍ତ୍ରୀ ନିରଞ୍ଜନ ପଣ୍ଡାଙ୍କୁ ୨ ମାର୍ଚ୍ଚ, ୨୦୨୬ ରେ ଏକ ଆୟର ଅନୁପାତିକ ସମ୍ପତ୍ତି ମାମଲାରେ ଦୋଷୀ ସାବ୍ୟସ୍ତ କରାଯାଇଥିଲା। ଓଡ଼ିଶା ଭିଜିଲାନ୍ସ ତାଙ୍କ ଜ୍ଞାତ ଆୟ ଉତ୍ସରୁ ଅଧିକ ସମ୍ପତ୍ତି ରଖିବା ପାଇଁ ଦୁର୍ନୀତି ନିବାରଣ ଆଇନ, ୧୯୮୮ ର ଧାରା ୧୩(୨) ସହିତ ୧୩(୧)(ର) ଅନୁଯାୟୀ ତାଙ୍କ ବିରୁଦ୍ଧରେ ଚାର୍ଜସିଟ୍ ଦାଖଲ କରିଥିଲା। ଅଧିକାରୀମାନେ ନିଶ୍ଚିତ କରିଛନ୍ତି ଯେ ପଣ୍ଡା ଦୋଷୀ ସାବ୍ୟସ୍ତ ହେବା ପରେ ଭିଜିଲାନ୍ସ ତାଙ୍କ ପେନସନ ବନ୍ଦ କରିବା ପାଇଁ ସକ୍ଷମ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିବ।

# ତୁଟୁନି ହାତୀ-ମଣିଷ ଲଢ଼େଇ ପୁଣି ଜଣେ ମହିଳା ମୃତ

ଢେଙ୍କାନାଳ, ୭/୩ (ଜେଏନଏସ): ଢେଙ୍କାନାଳରେ ତୁଟୁନି ହାତୀ-ମଣିଷ ଲଢ଼େଇ। ଅକାଳରେ ଯାଉଛି ନିରୀହ ଜୀବନ। ତମଣ୍ଡା ଗାଁରେ ପୁଣି ଜଣେ ମହିଳାଙ୍କୁ ଦଳିଦେଲା ଦନ୍ତା। ଭୋର ୬ଟାରେ ସ୍ୱାମୀ, ସ୍ତ୍ରୀ ଓ ୭ ବର୍ଷର ଝିଅ ଚାଲିଚାଲି ଖୁଣ୍ଟୁଝାରି ଗାଁକୁ ଯାଉଥିବା ବେଳେ ଗୋଟିକିଆ ଦନ୍ତା ଆକ୍ରମଣ କରିଥିଲା। ସ୍ତ୍ରୀ ସୁଷମା ପଧାନଙ୍କୁ ଶୁଣ୍ଢରେ ଟାଣି ଦଳିଦେଇଥିବା ବେଳେ ସ୍ୱାମୀ ଗୁରୁବାରି ପଧାନ ଓ ୭ ବର୍ଷର ଝିଅ ଗଛରେ ଚଢ଼ି ଜୀବନ ବଞ୍ଚାଇଛନ୍ତି । ୨୨ ଦିନରେ ୬ଟି ମୁଣ୍ଡ ଗଲାଣି । ଘଟଣା ସ୍ଥଳରେ ଭାପୁର ଫାଣ୍ଡି ପୁଲିସ ଓ ବନ କର୍ମଚାରୀ ପହଞ୍ଚିଛନ୍ତି । ୨୨ ଦିନରେ ୬ଟି ମୁଣ୍ଡ ଗଲାଣି ।

# ମଣ୍ଡି ଅବ୍ୟବସ୍ଥାକୁ ନେଇ ଜିଲ୍ଲାପାଳଙ୍କ ଅଫିସ ଘେରାଉ




ଢେଙ୍କାନାଳ, ୭/୩ (ଜେଏନଏସ): ଯୋଗାଣମନ୍ତ୍ରୀଙ୍କ ଜିଲ୍ଲାରେ ମଣ୍ଡି ଅବ୍ୟବସ୍ଥା। ଢେଙ୍କାନାଳ ଜିଲାପାଳଙ୍କ କାର୍ଯ୍ୟାଳୟରେ ନବନିର୍ମାଣ କୃଷକ ସଙ୍ଗଠନ ବିକ୍ଷୋଭ ପ୍ରଦର୍ଶନ କରିଥିବା ଦେଖିବାକୁ ମିଳିଛି। ମଣ୍ଡି ଅବ୍ୟବସ୍ଥାକୁ ନେଇ ଶହ ଶହ ଚାଷୀ ଜିଲ୍ଲାପାଳଙ୍କ ଅଫିସ ଆଗରେ ଧାନ ବସ୍ତା ରଖି ତଳେ ଶୋଇ ପ୍ରତିବାଦ ଜଣାଇଛନ୍ତି । ଧାନ କିଣା ଏବଂ କଟନୀଛଟନୀକୁ ନେଇ ଚାଷୀ ମାନେ ତୀବ୍ର ବିରୋଧ କରିଛନ୍ତି।

# ପଦ୍ମ ଧରିଲେ ଘାସିରାମ ମହାକୁଡ଼




ଆଠମଲ୍ଲିକ, ୭/୩ (ଜେଏନଏସ): ଆଠମଲ୍ଲିକ ବ୍ଲକ କୁଦଗାଁ ପଞ୍ଚାୟତ ରେ ବିଜେପି ତରଫରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ବିଜେପି ନେତା ବସନ୍ତ ପ୍ରଧାନ ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବ ରେ ସରପଞ୍ଚ ସିଦ୍ଧାର୍ଥ ଶଙ୍କର କ୍ଷେତି ଉପସ୍ଥିତି ରେ ବିଜେଡ଼ି ଓ କଂଗ୍ରେସ ଦଳ ର ବହୁ କର୍ମୀ ବିଜେପି ରେ ସାମିଲ ହୋଇଥିଲେ। ନିକଟରେ ବିଜେଡ଼ିରୁ ଇସ୍ତଫା ଦେଇଥିବା ପୂର୍ବତନ ସରପଞ୍ଚ ତଥା ବରିଷ୍ଠ ନେତା ଘାସିରାମ ମହାକୁଡ଼ଙ୍କ ନେତୃତ୍ୱରେ ବହୁ ବିଜେଡ଼ି କର୍ମୀ ଓ କଂଗ୍ରେସ ଦଳର ରସାନନ୍ଦ ରାଜହଂସଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀ ବିଜେପି ରେ ସାମିଲ ହୋଇଥିଲେ। ସରପଞ୍ଚ ସିଦ୍ଧାର୍ଥ ଶଙ୍କର କ୍ଷେତି ଉତ୍ତରୀୟ ଓ ଟୋପି ପିନ୍ଧାଇ ଦଳକୁ ନୂତନ ଭାବରେ ଅନ୍ୟ ମିଶିଥିବା ଅନ୍ୟ ଦଳର କର୍ମୀଙ୍କୁ ସ୍ୱାଗତ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସବ କା ସାଥ ସବ କା ବିକାଶ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବିକାଶ ମୂଳକ କାର୍ଯ୍ୟ, କେନ୍ଦ୍ରଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରତି ଆସ୍ଥା ପ୍ରକଟ କରି ଦଳ ରେ ସାମିଲ ହେଲି ବୋଲି ଘାସିରାମ ମହାକୁଡ଼ ତାଙ୍କ ପ୍ରତିକ୍ରିୟା ରେ ପ୍ରକାଶ କରିଥିଲେ। ମିଶ୍ରଣ ପର୍ବ ପରେ ବରିଷ୍ଠ ବିଜେଡ଼ି ନେତା ଘାସିରାମ ମହାକୁଡ଼ ଓ ତାଙ୍କ ସମର୍ଥକ ବିଜେପି ଦଳ ରେ ସାମିଲ ହେଲା ପରେ ସଂଗଠନ ଆହୁରି ମଜଭୁତ ହେବ ବୋଲି ସରପଞ୍ଚ ଶ୍ରୀ କ୍ଷେତି ପ୍ରକାଶ କରିଥିଲେ । ଦଳରେ ସାମିଲ ହୋଇଥିବା କର୍ମୀଙ୍କ ମଧ୍ୟରେ ୱାର୍ଡ ସଭ୍ୟ ଧନଞ୍ଜୟ କର୍ଣ୍ଣ, ପ୍ରସନ୍ନ ମେସୁଆ, ଗଜାନନ ବେହେରା,ସୁଜିତ ପ୍ରଧାନ, ପଞ୍ଚାନନ ବେହେରା, ରମାକାନ୍ତ ପ୍ରଧାନ, ସୁଧାଂଶୁ ପ୍ରଧାନ, ବାଲି ପ୍ରଧାନ, ବୀରେନ୍ଦ୍ର ଚାଉଳିଆ, ବିନୋଦ ଗୁରାଣ୍ଡି, ପ୍ରବୀଣ ପ୍ରଧାନ, ପ୍ରଶାନ୍ତ ମେସୁଆ, ରାମ କୁମ୍ଭାର, ସଦାନନ୍ଦ ରାଜହଂସ, ରମାକାନ୍ତ ମେଣ୍ଡୁଳି, ବିଭୁତି ଭୂଷଣ କୁମ୍ଭାର, ଲକ୍ଷ୍ମଣ କୁମ୍ଭାର, ଧାର କୁମ୍ଭାର, ଅନ୍ତର୍ଯ୍ୟାମୀ କୁମ୍ଭାରଙ୍କ ବହୁ ସମର୍ଥକ ବିଜେପି ରେ ସାମିଲ ହୋଇଥିଲେ ।

# ବୋମା ମାଡ଼ରେ ସ୍ୱାମୀ ମୃତ୍ୟୁ, ସ୍ତ୍ରୀ ଓ ପୁତ୍ର ଆହତ



ଢେଙ୍କାନାଳ, ୭/୩ (ଜେଏନଏସ): ଢେଙ୍କାନାଳ ଜିଲ୍ଲା ସାରଙ୍ଗା ଗାଁରେ ହୋଲି ଖେଳକୁ ନେଇ ବୋମାମାଡ଼ ହୋଇଛି। ବୋମା ମାଡ଼ରେ ବିଶ୍ୱନାଥ ବେଜ ନାମକ ଏକ ବ୍ୟକ୍ତି ମୃତ୍ୟୁବରଣ କରିଥିବା ବେଳେ ତାଙ୍କ ପତ୍ନୀ ସୁଜାତା ବେଜ ଓ ପୁତ୍ର ସୌଭାଗ୍ୟ ବେଜ ଆହତ ହୋଇଛନ୍ତି। ଆହତ ଦୁହିଁଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ଅନୁଗୁଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଏସସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାଇ ସାରଙ୍ଗା ଗାଁର ବିଶ୍ୱନାଥ ବେଜ ହୋଲି ଖେଳୁଥିଲେ। ସେହି ସମୟରେ ତାଙ୍କ ସହ ତାଙ୍କ ପଡୋଶୀ ମାନଙ୍କ ମଧ୍ୟରେ ବିବାଦ ହୋଇଥିଲା। ଏହାକୁ କେନ୍ଦ୍ର କରି ଦିନ ପରେ ତାଙ୍କ ଘରେ ପହଞ୍ଚି ଆକ୍ରମଣ କରିଥିଲେ ପଡୋଶୀ ମାନେ। ବିଶ୍ୱନାଥ ବେଜଙ୍କ ପରିବାର ଲୋକ ମାନେ ବିରୋଧ କରିବାରୁ ଆକ୍ରମଣକାରୀ ମାନେ ସେମାନଙ୍କ ଉପରେ ଆକ୍ରମଣ କରିଥିଲେ। ଏହି ଘଟଣାରେ ବିଶ୍ୱନାଥଙ୍କ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିଲେ। ପାଲିସ ଘଟଣାସ୍ଥଳରେ ପହଁଞ୍ଚି ଘଟଣାର ତଦନ୍ତ କରି ଆକ୍ରମଣକାରୀ ମାନଙ୍କୁ ଖୋଜା କରୁଛି।

## ରକ୍ତର ହୋଲି ସ୍ୱାମୀକୁ ହତ୍ୟା ସ୍ତ୍ରୀ-ପୁଅ ଗୁରୁତର

ପର୍ଜଙ୍ଗ, ୭/୩ (ଜେଏନଏସ): ରଙ୍ଗର ପର୍ବ ହୋଲିରେ ଗାଁଠୁ ସହର ଉତ୍ସବ ମୁଖର ହୋଇପଡ଼ିଥିବା ବେଳେ, ବଚସା କେନ୍ଦ୍ର କରି ଜଣେ ଯୁବକ ଅନ୍ୟ ଏକ ପରିବାରର ସ୍ୱାମୀକୁ ହତ୍ୟା କରିବା ସହ ସ୍ତ୍ରୀ, ପୁଅକୁ ବି ଛୁରୀ ଭୁସି ଗୁରୁତର ଭାବେ ଆହତ କରିଛି । ପରେ ହତ୍ୟାକାରୀ ପୁଲିସ ହାତରେ ଧରା ପଡିଛି । ଏଭଳି ହତ୍ୟାକାଣ୍ଡ ଘଟିଛି ଢେଙ୍କାନାଳଜିଲ୍ଲା ପର୍ଜଙ୍ଗ ଥାନା ସରାଙ୍ଗ ଫାଣ୍ଡି ସୁବର୍ଣ୍ଣପୁର ପାଟଣା ସାହିରେ । ସେହି ସାହିର ବିଶ୍ୱନାଥ ବେଜଙ୍କ ପରିବାର ସହ ପ୍ରବୀଣ ବେଜଙ୍କ ପରିବାର ମଧ୍ୟରେ ବଚସା ହୋଇଥିଲା । ବିଶ୍ୱନାଥଙ୍କ ଜ୍ୱାଇଁ, ପୁଅ ମିଶି ପ୍ରଥମେ ପ୍ରବୀଣକୁ ମାଡ଼ପିଟ କରିଥିବା ଗ୍ରାମବାସୀଙ୍କ ଠାରୁ ଜଣା ପଡ଼ିଛି । ତେବେ ଅପରାହ୍ନ ପ୍ରାୟ ୨ଟା ବେଳେ ପ୍ରବୀଣ ବିଶ୍ୱନାଥଙ୍କ ଜ୍ୱାଇଁଙ୍କୁ ହତ୍ୟା କରିବା ପାଇଁ ତାଙ୍କ ଘରେ ପସି ଯାଇଥିଲା । ଜ୍ୱାଇଁଙ୍କୁ ନ ପାଇ ବିଶ୍ୱନାଥଙ୍କୁ ଛୁରୀ ଭୁସି, ଘୋଷାଡ଼ି ରାସ୍ତାରେ ପକାଇଦେଇଥିଲା । ସ୍ତ୍ରୀ ଖୁଜାରୀ, ନାବାଳକ ପୁଅ ଅଟକାଇବାରୁ ତାଙ୍କୁ ବି ଛୁରୀ ଭୁସି ଆହତ କରିଥିଲା । ଗ୍ରାମବାସୀଙ୍କ ସହଯୋଗରେ ସେମାନଙ୍କୁ ତାଳଚେର ମେଡିକାଲରେ ଭର୍ତ୍ତି କରାଯାଇଥିଲା । ଡାକ୍ତର ସେଠାରେ ବିଶ୍ୱନାଥଙ୍କୁ ମୃତ ଘୋଷଣା କରିଥିବା ବେଳେ, ମା ପୁଅଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ ମେଡିକାଲ ସ୍ଥାନାନ୍ତରିତ କରାଯାଇଛି । ଘଟଣାସ୍ଥଳରେ କାମାକ୍ଷାନଗର ଏସ ଡି ପି ଓ ରଜନୀ କାନ୍ତ ସାମଲ, ପର୍ଜଙ୍ଗ ଥାନା ଅଧିକାରୀ ଧିରେନ କୁମାର ବେହେରା, ଫାଣ୍ଡି ଅଧିକାରୀଙ୍କ ସମେତ ଟିମ ପହଞ୍ଚି ଘଟଣାର ତଦନ୍ତ ଜାରିରଖିଛନ୍ତି । ହତ୍ୟାକାରୀ ପ୍ରବୀଣକୁ ପୁଲିସ ଅଟକ ରଖିଛି ।

# ଉପଜିଲ୍ଲାପାଳଙ୍କ ମହାନତା, ନିଜ ଗାଡ଼ିରେ ପରୀକ୍ଷା କେନ୍ଦ୍ରକୁ ଦୁଇ ପରୀକ୍ଷାର୍ଥୀଙ୍କୁ ପଠାଇଲେ



କାମାକ୍ଷାନଗର, ୭/୩ (ଜେଏନଏସ): ଢେଙ୍କାନାଳ ଉପ ଜିଲ୍ଲାପାଳ ଦିନମଣି ନାୟକ ନିଜ ସରକାରୀ ଗାଡ଼ିରେ ଦୁଇ ଛାତ୍ରୀଙ୍କୁ ପରୀକ୍ଷା କେନ୍ଦ୍ରକୁ ପଠାଇଲେ। ଏଥିଲାଗି ଦୁଇ ପରୀକ୍ଷାର୍ଥୀ ଉପ ଜିଲ୍ଲାପାଳଙ୍କୁ ଧନ୍ୟବାଦ ଜଣାଇଲେ।

ଅଧାରୁ ପାଠ ଛାଡ଼ିଥିବା ବିଦ୍ୟାର୍ଥୀଙ୍କୁ ରାଜ୍ୟ ମୁକ୍ତ ବିଦ୍ୟାଳୟ ଜରିଆରେ ସିଧାସଳଖ ମାଟ୍ରିକ ପରୀକ୍ଷା ଦେବାର ସୁଯୋଗ ଦିଆଯାଇଛି। ଭୁବନ ପରୀକ୍ଷା କେନ୍ଦ୍ରର ୨ ବିଦ୍ୟାର୍ଥୀ ନିଜ ଆଡମିଟ କାର୍ଡ ଧରି ବସ୍ ?ରେ ବସି କାମାକ୍ଷାନଗର ବସ ଷ୍ଟାଣ୍ଡରେ ଏଣେ ତେଣେ ବୁଲୁଥିବା ସମୟରେ ଉଭୟଙ୍କୁ କଙ୍କଡ଼ାହାଡ଼ର ପୂର୍ବତନ ଜିଲ୍ଲା ପରିଷଦ କୃଷ୍ଣଚନ୍ଦ୍ର ସାହୁ ଦେଖିବାକୁ ପାଆନ୍ତି।ସମୟ ପ୍ରାୟ ସକାଳ ୮ଟା ୨୦ ମିନିଟ୍।। ପରୀକ୍ଷା ସକାଳ ୯ଟାରେ। ତାହା ପୁଣି ୩୫କିମି ଦୂର ଢେଙ୍କାନାଳ ଟାଉନର କୋରିଆଁ ସ୍ଥିତ ଭାନିରାମ ଉଚ୍ଚ ବିଦ୍ୟାଳୟରେ। ତତକ୍ଷଣାତ କୃଷ୍ଣଚନ୍ଦ୍ର ଦୁଇ ଛାତ୍ରୀଙ୍କୁ ଧରି କାମାକ୍ଷାନଗର ଉପଜିଲ୍ଲାପାଳଙ୍କ ସରକାରୀ ବାସଭବନକୁ ଗଲେ ଓ ସମସ୍ତ ବିଷୟ ଜଣାଇଲେ।ପ୍ରାୟ ୯ଟା ୩୫ରେ ଦୁଇ ପରୀକ୍ଷାର୍ଥୀ ପହଞ୍ଚି ପରୀକ୍ଷା ଦେବାର ସୁଯୋଗ ପାଇଲେଉପଜିଲ୍ଲାପାଳ ଦିନମଣି ନାୟକ ନିଜ ସରକାରୀ ଗାଡ଼ିରେ ଦୁଇ ଛାତ୍ରୀଙ୍କୁ ପରୀକ୍ଷା କେନ୍ଦ୍ରକୁ ପଠାଇଲେ। ସମୟ ପ୍ରାୟ ୯ଟା। ଢେଙ୍କାନାଳ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଫୋନ ଯୋଗେ ସମସ୍ତ ଘଟଣା ଜଣାଇଥିଲେ ଉପଜିଲ୍ଲାପାଳ। ପ୍ରାୟ ୯ଟା ୩୫ରେ ଦୁଇ ପରୀକ୍ଷାର୍ଥୀ ପହଞ୍ଚି ପରୀକ୍ଷା ଦେବାର ସୁଯୋଗ ପାଇଲେ। ଏଥିଲାଗି ଦୁଇ ପରୀକ୍ଷାର୍ଥୀ ଉପ ଜିଲ୍ଲାପାଳଙ୍କୁ ଧନ୍ୟବାଦ ଜଣାଇଲେ।

# କାଇମାଟିକୁ ନାହିଁ ଭଲ ନିତିଦିନିଆ ରାସ୍ତା, ଗାଁକୁ ଯାଇ ପାରୁନାହିଁ ଆମ୍ବୁଲାନ୍ସ କି ଅନ୍ୟ ଚାରି ଚକିଆ ଯାନ



ଢେଙ୍କାନାଳ, ୭/୩ (ଜେଏନଏସ): ସ୍ୱାଧୀନତାର ଏତେବର୍ଷ ପରେ ମଧ୍ୟ ଗାଁକୁ ନାହିଁ ନୀତି ଦିନିଆ ରାସ୍ତା, କଙ୍କଡାହାଡ଼ ବ୍ଲକ କାଇମାଟି ଗାଁର ୨୦ ପରିବାର ଜଙ୍ଗଲ ନାଳ ପାରିହେଲେ ଆସିବେ ମୁଖ୍ୟ ରାସ୍ତାକୁ, ଆମ୍ବୁଲାନ୍ସ କି ଅନ୍ୟ କୌଣସି ଗାଡି ଗାଁକୁ ଯିବ ନାହିଁ, ପାଦ ଚଲା ଏକମାତ୍ର ଭରସା । ସରକାର ଯୋଜନା ପରେ ଯୋଜନା କରୁଛନ୍ତି କିନ୍ତୁ ତାହା କିପରି ଲୋକଙ୍କ ପାଖରେ ପହଂଚୁଛି ଏହାକୁ ଦେଖିଲେ ଅନୁମାନ କରାଯାଇପାରେ । ଢେଙ୍କାନାଳ ଜିଲ୍ଲାର ଆକାଂକ୍ଷୀ ବ୍ଲକ ଭାବରେ କଙ୍କଡାହାଡ଼ ବ୍ଲକ ପରିଗଣିତ ଆଉ ସେହି ଆକାଂକ୍ଷୀ ବ୍ଲକର ଝିଲ୍ଲୀ ପଂଚାୟତ କାଇମାଟି ଗାଁ ।ଗାଁର ଚାରି ପାଖରେ ଖାଲି ଜଙ୍ଗଲ ଆଉ ଜଙ୍ଗଲ ଏହାରି ଭିତରେ ୨୦ ଆଦିବାସୀ ପରିବାର କାହିଁ କେଉଁ କାଳରୁ ଏଠାରେ ବସତି ସ୍ଥାପନ କରି ଚଳି ଆସୁଛନ୍ତି । ଦୁର୍ଗମ ଜଙ୍ଗଲ ଭିତରେ ବଣ ମୁଲକର ବାସୀ ଭାବରେ ଥିବାବେଳେ ମୌଳିକ ସୁବିଧାରୁ ବଂଚିତ । ନାହିଁ ଗାଁକୁ ନୀତି ଦିନିଆ ରାସ୍ତା ଖଣ୍ଡିଏ ।ଗାଁର ରାସ୍ତା ଅତ୍ୟନ୍ତ ଦୁର୍ଗମ ଜଙ୍ଗଲ ସହିତ ନାଳ ପାରିହେଲେ ଗାଁକୁ ଯିବାକୁ ହେବ । ଗାଁର ଛାତ୍ର ଛାତ୍ରୀ ମାନଙ୍କ ଠାରୁ ଆରମ୍ଭ କରି ଲୋକମାନେ ରାସନ ଚାଉଳ ହେଉ କି ଅସୁସ୍ଥ ହେଲେ ଅନ୍ୟ କାମ ପାଇଁ ଗାଁ ଠାରୁ ୩ କିମି ଜଙ୍ଗଲ ଦୁର୍ଗମ ଅତିକ୍ରମ କରିବା ପରେ ଭଲ ରାସ୍ତା ଆସିବ । ଦିର୍ଘ ବର୍ଷ ଗୁହାରୀ ପରେ ସରକାରଙ୍କ ତରଫରୁ ଜଙ୍ଗଲ ଭିତରେ ମାଟି ମୋରମର ଅଳ୍ପ ରାସ୍ତା ନିର୍ମାଣ କରାଯାଇଛି ସତ ହେଲେ ଗାଁ ପାଖରେ ଥିବା ୨ଟି ନାଳ ଭିତର ଦେଇ ଚାଲିକି ଆସିବା ମଧ୍ୟ ଏନେକ କଷ୍ଟ । ସରକାରୀ ବାବୁଙ୍କର ପାଦ ପଡିନଥିବା ଗାଁ ଭିତରୁ ଏ ଗୋଟିଏ ଗାଁ ନିଶ୍ଚିତ । ନହେଲେ ଅନେକ ଜାଗାରେ ରାସ୍ତା ଉପରେ ରାସ୍ତା ନିର୍ମାଣ ହେଉଥିବା ବେଳେ ଏଠାରେ ଜମା ରାସ୍ତା ନାହିଁ । ସରକାରୀ ବାବୁଙ୍କର କେବେ ଏହି କାଇମାଟି ଗାଁ ଉପରେ ଦୃଷ୍ଟି ପଡ଼ିବ ଆଉ ଲୋକମାନଙ୍କ ପାଇଁ ନୀତି ଦିନିଆ ଭଲ ରାସ୍ତା ନିର୍ମାଣ ହେବ ତାକୁ ଅପେକ୍ଷା କରିଛନ୍ତି ଗ୍ରାମବାସୀ ।

ଜନବାର୍ତ୍ତା
ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

# କାଗଜ ପ୍ୟାକେଟରେ ମଦ




ଭୁବନେଶ୍ୱର, ୭/୩ (ଜେଏନଏସ) : କାଚ ବୋତଲ ପରିବର୍ତ୍ତେ କାଗଜ ପ୍ୟାକେଟରେ ମଦ ବଜାରକୁ ଆଣିବା ଲାଗି ବ୍ୟବସ୍ଥା କରାଯାଉଛି ବୋଲି ନିକଟରେ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବିଧାନସଭାରେ କହିଛନ୍ତି। ନୂଆ ଅବକାରୀ ନୀତିରେ ନିୟମ ଅଣାଯାଇ କୁହାଯାଇଛି ଯେ, ଟେଟ୍ରା ପ୍ୟାକ୍‌ରେ ମଦ ବିକ୍ରି କରାଯିବ। ଏଭଳି ପ୍ୟାକେଜିଂ ବ୍ୟବସ୍ଥା ପରିବେଶ ଅନୁକୂଳ ବୋଲି ସରକାରୀ ସୂତ୍ରରୁ ଜଣାପଡ଼ିଛି। ଅବଶ୍ୟ ଟେଟ୍ରା ପ୍ୟାକ୍ କେଉଁ ଦୃଷ୍ଟିରୁ ପରିବେଶ ପାଇଁ ଅନୁକୂଳ ହେବ ତାହା ବୁଝିବା କଷ୍ଟକର। ବୋର୍ଡ(ମୋଟା) କାଗଜ, ପଲିଥିନ୍ ଓ ଆଲୁମିନିୟମ୍ ମିଶ୍ରଣରେ ପ୍ରସ୍ତୁତ ଟେଟ୍ରା ପ୍ୟାକ୍‌ର ଭିତର ଅଂଶ ଜଳରେ ଓଦା ହୁଏ ନାହିଁ। କିନ୍ତୁ ଟେଟ୍ରା ପ୍ୟାକ୍ ପ୍ରସ୍ତୁତିରେ ଯେଉଁସବୁ ଉପାଦାନ ରହୁଛି ସେଗୁଡ଼ିକ କାଗଜ ବ୍ୟତୀତ ବାୟୋଡିଗ୍ରେଡେବଲ ବା ମାଟିରେ ସହଜେ ମିଶିବ ନାହିଁ। ଆଲୁମିନିୟମ୍ ଭଳି ପଦାର୍ଥ ମାଟିରେ ମିଶିବା ପାଇଁ ୨୦୦ରୁ ୫୦୦ ବର୍ଷ ଲାଗିଥାଏ। ସେହିଭଳି ପଲିଥିନ୍ ବା ପଲିମର୍ସକୁ ୨୦ରୁ ୧୦୦୦ ବର୍ଷ ପର୍ଯ୍ୟନ୍ତ ଲାଗିଥାଏ ମାଟିରେ ମିଶିବା ପାଇଁ। ଏଣୁ ଟେଟ୍ରା ପ୍ୟାକ୍‌ର ଦ୍ୱିତୀୟ ବ୍ୟବହାର ନ ଥିବାରୁ ଏହା ପରିବେଶର ବିରାଟକାୟ କ୍ଷତି କରିଥାଏ। ସରକାରଙ୍କ ଉପରଲିଖିତ ଦୃଢ଼ୋକ୍ତି ସମ୍ପୂର୍ଣ୍ଣ ଭାବେ ଅସତ୍ୟ ତଥ୍ୟ ଉପରେ ଆଧାରିତ ବୋଲି ବୁଝାପଡୁଛି।

ଏହା ବ୍ୟତୀତ ମନେରଖିବାକୁ ହେବ ଯେ, ଆଲୁମିନିୟମ୍ ପ୍ରସ୍ତୁତିରେ ବକ୍ସାଇଟ ଓ ବିଦ୍ୟୁତ୍‌ଶକ୍ତିର ବ୍ୟବହାର ମୁଖ୍ୟତଃ ହୋଇଥାଏ। ଏହା ଏକ ହେଭି ମେଟାଲ ହୋଇଥିବାରୁ ମଦ ଭଳି ଜଳ ଏବଂ ଆଲକୋହଲ ମିଶ୍ରିତ କମ୍ପାଉଣ୍ଡ୍ ବା ଯୌଗିକ ବସ୍ତୁ ସହ ପ୍ରତିକ୍ରିୟା ହେବ। ଏହି ପ୍ରତିକ୍ରିୟାର କୁଫଳ ଟେଟ୍ରା ପ୍ୟାକ୍‌ରୁ ମଦ ପିଉଥିବା ବ୍ୟକ୍ତିଙ୍କ ଶରୀରରେ ପ୍ରବେଶ କରି ବିଭିନ୍ନ ମାରାତ୍ମକ ରୋଗ ଆରମ୍ଭ କରିବ। ସେହି ଟେଟ୍ରା ପ୍ୟାକ୍‌ରେ ଫଳରସ ବା ଗୋରସ ରହିଲେ କୌଣସି ରାସାୟନିକ ପ୍ରତିକ୍ରିୟା ହୋଇ ନ ଥାଏ। ଅନ୍ୟ ଦେଶଗୁଡ଼ିକରେ ଗ୍ରାହକଙ୍କ ସ୍ୱାସ୍ଥ୍ୟକୁ ଅଧିକ ଗୁରୁତ୍ୱ ଦିଆଯାଉଥିବାରୁ ସାଧାରଣତଃ ଟେଟ୍ରା ପ୍ୟାକ୍‌ରେ ମଦ ମିଳେ ନାହିଁ। ଦକ୍ଷିଣ ଓ ପଶ୍ଚିମ ଭାରତର କେତୋଟି ରାଜ୍ୟରେ ଏବେ ଟେଟ୍ରା ପ୍ୟାକ୍‌ରେ ମଦ ମିଳୁଛି। ଏହିସବୁ ରାଜ୍ୟ ହେଲେ କର୍ଣାଟକ, ମହାରାଷ୍ଟ୍ର ଏପରିକି ଉତ୍ତରରେ ଉତ୍ତରପ୍ରଦେଶ।

୧୮ ନଭେମ୍ବର ୨୦୨୫ରେ ସୁପ୍ରିମକୋର୍ଟ ଟେଟ୍ରା ପ୍ୟାକ୍‌ରେ ମଦ ବିକ୍ରି ବିପଜ୍ଜନକ ବୋଲି କହିଥିଲେ। ଜୁସ୍ ପ୍ୟାକେଟ ପରି ଦେଖାଯାଉଥିବାରୁ ପିଲାଙ୍କ ହାତରେ ଏଭଳି ଟେଟ୍ରା ପ୍ୟାକ୍ ପଡ଼ିଗଲେ ମାତାପିତା ଓ ଶିକ୍ଷକମାନେ ସେଥିରେ ନିଶାଦ୍ରବ୍ୟ ଅଛି କି ନାହିଁ ଜାଣିବା କଷ୍ଟକର ହୋଇପଡ଼ିବ। ଏକ ମାମଲାରେ 'ଅଫିସର୍ସ ଚଏସ୍' ତିଆରି କରୁଥିବା ଆଲାଇଡ ବ୍ଲେଣ୍ଡର୍ସ ଏବଂ 'ଅରିଜିନାଲ ଚଏସ୍' ନାମରେ ହ୍ୱିସ୍କି ବିକ୍ରି କରୁଥିବା ଜନ୍ ଡିଷ୍ଟିଲର୍ସ ଜଡ଼ିତ ଥିଲେ। ସେମାନଙ୍କ ବ୍ୟବସାୟିକ ପ୍ରତିଦ୍ୱନ୍ଦ୍ୱିତା ଏକ ରୋଚକ ମୋଡ଼ରେ ପହଞ୍ଚିଥିଲା ଯେଉଁଥିରେ ଦୁଇଟି କମ୍ପାନୀ ଇଣ୍ଟେଲେକ୍‌ଚୁଆଲ ପ୍ରପର୍ଟି ଆପିଲେଟ ବୋର୍ଡ (ଆଇପିଏବି) ନିକଟରେ ପରସ୍ପରର ଟ୍ରେଡ୍‌ମାର୍କ ସଂଶୋଧନ ପାଇଁ ଆବେଦନ କରିଥିଲେ। ଏକ ଆଦେଶରେ ଆଇପିଏବି ଦୁଇଟି ଆବେଦନକୁ ଖାରଜ କରି କହିଥିଲା ଯେ, ଟ୍ରେଡମାର୍କରେ ଏତେ ସମାନତା ନାହିଁ ଯାହା ଗ୍ରାହକଙ୍କୁ ଭ୍ରମରେ ପକାଇବ। କିନ୍ତୁ ନଭେମ୍ବର ୭ ତାରିଖରେ ମାଡ୍ରାସ ହାଇକୋର୍ଟର ଏକ ଡିଭିଜନ ବେଞ୍ଚ 'ଅରିଜିନାଲ ଚଏସ୍' ଟ୍ରେଡ୍‌ମାର୍କକୁ 'ଅଫିସର୍ସ ଚଏସ୍' ସହିତ ସମାନତା ଥିବାରୁ ସଂଶୋଧନ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା, ଯେଉଁଠାରେ ବିଭିନ୍ନ ଆକାରର ବୋତଲ ଓ ଟେଟ୍ରା ପ୍ୟାକ୍ ଖଣ୍ଡପୀଠକୁ ଦେଖାଯାଇଥିଲା। ଏହି ଟେଟ୍ରା ପ୍ୟାକ୍ ଗୁଡ଼ିକ ଦେଖି ସୁପ୍ରିମ୍‌କୋର୍ଟ ଖଣ୍ଡପୀଠ ଆଶ୍ଚର୍ଯ୍ୟ ବ୍ୟକ୍ତ କଲେ ଓ ଏହାର ନକାରାତ୍ମକ ଦିଗ ଉପରେ ଦୃଷ୍ଟି ଦେବାକୁ ଯାଇ ସତର୍କ କରାଇଲେ। ଖଣ୍ଡପୀଠ ଏହା ମଧ୍ୟ କହିଲେ ରାଜ୍ୟ ସରକାରଗୁଡ଼ିକ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ଅପେକ୍ଷା ରାଜସ୍ୱ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ଏହା ନିଶ୍ଚିତ ଭାବେ ଏକ ଚିନ୍ତାର ବିଷୟ।

ସରକାର ତାଙ୍କ ଆୟ ବଢ଼ାଇବା ପାଇଁ ମଦକୁ ଏକ ବଡ଼ ଧରଣର ସୂତ୍ର ଭାବେ ଧରିନେଇଛନ୍ତି। ଏଥିସହିତ ସରକାରଙ୍କୁ ଅନେକ ପ୍ରକାରର ସ୍ୱାସ୍ଥ୍ୟ ସମ୍ପର୍କିତ ମାଗଣା ଯୋଜନା ପରିଚାଳନା କରିବାକୁ ପଡୁଛି। ନାଗରିକଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ସମ୍ବନ୍ଧୀୟ ସବୁପ୍ରକାର ସରକାରୀ ଖର୍ଚ୍ଚ ପୃଥିବୀର ସବୁ ଦେଶରେ ସମର୍ଥନ ପାଇଥାଏ। ବିକଶିତ ଦେଶଗୁଡ଼ିକରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଗବେଷଣା ସବୁବେଳେ ଚାଲିଥାଏ। ଘରୋଇ କମ୍ପାନୀଗୁଡ଼ିକ ଚାପରେ ଅନେକ କାର୍ଯ୍ୟ ହେଉଥିବା ସତ୍ତ୍ୱେ ବିପରୀତ ଯୁକ୍ତି ଜୋର୍‌ସୋର ଶୁଣିବାକୁ ମିଳିଥାଏ। ଉଦାହରଣ ସ୍ୱରୂପ ୬ ବର୍ଷ ପୂର୍ବେ ହୋଇଥିବା କୋଭିଡ୍ ନିରାକରଣ ପାଇଁ ପୃଥିବୀର ୨/୩ଟି ଔଷଧୀୟ କମ୍ପାନୀ ଭ୍ୟାକ୍ସିନ ବା ଟିକା ପ୍ରସ୍ତୁତ କରି ବିକ୍ରି ଆରମ୍ଭ କରିଦେଲେ। ପୃଥିବୀବ୍ୟାପୀ ବୋକା ଜନସାଧାରଣ ଏହି ଟିକା ପାଇଁ ବାଡ଼ିଆପିଟା ହେଲେ। ସେହି ସମୟରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପ୍ ତାଙ୍କର ପ୍ରଥମ ଚାରିବର୍ଷିଆ ଶାସନ କାଳରେ ଟିକା ବିରୋଧରେ ଖୋଲାଖୋଲି ମତ ଦେବା ସହିତ ମୁହଁ ଢାଙ୍କିବାକୁ ଅସ୍ୱୀକାର କରିଥିଲେ। ତାଙ୍କ ସହିତ ଆମେରିକାରେ 'ଆଣ୍ଟି ଭ୍ୟାକ୍ସର' ନାମରେ ଏକ ବିରାଟ ଗୋଷ୍ଠୀ ଦେଶବ୍ୟାପୀ ସୃଷ୍ଟି ହେଲା, ଯେଉଁମାନେ କୋଭିଡ୍ ଭ୍ୟାକ୍ସିନ୍ ନେଲେ ନାହିଁ। ସେହି ସମୟରେ ଛାତ ଉପରେ ଛିଡ଼ାହୋଇ ଘଣ୍ଟି ବାଡ଼େଇଥିବା କ୍ଲାନ୍ତ ଭାରତୀୟ ଉଡ଼ାଜାହାଜ, ରେଳଗାଡ଼ି, ସ୍କୁଲ ଓ କଲେଜରେ ନାମ ଲେଖାଇବା ସହିତ ଅନେକ ମୌଳିକ କାର୍ଯ୍ୟ କରିବାକୁ ଚାହୁଁଥିଲେ ମଧ୍ୟ ସରକାରୀ ନିୟମ ଅନୁଯାୟୀ ଟିକା ନେବାର ପ୍ରମାଣପତ୍ର ପ୍ରଦାନ କରିବା ବାଧ୍ୟତାମୂଳକ ହୋଇଗଲା। ଏବେ ଜଣାପଡୁଛି ବିଶ୍ୱବ୍ୟାପୀ ଅନେକ ଲୋକଙ୍କ ମୃତ୍ୟୁ ବର୍ତ୍ତମାନ ମଧ୍ୟ ଘଟୁଛି ସେହି କୋଭିଡ୍ ଭ୍ୟାକ୍ସିନ୍‌ର କୁପ୍ରଭାବ ଯୋଗୁ। ଏଥିରୁ ଶିଖିବା କଥା ଯେ ସରକାର ଅତ୍ୟନ୍ତ ସଜାଗ ରହି ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିଷୟକୁ ଧ୍ୟାନ ଦେଲେ ଅସୁସ୍ଥ ଜନସାଧାରଣଙ୍କ ପାଇଁ ସରକାରୀ ଖର୍ଚ୍ଚ ହ୍ରାସ ପାଇବ।

## ବିଜୁ ବାବୁଙ୍କୁ ମନେ ପକାଇ ଭାବବିହ୍ୱଳ ହେଲେ ଦିଲ୍ଲୀପ ସୋସିଆଲ ମିଡିଆରେ ଲେଖିଲେ ମନର କଥା



ଭୁବନେଶ୍ୱର, ୭/୩ (ଜେଏନଏସ): ମାର୍ଚ୍ଚ ୫ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ଜନ୍ମତିଥୀ । ତେବେ ବିଜୁ ବାବୁଙ୍କ ଜନ୍ମବାର୍ଷିକୀରେ, ଭାରତୀୟ ଜନତା ପାର୍ଟିର ସମର୍ଥନରେ ସ୍ୱାଧୀନ ପ୍ରାର୍ଥୀ ଭାବରେ ରାଜ୍ୟସଭା ପାଇଁ ନାମାଙ୍କନ ଦାଖଲ କରିବା ସମୟରେ, ମୋର ହୃଦୟ ଭାବନାରେ ପରି ପୂର୍ଣ୍ଣ ବୋଲି ସୋସିଆଲ ମିଡ଼ିଆରେ ପ୍ରକାଶ କରିଛନ୍ତି ଦିଲ୍ଲୀପ ରାୟ । ସେ କହିଛନ୍ତି ମୁଁ ଓଡ଼ିଶାବାସୀଙ୍କ ଆଶୀର୍ବାଦ ଚାହୁଁଛି । ବିଶେଷକରି ବିଜୁ ବାବୁଙ୍କ ଦୃଷ୍ଟିକୋଣ ଏବଂ ଐତିହ୍ୟ ଦ୍ୱାରା ଅନୁପ୍ରାଣିତ ସମସ୍ତଙ୍କ ସମର୍ଥନ ଚାହୁଁଛି । ଆପଣଙ୍କ ବିଶ୍ୱାସ ଏବଂ ଉତ୍ସାହ ଆମ ରାଜ୍ୟର ସେବା କରିବା ପାଇଁ ମୋର ସଂକଳ୍ପକୁ ସଚ୍ଚୋଟତା, ସମର୍ପଣ ଏବଂ ସାଧୁତାର ସହିତ ମଜବୁତ କରିବ ବୋଲି ସେ ଲେଖିଛନ୍ତି...ସେ ଆହୁରି ଲେଖିଛନ୍ତି, ତାଙ୍କ ପାଇଁ ୫ ମାର୍ଚ୍ଚ କେବେବି କ୍ୟାଲେଣ୍ଡରରେ କେବଳ ଏକ ତାରିଖ ନୁହେଁ । ଏହି ଦିନ ସେ ବ୍ୟକ୍ତିତ୍ୱ ସମ୍ପନ୍ନ ଏବଂ ପିତାଙ୍କ ପରି ବ୍ୟକ୍ତିତ୍ୱଙ୍କୁ ମନେ ପକାଇଥାଏ । ଯିଏ କେବଳ ଓଡ଼ିଶାର ଭାଗ୍ୟକୁ ନୁହେଁ, ବରଂ ସାର୍ବଜନୀନ ଜୀବନରେ ତାଙ୍କ ଯାତ୍ରାକୁ ମଧ୍ୟ ଗଢ଼ି ତୋଳିଥିଲେ । ବିଜୁ ବାବୁ ଜଣେ ପ୍ରକୃତ ରାଜନେତା ଥିଲେ- ଦଳୀୟ ସୀମା ଏବଂ ଆଦର୍ଶରୁ ବାହାରେ । ସେ ଓଡ଼ିଶାର ଥିଲେ, ଓ ପ୍ରତ୍ୟେକ ଓଡ଼ିଆ ତାଙ୍କ ଐତିହ୍ୟରେ ଅନ୍ତର୍ଭୁକ୍ତ । ତାଙ୍କ ଜୀବନ ସାହସ, ସ୍ୱାଭିମାନ ଏବଂ ନିର୍ଭୀକ ସେବାର ବାର୍ତ୍ତା ଥିଲା । ସେ ଏପରି ଏକ ଓଡ଼ିଶାର ସ୍ୱପ୍ନ ଦେଖିଥିଲେ ଯାହା ଆତ୍ମବିଶ୍ୱାସ, ମର୍ଯ୍ୟାଦା ଏବଂ ଗର୍ବର ସହିତ ଠିଆ ହେବ ।

# ଆଉ ଏକ ଯୁଦ୍ଧ...

୮୬ ବର୍ଷୀୟ ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ସୟଦ ଅଲି ଖାମେନେଇଙ୍କ ସମେତ ଇରାନ ପ୍ରତିରକ୍ଷା ବାହିନୀ ଏବଂ ରିଭୋଲ୍ୟୁସନାରୀ ଗାର୍ଡସ୍ କର୍ପସର ମୁଖ୍ୟଙ୍କ ସମେତ ଦଶ ଦଶ ଜଣ ବରିଷ୍ଠ ଇରାନୀ ଅଧିକାରୀଙ୍କୁ ପୂର୍ବ ଯୋଜନାବଦ୍ଧ ଏବଂ ଲକ୍ଷ୍ୟଭେଦୀ ହତ୍ୟା କରାଯାଇଛି। ତେବେ ପଶ୍ଚିମ ଏସିଆରେ ନିଆଁ ଲାଗିବାର ମାତ୍ର ୨ ଦିନ ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଇସ୍ରାଏଲ ଗସ୍ତ ଅନେକ ପର୍ଯ୍ୟବେକ୍ଷକଙ୍କୁ ବିସ୍ମିତ କରିଛି। ମୋଦୀ ତେଲ୍ ଆଭିଭ୍ ?ରୁ ଫେରିବା ସମୟରେ ମଧ୍ୟ ଯୁଦ୍ଧର ବାଦଲ ଘନେଇ ଆସୁଥିଲା। କ'ଣ ଇରାନ ଉପରେ ଇସ୍ରାଏଲର ଆସନ୍ନ ଆକ୍ରମଣ ବିଷୟରେ ଭାରତ ଅବଗତ ନଥିଲା ? ଯଦି ହଁ, ତେବେ ଇସ୍ରାଏଲ ସହିତ ଥିବା ଅତ୍ୟନ୍ତ ନିବିଡ଼ ରଣନୈତିକ ଓ ସୁରକ୍ଷା ସମ୍ପର୍କ ଏବଂ ଦୁଇ ପ୍ରଧାନମନ୍ତ୍ରୀଙ୍କ ମଧ୍ୟରେ ଥିବା ବ୍ୟକ୍ତିଗତ ବନ୍ଧୁତାକୁ ଦୃଷ୍ଟିରେ ରଖି ଭାରତ ଇସ୍ରାଏଲକୁ ଯୁଦ୍ଧ ବନ୍ଦ କରିବା ପାଇଁ ପ୍ରବର୍ତ୍ତାଇ ପାରିଥାନ୍ତା। ଯଦି ନା, ତେବେ ଇସ୍ରାଏଲ୍ ? ଭାରତକୁ ଏଭଳି ଏକ ବଡ଼ ଅପରେସନ୍ ବିଷୟରେ ଜଣାଇବା ଉଚିତ୍ ମନେ କରିନଥିବ, ଯେତେବେଳେ କି ନେତାନ୍ୟାହୁ ଏହି ଗସ୍ତର ଆୟୋଜନ କରୁଥିଲେ (୨୦୧୭ ପରେ ଦ୍ୱିତୀୟ ଥର ପାଇଁ, ଜଣେ ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ପ୍ରଥମ ଇସ୍ରାଏଲ ଗସ୍ତ) ଏବଂ ଏହାକୁ ଏପରି ଭାବରେ ବ୍ୟକ୍ତିଗତ ରୂପ ଦେଉଥିଲେ ଯେପରି କିଛି ଗୁରୁତର ଘଟିବାକୁ ଯାଉନାହିଁ। ଦୁଇ ଦିନ ପରେ, ଫେବୃଆରୀ ୨୮ରେ, ଇସ୍ରାଏଲ୍ ପ୍ରଥମ କ୍ଷେପଣାସ୍ତ୍ର ଆକ୍ରମଣ କରିବା ସହିତ ଯୁଦ୍ଧ ଆରମ୍ଭ ହେଲା ଏବଂ ଆମେରିକା ତା' ପଛେ ପଛେ ଯୁଦ୍ଧକୁ ଓହ୍ଲାଇଲା। କିଛି ଘଣ୍ଟା ମଧ୍ୟରେ ଇରାନର ନେତୃତ୍ୱକୁ ନିପାତ କରାଗଲା ଏବଂ ଉଭୟ ଇସ୍ରାଏଲ ପ୍ରଧାନମନ୍ତ୍ରୀ ଓ ଆମେରିକା ରାଷ୍ଟ୍ରପତି ଇରାନର ଜନସାଧାରଣଙ୍କୁ ବିଦ୍ରୋହ କରିବା ଏବଂ ଶାସନ କ୍ଷମତା ନିଜ ହାତକୁ ନେବାକୁ ଆହ୍ୱାନ ଦେଲେ। କିନ୍ତୁ ତାହା ଘଟିଲା ନାହିଁ। ବରଂ, ଏହା କ୍ରୋଧିତ ଇରାନୀ ଜନସାଧାରଣଙ୍କୁ ଏକଜୁଟ୍ ହେବାକୁ ସୁଯୋଗ ଦେଲା ଏବଂ ତୁରନ୍ତ ନୂତନ ନେତୃତ୍ୱ ଦେଖିବାକୁ ମିଳିଲା, ଯାହା ପରେ ଇରାନ ପ୍ରତିଶୋଧ ପରାୟଣ ହୋଇ ସମଗ୍ର ଉପସାଗରୀୟ ଅଞ୍ଚଳର ତୈଳ ବିଶୋଧନାଗାର, ବନ୍ଦର, ଜାହାଜ ଏବଂ ବିମାନବନ୍ଦର ଉପରେ ଆକ୍ରମଣ କଲା। ଛଅଟି ଗଲ୍ଫ କୋଅପରେସନ୍ କାଉନସିଲ୍ ସଦସ୍ୟ ରାଷ୍ଟ୍ର – ବାହାରିନ, କୁଏତ, ଓମାନ, କତାର, ୟୁଏଇ ଏବଂ ସାଉଦି ଆରବ (ଇସ୍ରାଏଲ ସହିତ ଆମେରିକା, ବ୍ରିଟେନ ଏବଂ ଫ୍ରାନ୍ସର ବିମାନ ବାହିନୀ ଘାଟି ଉପରେ ଆକ୍ରମଣ କରିବା ସହିତ) ବିରୁଦ୍ଧରେ ଇରାନର ଏହି ଆକ୍ରମଣର ଉଦ୍ଦେଶ୍ୟ ଥିଲା ସଂଘର୍ଷକୁ ଆଞ୍ଚଳିକ ରୂପ ଦେବା ଏବଂ ସେହି ରାଷ୍ଟ୍ରଗୁଡ଼ିକର ଅର୍ଥନୀତି ଓ ବ୍ୟବସାୟକୁ ଶେଷ କରିଦେବା, ଯେଉଁମାନେ "ରକ୍ସସମ ରଙ୍କଷ୍ୱଇ" ନାମକ ମିଳିତ ସାମରିକ ଅଭିଯାନକୁ ସମ୍ମତି ଦେଇଥିବା ପରି ମନେ ହେଉଥିଲା।

ମନେ ପକାଯାଇପାରେ ଯେ, ଗତ ବର୍ଷ ଜୁନ୍ ମାସରେ ଇରାନର ପରମାଣୁ ସମୃଦ୍ଧିକରଣ ପ୍ରକ୍ରିୟାକୁ ଅଚଳ କରିବା ବାହାନାରେ ଇସ୍ରାଏଲ ଏବଂ ଇରାନ ମଧ୍ୟରେ ୧୨ ଦିନିଆ ଯୁଦ୍ଧ ହୋଇଥିଲା, ଯାହା ଆମେରିକା ଦ୍ୱାରା ଇରାନର ପରମାଣୁ କେନ୍ଦ୍ରଗୁଡ଼ିକ ଉପରେ ବୋମା ମାଡ଼ କରିବା ସହ ଶେଷ ହୋଇଥିଲା। ଇରାନର କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ମାଡ଼ରେ ଥକି ଯାଇଥିବା ଇସ୍ରାଏଲ୍ ଯୁଦ୍ଧ ଶେଷ କରିବା ପାଇଁ ୱାଶିଂଟନ୍‌କୁ ନିବେଦନ କରିଥିଲା ଏବଂ ରାଷ୍ଟ୍ରପତି ଟ୍ରମ୍ପ ଘୋଷଣା କରିଥିଲେ ଯେ ଇରାନର ପରମାଣୁ କ୍ଷମତା 'ସମ୍ପୂର୍ଣ୍ଣ ରୂପେ ନଷ୍ଟ' ହୋଇଯାଇଛି। ତଥାପି, ବର୍ତ୍ତମାନ ସ୍ଥିତିରେ ଯେତେବେଳେ ଜେନେଭାରେ ଓମାନ ମଧ୍ୟସ୍ଥତାରେ ଇରାନ ଏବଂ ଆମେରିକା ମଧ୍ୟରେ ଆଲୋଚନା ଚାଲିଥିଲା ଏବଂ ଇରାନ ତା'ର ପରମାଣୁ ପ୍ରକ୍ରିୟା କେବେ ବି ଅସ୍ତ୍ରଶସ୍ତ୍ର ତିଆରି ପାଇଁ ବ୍ୟବହାର ହେବ ନାହିଁ ବୋଲି ଗ୍ୟାରେଣ୍ଟି ଦେବାକୁ ରାଜି ହୋଇଥିଲା ଓ ଆନ୍ତର୍ଜାତୀୟ ପରମାଣୁ ଶକ୍ତି ଏଜେନ୍ସି ପ୍ରମାଣିତ କରିଥିଲା ଯେ ଇରାନ ବୋମା ତିଆରି କରୁନାହିଁ, ସେତେବେଳେ ଟ୍ରମ୍ପ ଆକ୍ରମଣ କରିବା ପାଇଁ ଜିଦ୍ ଧରିଥିଲେ (ଠିକ୍ ଯେପରି ଜୁନ୍ ମାସର ଯୁଦ୍ଧ ଆରମ୍ଭ ହୋଇଥିଲା)। ସେ ଇସ୍ରାଏଲ୍ ପଛେ ପଛେ ଇରାନ ସହିତ ଯୁଦ୍ଧରେ ସାମିଲ ହେଲେ, ଏଥର ସମ୍ପୂର୍ଣ୍ଣ ପ୍ରସ୍ତୁତି ସହିତ ଏବଂ ଦୁଇଟି ବୃହତ ବିମାନ ବାହୀ ଜାହାଜ, ଏକାଧିକ ଯୁଦ୍ଧ ବିମାନ ଓ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇ, ଯଦିଓ ଏକ ସାର୍ବଭୌମ ଦେଶ ବିରୁଦ୍ଧରେ ଯୁଦ୍ଧ କରିବା ପାଇଁ ୟୁଏନଏସସି କିମ୍ବା ଆମେରିକା କଂଗ୍ରେସର କୌଣସି ଅନୁମତି ନଥିଲା। ଆମେରିକାର ଲକ୍ଷ୍ୟ ଇରାନ ସରକାରଙ୍କ ଆତ୍ମସମର୍ପଣ ଏବଂ ଶାସନ ପରିବର୍ତ୍ତନ ଥିବାବେଳେ, ଇସ୍ରାଏଲ ସବୁବେଳେ ଇସଲାମିକ ରାଷ୍ଟ୍ରର ସମ୍ପୂର୍ଣ୍ଣ ବିନାଶ ଚାହିଁଆସିଛି, କାରଣ ସେ ଇରାନକୁ ବିଶ୍ୱ ଆତଙ୍କବାଦର ଉତ୍ସ ଏବଂ ହାମାସ, ହିଜବୁଲ୍ଲା ଓ ହୁତି ପରି ଏହାର ପ୍ରକ୍ସି/ ସହଯୋଗୀମାନଙ୍କୁ ସମର୍ଥନ କରୁଥିବା ଏକ ଅସ୍ତିତ୍ୱକୁ ବିପଦ ଭାବରେ ଦେଖେ। ଏହିପରି ଭାବରେ, ଆମେରିକା ଜେନେଭା ଆଲୋଚନାରେ ସର୍ତ୍ତ ରଖିଥିଲା ଯେ ଇରାନ ତା'ର ବାଲିଷ୍ଟିକ୍ କ୍ଷେପଣାସ୍ତ୍ର କ୍ଷମତାକୁ ସମର୍ପଣ କରୁ ଏବଂ ତା'ର ଅଣ-ରାଷ୍ଟ୍ରୀୟ ମିଲିସିଆ ସହଯୋଗୀମାନଙ୍କୁ ଅସ୍ତ୍ରଶସ୍ତ୍ର ଦେବାରୁ ଚିରଦିନ ପାଇଁ ନିବୃତ୍ତ ରହୁ। ଇରାନ ଏହାକୁ କେବେ ବି ଗ୍ରହଣ କରିପାରି ନଥାନ୍ତା, କାରଣ ସେ ନିଜର ପ୍ରତିରୋଧ ଶକ୍ତିକୁ ତ୍ୟାଗ କରି ଶତ୍ରୁମାନଙ୍କ ଆଗରେ ଅସହାୟ ହୋଇପାରିବ ନାହିଁ। ଇସ୍ରାଏଲ-ଆମେରିକା ମିଳିତ ଶକ୍ତି ପାଇଁ ନେତୃତ୍ୱ ନିପାତ ଅଭିଯାନର ଏହା ହିଁ ଥିଲା ଉପରୋକ୍ତ ଯୁକ୍ତି; ଟ୍ରମ୍ପଙ୍କ ଦ୍ୱାରା କରାଯାଇଥିବା ଏହି ଆକ୍ରମଣ ଆନ୍ତର୍ଜାତୀୟ ନିୟମର ସ୍ପଷ୍ଟ ଉଲ୍ଲଂଘନ ଥିଲା, ଯାହା ମାଧ୍ୟମରେ ମିଳିତ ଜାତିସଂଘ ଚାର୍ଟରର ଧାରା ୨ (୪) କୁ ଅବମାନନା କରାଗଲା, ଯାହା ସାର୍ବଭୌମ ରାଷ୍ଟ୍ର ବିରୁଦ୍ଧରେ ବଳ ପ୍ରୟୋଗକୁ ନିଷିଦ୍ଧ କରେ।



ମଳୟ ମିଶ୍ର

ଯୁଦ୍ଧ ଏବେ ୭ମ ଦିନରେ ପ୍ରବେଶ କରିଛି ଏବଂ ଇରାନର ପ୍ରତି-ଆକ୍ରମଣ ଅବିରତ ଜାରି ରହିଛି, ଯାହା ଇସ୍ରାଏଲ-ଆମେରିକାର ଶୀଘ୍ର ଯୁଦ୍ଧ ଶେଷ କରିବା ଏବଂ ଇରାନର ଆତ୍ମସମର୍ପଣ କରାଇବା ଲକ୍ଷ୍ୟକୁ ପରାସ୍ତ କରିଛି। ଏଥିସହ, ମାର୍ଚ୍ଚ ୪ ରେ ଶ୍ରୀଲଙ୍କାର ଦକ୍ଷିଣ ଉପକୂଳରେ ଭାରତୀୟ ଜଳରାଶି ନିକଟରେ ଆମେରିକାର ଏକ ପରମାଣୁ ଶକ୍ତି ଚାଳିତ ବୁଡ଼ାଜାହାଜ ଦ୍ୱାରା ଇରାନର ଯୁଦ୍ଧ ଜାହାଜ ଆଇଆରଏସ ଡେନାକୁ ବୁଡ଼ାଇ ଦିଆଯିବା ଘଟଣା ସ୍ଥିତିକୁ ଅଧିକ ଜଟିଳ କରିଛି। ଏହି ଜାହାଜଟି ବିଶାଖାପାଟଣାରେ ଭାରତ ଦ୍ୱାରା ଆୟୋଜିତ ଆନ୍ତର୍ଜାତୀୟ ଜଳସେନା ପ୍ରଦର୍ଶନୀ 'ମିଲନ୍'ରୁ ଫେରୁଥିଲା ଏବଂ ଏଥିରେ ଶତାଧିକ ନିରସ୍ତ୍ର ଇରାନୀ ନାବିକଙ୍କ ମୃତ୍ୟୁ ଘଟିଛି, ଯାହା ଫଳରେ ଇରାନ ଆହୁରି ଭୟଙ୍କର ପ୍ରତିଶୋଧ ନେଉଛି। ଏହି ଘଟଣା ଉପରେ ଭାରତ ନୀରବତା ବଜାୟ ରଖିଛି ଏବଂ ଏହାର କାରଣ ଭାବେ ଦର୍ଶାଇଛି ଯେ ଭାରତୀୟ ନୌସେନା ବିପଦ ସଙ୍କେତ ପାଇ ଘଟଣାସ୍ଥଳକୁ ଯାଉଥିବା ବେଳେ ଏହା ଘଟିଥିଲା। ପ୍ରକୃତ କାରଣ ହୋଇପାରେ ଯେ, ୨୦୨୩ ରେ ଆମେରିକା ପ୍ରତିରକ୍ଷା ମନ୍ତ୍ରଣାଳୟ ସହିତ ଚାରୋଟି ମୌଳିକ ଚୁକ୍ତି ସ୍ୱାକ୍ଷର କରିବା ପରେ ଭାରତକୁ ଏହାର ଇଣ୍ଡୋ-ପାସିଫିକ୍ କମାଣ୍ଡରେ ଆମେରିକା ପାଇଁ ଏକ ପ୍ରମୁଖ ସୁରକ୍ଷା ପ୍ରଦାନକାରୀ ଭାବରେ ବିବେଚନା କରାଯାଉଛି। କିନ୍ତୁ ଏହା ଅଧିକ ଗୁରୁତ୍ୱପୂର୍ଣ୍ଣ ଯେ ଭାରତ ଏହି ସ୍ଥିତି ବିଷୟରେ ଜାଣିବା ଉଚିତ୍ ଥିଲା ଏବଂ ଇରାନ ନୌସେନାକୁ ସତର୍କ କରାଇ ଦେବା ଉଚିତ୍ ଥିଲା। ଭାରତ ଦ୍ୱାରା ଆୟୋଜିତ ଏକ ଆନ୍ତର୍ଜାତୀୟ କାର୍ଯ୍ୟକ୍ରମରେ ବନ୍ଧୁତ୍ୱପୂର୍ଣ୍ଣ ଦେଶ ଭାବେ ଯୋଗ ଦେଇ ଫେରୁଥିବା ଏକ ଜାହାଜକୁ ସୁରକ୍ଷା ନ ଦେଇ ଭାରତ ଇରାନର ବିଶ୍ୱାସ ହରାଇବା ପରି ମନେ ହେଉଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଆମେରିକା ମଧ୍ୟ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାକୁ ରାଜି ହୋଇଥିଲା, ଯଦିଓ ପରେ ଓହରି ଯାଇଥିଲା।

ଖାମେନେଇଙ୍କ ହତ୍ୟା ଇସ୍ରାଏଲ-ଆମେରିକା ପାଇଁ ଏକ ବଡ଼ ଭୁଲ ହୋଇଥାଇ ପାରେ, କାରଣ ଏହା ଇରାନୀ ଲୋକଙ୍କୁ ଶାସନ ପରିବର୍ତ୍ତନ ପାଇଁ ଉତ୍ସାହିତ କରିବା ପରିବର୍ତ୍ତେ, ସମଗ୍ର ଅଞ୍ଚଳ ଏବଂ ତା' ବାହାରେ (ଭାରତରେ ମଧ୍ୟ) ସମସ୍ତ ଶିଆ ସମ୍ପ୍ରଦାୟକୁ ଏହି ହତ୍ୟାକୁ ନିନ୍ଦା କରିବା ଏବଂ ପ୍ରତିଶୋଧ ନେବା ପାଇଁ ଏକଜୁଟ୍ କରିଛି। ଇରାନ, ସର୍ବୋଚ୍ଚ ନେତାଙ୍କ ପାଇଁ ୪୦ ଦିନିଆ ଶୋକ ଘୋଷଣା କରିବା ସହ ଖାମେନେଇଙ୍କ ଉତ୍ତରାଧିକାରୀ ଚୟନ ପାଇଁ ତୁରନ୍ତ ଏକ ୩ ଜଣିଆ ଦଳ ଗଠନ କରିଛି (ଶକ୍ତିଶାଳୀ ଆଇଆରଜିସିର ପରାମର୍ଶରେ ତାଙ୍କ ପୁଅ ମୋଜତାବା ଖାମେନେଇଙ୍କୁ ବଛାଯାଇଛି) ଏବଂ ହରମୁଜ୍ ପ୍ରଣାଳୀ ଓ ଲୋହିତ ସାଗର ଦେଇ ଚଳାଚଳ କରୁଥିବା ଜାହାଜଗୁଡ଼ିକୁ ଅଚଳ କରିବା ପାଇଁ ମାରାତ୍ମକ ଆକ୍ରମଣ ଆରମ୍ଭ କରିଛି। ଏଥିସହିତ, ଏହା ଇସ୍ରାଏଲର ସୁରକ୍ଷା ବ୍ୟବସ୍ଥାକୁ ଶତାଧିକ କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ସାହାଯ୍ୟରେ ଧ୍ୱସ୍ତବିଧ୍ୱସ୍ତ କରିଦେଇଛି, ଯାହା ଫଳରେ ଆଇରନ୍ ଡୋମ୍, ଡେଭିଡ୍ ସ୍ଲିଙ୍ଗ୍ ଏବଂ ଆରୋ ପରି ଇସ୍ରାଏଲର ପ୍ରତିରକ୍ଷା ବ୍ୟବସ୍ଥା ଅକାମୀ ହୋଇପଡ଼ିଛି। ଯଦି ଯୁଦ୍ଧର ପରବର୍ତ୍ତୀ ପର୍ଯ୍ୟାୟ କ୍ଷୟକ୍ଷତି ଉପରେ ଆଧାରିତ ହୁଏ, ତେବେ ଇସ୍ରାଏଲ୍ ଏବଂ ଆମେରିକାର ମିଳିତ ଶକ୍ତି ତୁଳନାରେ ଇରାନ ଲାଭଜନକ ସ୍ଥିତିରେ ରହିବ। ଇରାନ ସପ୍ତାହକୁ ୧୦୦ଟି କ୍ଷେପଣାସ୍ତ୍ର ଉତ୍ପାଦନ ଜାରି ରଖିଛି, ଯେଉଁଠାରେ କି ଇସ୍ରାଏଲ୍ କିମ୍ବା ଉପସାଗରୀୟ ଦେଶଗୁଡ଼ିକ ପାଖରେ ଇରାନ ଦ୍ୱାରା ନିକ୍ଷେପ କରାଯାଉଥିବା ବାଲିଷ୍ଟିକ୍ କ୍ଷେପଣାସ୍ତ୍ରଗୁଡ଼ିକୁ ରୋକିବା ପାଇଁ ଆବଶ୍ୟକୀୟ ଇଣ୍ଟରସେପ୍ଟର ନାହିଁ। ଆମେରିକାର ଝିଏଇଉ କ୍ଷେପଣାସ୍ତ୍ର ପ୍ରତିରକ୍ଷା ବ୍ୟବସ୍ଥାରେ ମଧ୍ୟ ଯୁଦ୍ଧ ଜାରି ରଖିବା ପାଇଁ ଆବଶ୍ୟକ ସଂଖ୍ୟକ କ୍ଷେପଣାସ୍ତ୍ରର ଅଭାବ ପଡ଼ିପାରେ। ଏହି ଅସମାନ ଯୁଦ୍ଧ ଇରାନ ସପକ୍ଷରେ ଯାଇପାରେ, ଯେଉଁଥିପାଇଁ ସେ ଆମେରିକାର ଇରାକ ଆକ୍ରମଣ ପରଠାରୁ ବିଗତ କୋଡ଼ିଏ ବର୍ଷରୁ ଅଧିକ ସମୟ ଧରି ପ୍ରସ୍ତୁତି କରିଆସୁଛି। ଇରାନର ରଣନୀତି ତା'ର ଶକ୍ତିଶାଳୀ ପ୍ରତିପକ୍ଷଙ୍କୁ ପରାସ୍ତ କରିବା ନୁହେଁ, କାରଣ ସେ ଏହା କରିପାରିବ ନାହିଁ, ବରଂ ହରମୁଜ୍ ଏବଂ ଲୋହିତ ସାଗର ପରି ରଣନୈତିକ ପଥକୁ ଅବରୋଧ କରି ମାଲ ପରିବହନ, ବୀମା, ତେଲ ଏବଂ ଗ୍ୟାସର ମୂଲ୍ୟ ବୃଦ୍ଧି କରି ସମଗ୍ର ଅଞ୍ଚଳର ଅର୍ଥନୀତିକୁ ଭାଙ୍ଗିଦେବା। ଅଧିକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଉପସାଗରୀୟ ଦେଶଗୁଡ଼ିକ ସେମାନଙ୍କ ଅଞ୍ଚଳ 'ସୁରକ୍ଷିତ ଏବଂ ନିରାପଦ ଆଶ୍ରୟସ୍ଥଳ' ର ଭାବମୂର୍ତ୍ତି ହରାଇବେ ଏବଂ ଆମେରିକା ଉପରେ ଚାପ ପକାଇବେ ଯେ ହୁଏତ ସେମାନଙ୍କୁ କୋଟି କୋଟି ଡଲାରର ସାହାଯ୍ୟ ଦିଆଯାଉ କିମ୍ବା ସେ ଯୁଦ୍ଧରୁ ଓହରିଯାଉ। ଇତିମଧ୍ୟରେ ୟୁଏଇ ଇସ୍ରାଏଲରୁ ନିଜର ରାଷ୍ଟ୍ରଦୂତଙ୍କୁ ଫେରାଇ ଆଣିଛି ଏବଂ ସାଉଦି ଆରବ ଇରାନର ଆକ୍ରମଣ ବନ୍ଦ କରିବା ପାଇଁ ଓମାନର ମଧ୍ୟସ୍ଥତାରେ ଇରାନ ସହିତ ଆଲୋଚନା ଆରମ୍ଭ କରିଥିବା ଜଣାପଡ଼ିଛି।

ଇସ୍ରାଏଲ/ଆମେରିକା ଦ୍ୱାରା ଆରମ୍ଭ କରାଯାଇଥିବା ଏହି ଯୁଦ୍ଧକୁ ଭାରତ ନିନ୍ଦା ନ କରିବା ଏବଂ ଇରାନର ସର୍ବୋଚ୍ଚ ନେତାଙ୍କ ମୃତ୍ୟୁ ଉପରେ ନୀରବ ରହିବାକୁ ଭାରତର ପାରମ୍ପରିକ 'ରଣନୈତିକ ସ୍ୱାୟତ୍ତତା' ନୀତିରୁ ବିଚ୍ୟୁତି ଭାବେ ସମାଲୋଚନା କରାଯାଇଛି, ଯାହା ସ୍ୱାଧୀନତା ସଂଗ୍ରାମର ଏକ ପରମ୍ପରା ଥିଲା ଯେଉଁଠାରେ ଭାରତ ବିଶ୍ୱକୁ ଏକ ନୈତିକ ଅଧିକାର ସହ ସମ୍ବୋଧିତ କରୁଥିଲା। ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ମାର୍ଚ୍ଚ ୬ ରେ, ଇରାନର ସର୍ବୋଚ୍ଚ ନେତାଙ୍କ ହତ୍ୟାର ପ୍ରାୟ ଏକ ସପ୍ତାହ ପରେ, ନିଜର ଇରାନୀ ପ୍ରତିପକ୍ଷଙ୍କୁ ଫୋନ୍ କରି ଶୋକ ବ୍ୟକ୍ତ କରିଥିବା ବେଳେ ବୈଦେଶିକ ସଚିବ ଦିଲ୍ଲୀସ୍ଥିତ ଇରାନ ଦୂତାବାସରେ ଶୋକ ପୁସ୍ତକରେ ସ୍ୱାକ୍ଷର କରିଛନ୍ତି। ପର୍ଯ୍ୟବେକ୍ଷକମାନେ ବିଶ୍ୱାସ କରନ୍ତି ଯେ ଇସ୍ରାଏଲ, ଆମେରିକା ଏବଂ ପ୍ରଭାବିତ ଉପସାଗରୀୟ ଦେଶଗୁଡ଼ିକର ନିକଟତର ହୋଇଥିବାରୁ ଏହି ସଂଘର୍ଷରେ ମଧ୍ୟସ୍ଥତା କରିବା ପାଇଁ ଭାରତ ପାଖରେ ଏକ ଭଲ ସୁଯୋଗ ଥିଲା। ଏହି ଅଞ୍ଚଳର ସୁରକ୍ଷା ଏବଂ ସେଠାରେ ଥିବା ୯୦ ଲକ୍ଷ ଭାରତୀୟ ପ୍ରବାସୀଙ୍କ ସହିତ ପ୍ରାୟ ୫୦% ଅଶୋଧିତ ତୈଳ ଓ ଗ୍ୟାସର ଆମଦାନୀ ହରମୁଜ୍ ପ୍ରଣାଳୀ ଦେଇ ଆସୁଥିବାରୁ, ଏହି ଅବରୋଧ ଯୋଗୁଁ ତୈଳ ଦର ବୃଦ୍ଧି ସହିତ ବ୍ୟବସାୟିକ ଓ ଆର୍ଥିକ ସ୍ୱାର୍ଥ ଗମ୍ଭୀର ଭାବେ କ୍ଷତିଗ୍ରସ୍ତ ହେବ ଏବଂ ଭାରତକୁ ଏହି ସଂଘର୍ଷର ପାର୍ଶ୍ୱ ପ୍ରତିକ୍ରିୟା ଭାବେ ବହୁତ ବଡ଼ ମୂଲ୍ୟ ଦେବାକୁ ପଡ଼ିପାରେ।

ପଶ୍ଚିମ ଏସିଆରେ ଯୁଦ୍ଧ ଯେତେ ଲମ୍ବୁଛି, ଇରାନ କ୍ରୋଧ ଏବଂ ଯନ୍ତ୍ରଣାରେ ସେହି ଅଞ୍ଚଳର ଆର୍ଥିକ ଏବଂ ଅର୍ଥନୈତିକ ପ୍ରଭାବକୁ ନଷ୍ଟ କରିବା ପାଇଁ ବଦ୍ଧପରିକର ଜଣାପଡୁଛି। ଟ୍ରମ୍ପ ଘୋଷଣା କରିଛନ୍ତି ଯେ ଯୁଦ୍ଧ ୪ ସପ୍ତାହ କିମ୍ବା ତା'ଠାରୁ ଅଧିକ ସମୟ ଚାଲିପାରେ ଏବଂ ଆମେରିକୀୟ ସୈନ୍ୟମାନେ ମଇଦାନକୁ ଓହ୍ଲାଇ ପାରନ୍ତି। ଏହା କହିବା ସହଜ, କିନ୍ତୁ କରିବା କଷ୍ଟକର, କାରଣ ୮୦% ଆମେରିକୀୟ ଜନତା ଏହି ଯୁଦ୍ଧର ବିରୋଧରେ ଅଛନ୍ତି ଏବଂ ଟ୍ରମ୍ପଙ୍କ ନିଜର ଗଇଏଇ ସମର୍ଥକମାନେ ମଧ୍ୟ ଯୁଦ୍ଧ ଜାରି ରଖିବାକୁ ଚାହୁଁନାହାନ୍ତି, ଯାହା ଆମେରିକାର ଅର୍ଥନୀତିକୁ ବିପଦରେ ପକାଇବ। ପଶ୍ଚିମ ଇରାନରେ ବିଦ୍ରୋହୀ କୁର୍ଦ୍ଦ ଗୋଷ୍ଠୀଙ୍କୁ ଯୁଦ୍ଧରେ ସାମିଲ କରି ଇରାନ ଶାସନ ବିରୁଦ୍ଧରେ ଜନ ବିଦ୍ରୋହ ସୃଷ୍ଟି କରିବା ପାଇଁ ଟ୍ରମ୍ପଙ୍କ ପଦକ୍ଷେପ ଏହି ସ୍ଥିତିକୁ ଆହୁରି ଜଟିଳ କରିପାରେ। ଏପର୍ଯ୍ୟନ୍ତ ରୁଷ ଏବଂ ଚୀନ୍ ଏହି ସଂଘର୍ଷରେ ଅଲଗା ରହିଛନ୍ତି, ଯଦିଓ ସେମାନଙ୍କର ଇରାନରେ ରଣନୈତିକ ସ୍ୱାର୍ଥ ରହିଛି ଏବଂ ସେମାନେ ସମାନ ଚିନ୍ତାଧାରା ସମ୍ପନ୍ନ। ଇରାନ ତା'ର ଆକ୍ରମଣ କୋହଳ କରିବାର କୌଣସି ସଙ୍କେତ ଦେଖାଉ ନଥିବା ବେଳେ – ଏହା ବର୍ତ୍ତମାନ ତେଲ୍ ଆଭିଭ୍ ବିମାନବନ୍ଦର ଏବଂ ଇସ୍ରାଏଲର ଅନ୍ୟାନ୍ୟ ସମ୍ବେଦନଶୀଳ କେନ୍ଦ୍ରଗୁଡ଼ିକୁ ଲକ୍ଷ୍ୟ କରି ନିଜର ଉନ୍ନତ ଖୋରମସାହର ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ନିକ୍ଷେପ କରୁଛି – ତେଣୁ ଏହାର ଉପସାଗରୀୟ ସହଯୋଗୀ ଏବଂ ଇସ୍ରାଏଲର ଚାପ ଆମେରିକାକୁ ଏକ ସମ୍ମାନଜନକ ବାହାରିବା ପଥ ଖୋଜିବାକୁ ବାଧ୍ୟ କରିପାରେ। ଯାହା ହେଉନା କାହିଁକି, ପଶ୍ଚିମ ଏସିଆର ଯୁଦ୍ଧ ପରବର୍ତ୍ତୀ ବ୍ୟବସ୍ଥା ୱାଶିଂଟନଙ୍କୁ ସୁରକ୍ଷା ପ୍ରଦାନକାରୀ ଭାବରେ ରହିବାକୁ ଅନୁମତି ଦେବ ନାହିଁ ଏବଂ ଅଞ୍ଚଳର ସୁରକ୍ଷା ଭିତ୍ତିଭୂମିକୁ ପୁନର୍ବାର ସଜାଡ଼ିବାକୁ ପଡ଼ିବ।

**( ଅବସରପ୍ରାପ୍ତ କୂଟନୀତିଜ୍ଞ ଏବଂ ବୈଦେଶିକ ନୀତି ବିଶ୍ଳେଷକ, ଏବଂ ୯୦ ଦଶକର ମଧ୍ୟଭାଗରେ ତେହେରାନ ସ୍ଥିତ ଭାରତୀୟ ଦୂତାବାସରେ କାର୍ଯ୍ୟ କରିଥିବା ବିଶିଷ୍ଟ ଲେଖକ)**

## ପ୍ରଥମ ପୃଷ୍ଠାର

### ବଢ଼ିଲା ଗ୍ୟାସ୍...

ପଡ଼ୋଶୀ ଦେଶ ତୁଳନାରେ କମ୍ ରହିଛି। ଘରୋଇ ଏଲପିଜି ସିଲିଣ୍ଡରର ଏହି ମୂଲ୍ୟ ବୃଦ୍ଧି ଗୋଟିଏ ବର୍ଷରୁ କମ୍ ସମୟ ମଧ୍ୟରେ ଦ୍ୱିତୀୟ ଥର ପାଇଁ ହୋଇଛି। ଏହା ପୂର୍ବରୁ ୨୦୨୫ ଏପ୍ରିଲରେ ଏହାର ଦର ବୃଦ୍ଧି କରାଯାଇଥିଲା। ସେତେବେଳେ ଘରୋଇ ଏଲପିଜି ସିଲିଣ୍ଡର ପିଛା ମୂଲ୍ୟ ୫୦ ଟଙ୍କା ବୃଦ୍ଧି କରାଯାଇଥିଲା। ସୂଚନାଯୋଗ୍ୟ, ସ୍ଥାନୀୟ ଟିକସ ଏବଂ ଭାଟ୍ ଉପରେ ନିର୍ଭର କରି ବିଭିନ୍ନ ରାଜ୍ୟରେ ଗ୍ୟାସ୍ ଦର ସାମାନ୍ୟ ଭିନ୍ନ ହୋଇଥାଏ।

### ୧୨ ଜିଲ୍ଲାକୁ...

ବହିପାରେ। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, କଟକ, ପୁରୀ, ଖୋରଧା, ନୟାଗଡ଼, ଗଞ୍ଜାମ ଏବଂ ଗଜପତି ଜିଲାକୁ ଗରମ ଆର୍ଦ୍ରତା ପାଇଁ ସତର୍କ ସୂଚନା ଜାରି ହୋଇଛି। ଝଡ଼ବର୍ଷା ସମୟରେ ଲୋକେ ସୁରକ୍ଷିତ ସ୍ଥାନରେ ରହିବାକୁ ପାଣିପାଗ ବିଭାଗ ପରାମର୍ଶ ଦେଇଛି। ଆସନ୍ତା ୩ଦିନ ପର୍ଯ୍ୟନ୍ତ ରାଜ୍ୟର ସର୍ବାଧିକ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ଆସିବା ସମ୍ଭାବନା ନାହିଁ। ପରବର୍ତ୍ତୀ ସମୟରେ ଦିନ ତାପମାତ୍ରା ୨ରୁ ୩ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ। ଫଳସ୍ୱରୂପ ତାତି ବଢ଼ିବା ଆଶଙ୍କା ରହିଛି।

### ୫ ବର୍ଷର ନାବାଳକ...

ସୁଦ୍ଧା ୪ଲକ୍ଷ ଟଙ୍କା ନ ଦେଲେ ଋଷିକୁ ହତ୍ୟା କରାଯିବ ବୋଲି ଚେତାବନୀ ଦିଆଯାଇଥିଲା। ଏହି ସଂକ୍ରାନ୍ତରେ ପୋଲିସ୍ କିମ୍ବା କୌଣସି ବାହାର ଲୋକକୁ ଜଣାଇଲେ ଏହାର ପରିଣାମ ଭୟଙ୍କର ହେବ ବୋଲି କୁହାଯାଇଥିଲା। ଋଷିର ମାମୁଁ କୁ ଏହି ମେସେଜ ଆସିବା ପରେ ଏ ସଂକ୍ରାନ୍ତରେ ଋଷିର ପିତାକୁ ଜଣାଇଥିଲେ। ଏହା ପରେ ପରିବାର ଲୋକ ଋଷିକୁ ବହୁ ଖୋଜାଖୋଜି କରିବା ପରେ କିଛି ଘଣ୍ଟା ପରେ ତାଙ୍କ ପୁରୁଣା ଘର ପଛ ପଟୁ ଋଷିର ମୃତଦେହ ଉଦ୍ଧାର ହୋଇଥିଲା। କେହି ତାଙ୍କୁ ପ୍ରଥମେ ଗଳା କାଟି ହତ୍ୟା କରିବା ପରେ ଏକ ଅଖା ବସ୍ତାରେ ପୁରାଇ ଫୋପାଡି ଦେଇଥିବା ଜଣାପଡିଛି। ଖବର ପାଇବା ପରେ ବିଷମ କଟକ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି।

### ବାଚସ୍ପତିଙ୍କ ବିରୋଧରେ...

ସାଂସଦଙ୍କୁ ବଜେଟ ଅଧିବେଶନର ଅବଶିଷ୍ଟ ସମୟ ପାଇଁ ନିଲମ୍ବିତ କରିଥିଲେ। ବାଚସ୍ପତି ନିର୍ଦ୍ଦିଷ୍ଟ ରାଜନୈତିକ ଦଳକୁ ସମର୍ଥନ ଜଣାଇ କାର୍ଯ୍ୟ କରୁଥିବା ଅଭିଯୋଗ ଉଠିଥିଲା। ଫଳରେ ବିରୋଧୀଙ୍କ ପକ୍ଷରୁ ବିର୍ଲାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରାଯାଇଥିଲା। ଏହି ପ୍ରସ୍ତାବରେ ୧୧୮ ଜଣ ସାଂସଦ ଦସ୍ତଖତ କରିଛନ୍ତି।

### ୩୬ଟି ମୋବାଇଲ୍...

ଅଫ୍ କରାଯାଇଛି । ଏହି ଅବସରରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ସ୍ୱରାଷ୍ଟ୍ର ବିଭାଗ ହେମନ୍ତ ଶର୍ମା, ଡିଜି ପୋଲିସ ଯୋଗେଶ ବାହାଦୁର ଖୁରାନିଆ ମଧ୍ୟ ଉପସ୍ଥିତ ଥିଲେ। ଏହା ଦ୍ୱାରା ବୈଜ୍ଞାନିକ ତଦନ୍ତ ପ୍ରକ୍ରିୟାକୁ ଆହୁରି ସୁଦୃଢ଼ କରିବା ସହ ଘଟଣାସ୍ଥଳରୁ ସମୟୋପଯୋଗୀ ପ୍ରମାଣ ସଂଗ୍ରହ ସୁନିଶ୍ଚିତ ହେବ।

### ୧୬ ବର୍ଷରୁ କମ୍...

କରିବା ପାଇଁ ପ୍ରସ୍ତାବିତ ପ୍ରତିବନ୍ଧକକୁ ଲକ୍ଷ୍ୟ କରାଯାଇଛି। ଅଧିକାରୀମାନେ ସୂଚାଇ ଦେଇଛନ୍ତି ଯେ ସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସ୍କ୍ରିନ ସମୟ ଏବଂ ଡିଜିଟାଲ ନିଶା ବୃଦ୍ଧି ଏକ ଗୁରୁତ୍ ସମ୍ବନ୍ଧଙ୍କର ପୂର୍ଣ୍ଣ ପ୍ରସଙ୍ଗ ହୋଇ ସରକାରଙ୍କୁ ନିୟାମକ ହସ୍ତକ୍ଷେପ ଉପରେ ବିଚାର କରିବାକୁ କହିଛି। ଯଦି ଏହା କାର୍ଯ୍ୟକାରୀ ହୁଏ, ତେବେ ଏହି ପ୍ରତିବନ୍ଧକ ପ୍ରମୁଖ ସୋସିଆଲ ମିଡିଆ ପ୍ଲାଟଫର୍ମ ଯେପରିକି ଫେସବୁକ୍ ଏବଂ ଇନଷ୍ଟାଗ୍ରାମ ତଥା ଢ (ଟ୍ୱିଟର) ପରି ବହୁଳ ଭାବରେ ବ୍ୟବହୃତ ପ୍ଲାଟଫର୍ମରେ ପ୍ରଯୁଜ୍ୟ ହେବ। ୧୬ ବର୍ଷରୁ କମ୍ ପିଲାମାନେ ଏହି ପ୍ଲାଟଫର୍ମଗୁଡିକରେ ଆକାଉଣ୍ଟ୍ ସୃଷ୍ଟି କିମ୍ବା ପରିଚାଳନା କରିବାରେ ଅସମର୍ଥ ବୋଲି ନିଶ୍ଚିତ କରିବାକୁ ସରକାର ବୟସ ଯାଞ୍ଚ ପାଇଁ କ ସ୍ୱ ଶଳ ପ୍ରଣୟନ କରିବେ ବୋଲି ଆଶା କରାଯାଉଛି। ଏହି ପଦକ୍ଷେପ ଦେଶବ୍ୟାପୀ ବିତର୍କ ସୃଷ୍ଟି କରିଛି। ଅନେକ ଶିକ୍ଷାବିତ୍ ତଥା ଶିଶୁ ଅଧିକାର କର୍ମୀ ଏହି ପଦକ୍ଷେପକୁ ସ୍ୱାଗତ କରିଛନ୍ତି ଯେ ଯୁବ ଉପଭୋକ୍ତାମାନଙ୍କୁ କ୍ଷତିକାରକ ଅନଲାଇନ୍ ବିଷୟବସ୍ତୁ ଏବଂ ଡିଜିଟାଲ୍ ନିଶା ଠାରୁ ରକ୍ଷା କରିବା ପାଇଁ ଏକ ପଦକ୍ଷେପ ଭାବରେ, କେତେକ ବ ସ୍ୱରମଷଭକ୍ଟକ୍ଷକ୍ଟଶଙ୍କ କ୍ଷୟିକ ବିଶେଷଜ୍ଞ ଏହିପରି ନିଷେଧାଦେଶ ଲାଗୁ କରିବାର ବ୍ୟବହାରିକ ଆହ୍ ବଭକ୍ଟଙ୍କସ୍ୱ ।ନକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ବୟସ ଯାଞ୍ଚ ସହ ଜଡିତ ଗୋପନୀୟତା ସମସ୍ୟା ଏବଂ ବିକଳ୍ପ ପଦ୍ଧତି ମାଧ୍ୟମରେ ପ୍ରତିବନ୍ଧକକୁ ଅତିକ୍ରମ କରି କିଶୋରମାନଙ୍କ ସମ୍ଭାବନା ବିଷୟରେ ମଧ୍ୟ ପ୍ରଶ୍ନ ଉଠିଛି।

# ଶଙ୍ଖ ଭବନରେ ବିଜୁ ବାବୁଙ୍କ ୧୧୦ ତମ ଜୟନ୍ତୀ ପାଳିତ

ଭୁବନେଶ୍ୱର, ୭/୩ (ଜେଏନଏସ) : ଆଜି ମହାନ ଜନନାୟକ ବିଜୁ ବାବୁଙ୍କ ଜନ୍ମ ଦିବସ । ଏହି ଅବସରରେ ତାଙ୍କ ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳୀ ଅର୍ପଣ କରୁଛି । ବିଜୁ ବାବୁ ଥିଲେ ଓଡିଶାର ଗୌରବମୟ ଅତୀତ ଓ ସମୃଦ୍ଧ ଭବିଷ୍ୟତ ମଧ୍ୟରେ ସୁବର୍ଣ୍ଣ ସେତୁ । ସେ କେବଳ ଆମ ଅତୀତ ଗୌରବ କୁ ନେଇ ଗର୍ବ କରୁ ନ ଥିଲେ । ଆମର ଉତ୍ତର ପିଢ଼ି ପାଇଁ ଏକ ସମୃଦ୍ଧ ଭବିଷ୍ୟତର ଯୋଜନା ମଧ୍ୟ କରିଥିଲେ । ବିଜୁ ବାବୁ କେବଳ ଜଣେ ରାଜନେତା ନ ଥିଲେ।



ଓଡିଆ ସ୍ୱାଭିମାନ ଥିଲା ତାଙ୍କର ସବୁଠାରୁ ବଡ ଶକ୍ତି । ଓଡିଶାର ବିକାଶ ଠାରୁ ଆରମ୍ଭ କରି ମହିଳା ସଶକ୍ତିକରଣ ତଥା ପଞ୍ଚାୟତିରାଜ ବ୍ୟବସ୍ଥାକୁ ତାଙ୍କର ଅବଦାନକୁ କେହି ଭୁଲି ପାରିବେ ନାହିଁ । ଲୋକଙ୍କ ଶକ୍ତିକୁ ସମ୍ମାନ ଦେଉଥିବା ନେତା ହିଁ ପଂଚାୟତି ରାଜ ବ୍ୟବସ୍ଥା କୁ ମଜବୁତ କରି ପାରିବ । ପଂଚାୟତି ରାଜ ବ୍ୟବସ୍ଥା ଦୁର୍ବଳ ହେଲେ ଲୋକଙ୍କ ଭରସା ମଧ୍ୟ ନଷ୍ଟ ହୋଇଥାଏ । ବିଜୁ ବାବୁଙ୍କ ଆଦର୍ଶରେ ବିଜୁ ଜନତା ଦଳ ପଂଚାୟତି ରାଜ ବ୍ୟବସ୍ଥାକୁ ଶକ୍ତିଶାଳୀ କରିବା ପାଇଁ ଜନ ସଚେତନା ସୃଷ୍ଟି କରିବ । ତାହା ହିଁ ହେବ ବିଜୁ ବାବୁଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳୀ । ସକାଳେ ବିଜୁ ଜନତା ଦଳ ସଭାପତି ତଥା ବିରୋଧୀ ଦଳ ନେତା ଶ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱର ବିଜୁ ପଟ୍ଟନାୟକ ପାର୍କକୁ ଯାଇ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ।

# ମାଓମୁକ୍ତ ଭାରତର ସ୍ୱପ୍ନ ଦେଖାଇଲେ ଶାହ




କଟକ, ୭/୩ (ଜେଏନଏସ) : ଓଡ଼ିଶା ମାଟିରୁ ମାଓବାଦୀଙ୍କୁ ଚେତାବନୀ ଦେବା ସହ ମାଓମୁକ୍ତ ଭାରତର ସ୍ୱପ୍ନ ପୂରଣ ହେବା ନେଇ ପୁଣି ଥରେ ସ୍ୱର ଶାଣିତ କଲେ ଶାହ । ଦେଶରୁ ମାଓବାଦୀ ଲୋପ ପାଉଛନ୍ତି ଆଉ ଆଗାମୀ ୨୫ ଦିନ ଭିତରେ ଭାରତ ମାଓ ମୁକ୍ତ ହେବା ନେଇ ସେ ଦମ୍ଭ ଦେଖାଇଛନ୍ତି । ନକ୍ସଲବାଦର ମୂଳପୋଛ ଏବଂ ମାଓବାଦୀ ସଫା ହେବା ନେଇ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କହିଛନ୍ତି, ମୋଦୀ ସରକାର ୩୧ ମାର୍ଚ୍ଚ, ୨୦୨୬ ସୁଦ୍ଧା ଦେଶକୁ ନକ୍ସଲବାଦ ମୁକ୍ତ କରିବାକୁ ସଂକଳ୍ପବଦ୍ଧ। ମାଓମୁକ୍ତ ଭାରତ ପାଇଁ ଅଭିଯାନ ଜୋରଦାର ଚାଲିଛି ଏବଂ ସିଆଇଏସଏଫ ଏହି ପ୍ରୟାସରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଓଡ଼ିଶା, ଛତିଶଗଡ଼ କିମ୍ବା ତେଲେଙ୍ଗାନା, ସିଆଇଏସଏଫ ନକ୍ସଲବାଦକୁ ଦୂର କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଆମର ସୁରକ୍ଷା ବାହିନୀ ତିରୁପତିରୁ ପଶୁପତି ପର୍ଯ୍ୟନ୍ତ ଲାଲ କରିଡରର ସ୍ୱପ୍ନ ଦେଖୁଥିବା ଲୋକଙ୍କୁ ସମ୍ପୂର୍ଣ୍ଣ ପରାସ୍ତ କରିଛନ୍ତି । ଏହା ଆମ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଆମ ସୁରକ୍ଷା ବାହିନୀ ପାଇଁ ଏକ ବଡ଼ ସଫଳତା ।

ତେବେ ଦିନିକିଆ ଓଡ଼ିଶା ଗସ୍ତରେ ଅଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ। ବାୟୁସେନାର ସ୍ୱତନ୍ତ୍ର ବିମାନ ଯୋଗେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ତାଙ୍କୁ ସ୍ୱାଗତ କରିଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ମୁଖ୍ୟମନ୍ତ୍ରୀଙ୍କ ସହ ଉପମୁଖ୍ୟମନ୍ତ୍ରୀ, ସାଂସଦ ଓ ବିଧାୟକ ବିମାନ ବନ୍ଦରରେ ଗୃହମନ୍ତ୍ରୀଙ୍କୁ ସ୍ୱାଗତ କରିଛନ୍ତି । ସେଠାରୁ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ସେ କଟକ ମୁଣ୍ଡଳିରେ ପହଞ୍ଚିଛନ୍ତି ।

ସେଠାରେ ସିଆଇଏସଏଫର ପ୍ରତିଷ୍ଠା ଦିବସରେ ସାମିଲ ହୋଇଛନ୍ତି । ସେଥିରେ ସେ କହିଛନ୍ତି ନକ୍ସଲ ମୁକ୍ତରେ ସିଆଇଏସଏଫର ବଡ଼ ଅବଦାନ । ମୁଣ୍ଡଳିରେ ସିଆଇଏସଏଫର ୫୭ତମ ପ୍ରତିଷ୍ଠା ଉତ୍ସବରେ ଯୋଗଦେଇ ସିଆଇଏସଏଫର ଭୂମିକାକୁ ପ୍ରଶଂସା କଲେ ଅମିତ ଶାହ । ସମୟ ସହିତ ନିଜକୁ ଗଢ଼ିଛି ସିଆଇଏସଏଫ । ଦେଶର ସୁରକ୍ଷାରେ ସିଆଇଏସଏଫର ଭୂମିକା ଗୁରୁତ୍ୱପୂର୍ଣ୍ଣ । ବୀରତ୍ୱ ଓ ତ୍ୟାଗର ଅନନ୍ୟ ପ୍ରମାଣ ବୋଲି କହିଛନ୍ତି ଶାହ । ସିଆଇଏସଏଫ ହାତରେ ସୁରକ୍ଷିତ ରହିଛି ଦେଶର ବନ୍ଦର । ୩୧ ମାର୍ଚ୍ଚ ୨୦୨୬ ସୁଦ୍ଧା ନକ୍ସଲବାଦ ମୁକ୍ତ ଲକ୍ଷ୍ୟ ରହିଛି। ନକ୍ସଲମୁକ୍ତ ଅଭିଯାନରେ ସୁରକ୍ଷାବଳଙ୍କ ଭୂମିକା ଅନନ୍ୟ । ସିଆଇଏସଏଫ ଯବାନ କଠିନ ପରିସ୍ଥିତିରେ କର୍ତ୍ତବ୍ୟପାଳନ କରିଆସୁଛନ୍ତି ।

କଟକ ପରେ ପାରଦୀପ ଗସ୍ତ କରିବେ ଶାହ। ସେଠାରେ ୧ଟା ୪୫ ମିନିଟରେ ସଲଫ୍ୟୁରିକ ଏସିଡ ପ୍ଲାଣ୍ଟର ଲୋକାର୍ପଣ କରିବେ। ପାରାଦୀପରେ କାର୍ଯ୍ୟକ୍ରମ ସାରି ଭୁବନେଶ୍ୱର ଫେରିବେ ଗୃହ ମନ୍ତ୍ରୀ। ଭୁବନେଶ୍ୱରରେ ଜାତୀୟ ଫୋରେନସିକ୍ ସାଇନ୍ସ ୟୁନିଭର୍ସିଟି (ଏନଏଫଏସୟୁ) ର ସ୍ଥାୟୀ କ୍ୟାମ୍ପସ ପାଇଁ ଶିଳାନ୍ୟାସ କରିବେ। ଏହା ସହିତ ଏହାର ଅସ୍ଥାୟୀ କ୍ୟାମ୍ପସକୁ ମଧ୍ୟ ଉଦଘାଟନ କରିବେ । ଏହି ବିଶ୍ୱବିଦ୍ୟାଳୟ ପାଇଁ ଓଡ଼ିଶା ସରକାର ୪୦ ଏକର ଜମି ଯୋଗାଇ ଦେଇଛନ୍ତି। ସେ କେନ୍ଦ୍ରୀୟ ଫୋରେନସିକ୍ ସାଇନ୍ସ ଲାବୋରେଟୋରୀ (ସିଏଫଏସଏଲ)ର ମଧ୍ୟ ଭୂମି ପୂଜନ କରିବେ ।

ଭୁବନେଶ୍ୱରରେ ନୂଆ ନ୍ୟାୟ ସଂହିତା ଉପରେ ଏକ ପ୍ରଦର୍ଶନୀର ଉଦଘାଟନ କରିବା ସହ ଏକ ମୋବାଇଲ୍ ଫୋରେନସିକ୍ ଭ୍ୟାନକୁ ପତାକା ଦେଖାଇ ଶୁଭାରମ୍ଭ କରିବେ। ଏହା ସହ ଭର୍ଚୁଆଲ୍ ମାଧ୍ୟମରେ ଅନେକ ନୂଆ ଥାନା ବିଲଡିଂର ଉଦଘାଟନ କରିବେ। ଏହି ଅବସରରେ ଆଇଆଇଟି ଭୁବନେଶ୍ୱର ଏବଂ ରାଷ୍ଟ୍ରୀୟ ରକ୍ଷା ବିଶ୍ୱବିଦ୍ୟାଳୟ ସହ ବୁଝାମଣାପତ୍ର ସ୍ୱାକ୍ଷରିତ ହେବ । ସଂଧ୍ୟାରେ ଦିଲ୍ଲୀ ଫେରିଯିବେ । ଶାହଙ୍କ ଗସ୍ତ ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଏହାପରେ ସରକାରୀ କାର୍ଯ୍ୟକ୍ରମ ସାରି ଦଳୀୟ କାର୍ଯ୍ୟାଳୟ ଆସିବେ ଶାହ । ରାଜ୍ୟ ସଙ୍ଗଠନ ବାବଦରେ ନେତାଙ୍କ ସହ କରିବେ ଆଲୋଚନା । ଏହି ସମୟରେ ରାଜ୍ୟ ସଭାପତି ମନମୋହନ ସାମଲ, ସଙ୍ଗଠନ ସାଧାରଣ ସମ୍ପାଦକ ମାନସ ମହାନ୍ତି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଦଳର ତୁଙ୍ଗ ନେତା ମାନେ ଉପସ୍ଥିତ ରହିବେ ରାଜ୍ୟ କାର୍ଯ୍ୟାଳୟରେ ଶାହ ପ୍ରାୟ ୧ ଘଣ୍ଟା ରହିବେ । ସେଠାରୁ ଫେରି ଭୁବନେଶ୍ୱରସ୍ଥିତ ପ୍ରଦର୍ଶନୀ ପଡ଼ିଆରେ ନ୍ୟାୟ ସଂହିତା ପ୍ରଦର୍ଶନୀରେ ସାମିଲ ହେବେ। ସଂଧ୍ୟାରେ ଦିଲ୍ଲୀ ଫେରିଯିବେ ।

# 'ଗୋ-ହୋମଷ୍ଟେ' ପୋର୍ଟାଲ୍ ଶୁଭାରମ୍ଭ

ଭୁବନେଶ୍ୱର, ୭/୩ (ଜେଏନଏସ) : ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଜି ଭୁବନେଶ୍ୱରସ୍ଥିତ ଲାଇଫ୍ ହୋଟେଲରେ 'ଗୋ-ହୋମଷ୍ଟେ' ପୋର୍ଟାଲର ଶୁଭାରମ୍ଭ କରିଛନ୍ତି। ଓଡ଼ିଶାରେ ସମୁଦାୟ-ନେତୃତ୍ୱାଧୀନ ପର୍ଯ୍ୟଟନକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସ୍ଥାପନ କରିଛନ୍ତି। ଅଂଶୀଦାର ମାନଙ୍କୁ ସଚେତନ କରିବା ଏବଂ 'ଓଡ଼ିଶା ହୋମଷ୍ଟେ ସ୍କିମ୍ ୨୦୨୫' କୁ କାର୍ଯ୍ୟକାରୀ କରିବା ଲକ୍ଷ୍ୟରେ ଆୟୋଜିତ 'ଓଡ଼ିଶା ହୋମଷ୍ଟେ କର୍ମଶାଳା' ସହିତ ଏହି ଶୁଭାରମ୍ଭ କରାଯାଇଥିଲା। ସମାବେଶକୁ ସମ୍ବୋଧିତ କରି ଉପ-ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ଯେ ହୋମଷ୍ଟେଗୁଡ଼ିକ କେବଳ ରହିବା ପାଇଁ ସୁବିଧା ନୁହେଁ, ବରଂ ଓଡ଼ିଶାର ସମୃଦ୍ଧ ସଂସ୍କୃତି, ପରମ୍ପରା ଏବଂ ଆତିଥ୍ୟର ଏକ ଦ୍ୱାର। ସେ କହିଛନ୍ତି ଯେ 'ଗୋ-ହୋମଷ୍ଟେ' ପୋର୍ଟାଲ୍ ଆଶାୟୀ ହୋମଷ୍ଟେ ମାଲିକମାନଙ୍କ ପାଇଁ ସ୍ୱଚ୍ଛତା, ସୁଗମତା ଏବଂ ବ୍ୟବସାୟିକ ସହଜତା ନିଶ୍ଚିତ କରିବା ସହିତ ତୃଣମୂଳ ସ୍ତରରେ ଜୀବିକା ନିର୍ବାହର ସୁଯୋଗ ସୃଷ୍ଟି କରିବ। ସେ ଆହୁରି ମଧ୍ୟ କହିଛନ୍ତି ଯେ ଏହି ପଦକ୍ଷେପ ପର୍ଯ୍ୟଟନ-ଭିତ୍ତିକ ବିକାଶ ମାଧ୍ୟମରେ ଗ୍ରାମାଞ୍ଚଳର ପରିବାର,




ମହିଳା ଏବଂ ସ୍ଥାନୀୟ ଉଦ୍ୟୋଗୀମାନଙ୍କୁ ସଶକ୍ତ କରି ଅନ୍ତର୍ଭୁକ୍ତ ବିକାଶ ପାଇଁ ରାଜ୍ୟ ସରକାରଙ୍କ ଦୂରଦୃଷ୍ଟି ସହ ସମାନ୍ତରାଳ ରହିଛି। ଏହି କର୍ମଶାଳାରେ ଯୋଜନାର କାର୍ଯ୍ୟକାରୀ ନିର୍ଦ୍ଦେଶାବଳୀ ଉପରେ ବିସ୍ତୃତ ଉପସ୍ଥାପନା, ବୈଷୟିକ ଦଳ ଦ୍ୱାରା ପୋର୍ଟାଲର ପରିଚାଳନା ପ୍ରଦର୍ଶନ ଏବଂ 'ହୋମଷ୍ଟେଜ୍ ଅଫ୍ ଇଣ୍ଡିଆ' ଓ 'ସ୍ୱନିର ୱାଇଲ୍ଡରନେସ୍ ହୋମଷ୍ଟେ'ର ପ୍ରତିନିଧିମାନଙ୍କ ଦ୍ୱାରା ବିଶେଷଜ୍ଞ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଅଭିଜ୍ଞ ହୋମଷ୍ଟେ ମାଲିକମାନଙ୍କ ସହ ପ୍ୟାନେଲ୍ ଆଲୋଚନା ମଧ୍ୟ କରାଯାଇଥିଲା, ଯେଉଁଥିରେ ସେମାନେ ସଫଳତାର କାହାଣୀ ଏବଂ ଶ୍ରେଷ୍ଠ କାର୍ଯ୍ୟଶୈଳୀ ବାବଦରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ପର୍ଯ୍ୟଟନ ବିଭାଗର କମିଶନର-ତଥା-ଶାସନ ସଚିବ ବଲୱନ୍ତ ସିଂ, ନିର୍ଦ୍ଦେଶକ ଶ୍ରୀ ଦୀପଙ୍କର ମହାପାତ୍ର, ଓଏଲଏମର ନିର୍ଦ୍ଦେଶିକା-ତଥା-ସିଇଓ ମୋନିକା ପ୍ରିୟଦର୍ଶିନୀ; ପର୍ଯ୍ୟଟନ ବିଭାଗର ବରିଷ୍ଠ ଅଧିକାରୀ; ଆର୍ଥିକ ଅନୁଷ୍ଠାନର ପ୍ରତିନିଧି, ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ହୋମଷ୍ଟେ ମାଲିକ, ହୋମଷ୍ଟେଜ୍ ଅଫ୍ ଇଣ୍ଡିଆର ବିଶେଷଜ୍ଞ, ଏବଂ ଅନ୍ୟାନ୍ୟ ବିଶିଷ୍ଟ ଅତିଥିମାନେ ଉପସ୍ଥିତ ଥିଲେ।

# ଦିଲ୍ଲୀ ଏମ୍ସ ଗଲେ ସୁରେଶ ପୂଜାରୀ

ଭୁବନେଶ୍ୱର, ୭/୩ (ଜେଏନଏସ) : ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଅଧିକ ଚିକିତ୍ସା ପାଇଁ ଦିଲ୍ଲୀ ଏମ୍ସ ସ୍ଥାନାନ୍ତର କରାଯାଇଛି। ଏନେଇ ଏମ୍ସ ଭୁବନେଶ୍ୱର ପକ୍ଷରୁ ସୂଚନା ଦିଆଯାଇଛି । ଆଜି ସକାଳ ୯ଟାରେ ଦିଲ୍ଲୀ ବାହାରିଲେ ସୁରେଶ ପୂଜାରୀ । ମଙ୍ଗଳବାର ରାତିରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଅସୁସ୍ଥ ହୋଇଥିଲେ । ଛାତିରେ ପ୍ରବଳ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ତୁରନ୍ତ ଭୁବନେଶ୍ୱର ଏମ୍ସ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା । ଏମ୍ସର ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ତାଙ୍କର ବିଭିନ୍ନ ପରୀକ୍ଷା ନିରୀକ୍ଷା କରିଥିଲେ । ଆଜି ଡାକ୍ତରଙ୍କ ପରାମର୍ଶ କ୍ରମେ ତାଙ୍କୁ ଦିଲ୍ଲୀ ଏମ୍ସକୁ ସ୍ଥାନାନ୍ତର କରାଯାଇଛି।



# ରାଜ୍ୟସଭା ନିର୍ବାଚନ, ଓଡ଼ିଶାରୁ ଜଣଙ୍କ ପ୍ରାର୍ଥିପତ୍ର ନାକଚ

ଭୁବନେଶ୍ୱର, ୭/୩ (ଜେଏନଏସ) : ରାଜ୍ୟସଭା ନିର୍ବାଚନ ପାଇଁ ଓଡ଼ିଶାରୁ ୬ ଜଣ ନାମାଙ୍କନପତ୍ର ଦାଖଲ କରିଥିବା ବେଳେ ୫ ଜଣଙ୍କ ପ୍ରାର୍ଥିପତ୍ର କାଏମ ରହିଛି। ଜଣଙ୍କ ପ୍ରାର୍ଥୀପତ୍ର ନାକଚ ହୋଇଛି। ଆଜି ନାମାଙ୍କନ ଯାଞ୍ଚ ପରେ ଏହା ଜଣାପଡ଼ିଛି। ବିଜେପିର ରାଜ୍ୟ ସଭାପତି ମନମୋହନ ସାମଲ ଓ ସୁଜିତ କୁମାରଙ୍କ ପ୍ରାର୍ଥିପତ୍ର କାଏମ ରହିଛି। ସେହିଭଳି ବିଜେଡିର ସନ୍ତୃପ୍ତ ମିଶ୍ର, କମନ୍ କାଣ୍ଡିଡେଟ ଡାକ୍ତର ଦତ୍ତେଶ୍ୱର ହୋତା ଓ ସ୍ୱାଧୀନ ପ୍ରାର୍ଥୀ ଦିଲୀପ ରାୟଙ୍କ ପ୍ରାର୍ଥିପତ୍ର କାଏମ ରହିଛି।

ଅନ୍ୟପକ୍ଷରେ ତେଲେଙ୍ଗାନାର କାନ୍ତେ ସାୟାନାଙ୍କ ପ୍ରାର୍ଥିପତ୍ର ନାକଚ ହୋଇଯାଇଛି। ୪ର୍ଥ ଆସନ ପାଇଁ ଦିଲୀପ ରାୟ ଓ ଡାକ୍ତର ଦତ୍ତେଶ୍ୱର ହୋତାଙ୍କ ମଧ୍ୟରେ ଜୋରଦାର ଲଢେଇ ହେବ ବୋଲି କୁହାଯାଉଛି। ଡାକ୍ତର ଦତ୍ତେଶ୍ୱର ହୋତାଙ୍କୁ ବିଜେଡି ଓ କଂଗ୍ରେସ ସମର୍ଥନ କରୁଥିବା ବେଳେ ଦିଲୀପଙ୍କୁ ସମର୍ଥନ କରୁଛି ବିଜେପି। ଦିଲୀପ କହିଛନ୍ତି ଯେ ୨୦୦୨ରେ ସେ ଯୋଜନାବଦ୍ଧ ଭାବେ ଲଢ଼ିଥିଲେ। ସେତେବେଳେ ୨ ମାସର ଗ୍ରାଉଣ୍ଡ ୱାର୍କ ହୋଇଥିଲା। ଏବେ ହଠାତ୍ ନିଷ୍ପତ୍ତି ହେଲା। ବିଧାୟକମାନେ ସେମାନଙ୍କ ବିବେକ ଅନୁସାରେ ଭୋଟ ଦେବେ ବୋଲି ସେ ଆଶା ରଖିଛନ୍ତି।

ଅନ୍ୟପକ୍ଷରେ ବିଜେଡି ପ୍ରାର୍ଥୀ ସନ୍ତୃପ୍ତ ମିଶ୍ର ଆଜି କହିଛନ୍ତି ଯେ କଂଗ୍ରେସ ସହିତ ବିଜେଡିର ସାମୟିକ ଡିଲ୍ ହୋଇଛି। କଂଗ୍ରେସ ଏକୁଟିଆ ପ୍ରାର୍ଥୀ ଦେଇପାରି ନଥାନ୍ତା। ତେଣୁ କଂଗ୍ରେସ ବିଜେଡି ଘୋଷଣା କରିଥିବା କମନ୍ କାଣ୍ଡିଡେଟଙ୍କୁ ସମର୍ଥନ ଘୋଷଣା କରିଛି। ରାଜ୍ୟସଭା ନିର୍ବାଚନ ପାଇ ମାର୍ଚ୍ଚ ୫ ଥିଲା ନାମାଙ୍କନ ଦାଖଲର ଶେଷ ତାରିଖ। ଆଜି ନାମାଙ୍କନ ପତ୍ର ଯାଞ୍ଚ ହୋଇଛି। ମାର୍ଚ୍ଚ ୯ ହେଉଛି ନାମାଙ୍କନ ପତ୍ର ପ୍ରତ୍ୟାହାର କରିବାର ଶେଷ ତାରିଖ।
ମାର୍ଚ୍ଚ ୧୬ ତାରିଖ ସକାଳ ୯ରୁ ଅପରାହ୍ନ ୪ ଯାଏ ଭୋଟ୍ ଗ୍ରହଣ କରାଯିବ। ଅପରାହ୍ନ ୫ଟାରେ ହେବ ଭୋଟ୍ ଗଣତି।

# ୨୦୦୨ ପରି ଜିତିବି: ଦିଲ୍ଲୀପ

ଭୁବନେଶ୍ୱର, ୭/୩ (ଜେଏନଏସ) : ରାଜ୍ୟସଭା ଆସନ ପାଇଁ ନାମାଙ୍କନ ଦାଖଲ। ରାଜ୍ୟସଭା ପାଇଁ ଆଜି ବିଜେପି ପ୍ରାର୍ଥୀ ନାମାଙ୍କନ ଭରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ବିଜେପିରୁ ମନମୋହନ ସାମଲ ଏବଂ ସୁଜିତ୍ କୁମାର ନାମାଙ୍କନ ଦାଖଲ କରିଛନ୍ତି। ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟ ମଧ୍ୟ ନାମାଙ୍କନ ଭରିଛନ୍ତି। ତେବେ ନାମାଙ୍କନ ଦାଖଲ କରିବା ପରେ ଜିତିବା ନେଇ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ଦିଲ୍ଲୀପ ରାୟ। ସେ କହିଛନ୍ତି ପ୍ରଧାନମନ୍ତ୍ରୀ, ଗୃହ ମନ୍ତ୍ରୀ, ରାଷ୍ଟ୍ରୀୟ ଅଧ୍ୟକ୍ଷ, ମୁଖ୍ୟମନ୍ତ୍ରୀଙ୍କ ସମର୍ଥନ ରହିଛି। ବିଜେପି ନାମାଙ୍କନ ଭରିବା ପାଇଁ ପୂରା ସମର୍ଥନ ଯୋଗାଇ ଦେଇଛି। କାଲିଠୁ ପ୍ରଚାର ରହିଛି। ୨୦୦୨ ପରି ଜିତାପଟ ହାସଲ କରିବି। ସେପଟେ କଂଗ୍ରେସ-ବିଜେଡି ହାତ ମିଶାଇବା ପ୍ରଶ୍ନରେ ପ୍ରତିକ୍ରିୟା ରଖି କହିଛନ୍ତି ଆମେ ବି ହାତ ମିଶାଇ ଦେବୁ ।

# ପ୍ରକାଶ ପାଇଲା ସିଭିଲ୍ ସର୍ଭିସ୍ ପରୀକ୍ଷା ଫଳ: ଅନୁଜ ଅଗ୍ନିହୋତ୍ରୀ ଟପ୍ପର

ନୂଆଦିଲ୍ଲୀ: ୟୁନିୟନ ପବ୍ଲିକ ସର୍ଭିସ କମିସନ୍ (ୟୁପିଏସସି) ସିଭିଲ୍ ସର୍ଭିସେସ୍ ପରୀକ୍ଷା (ସିଏସଇ)ର ଚୂଡ଼ାନ୍ତ ଫଳାଫଳ ପ୍ରକାଶ କରିଛି। ଏହି ପରୀକ୍ଷାରେ ଅଂଶଗ୍ରହଣ କରିଥିବା ପ୍ରାର୍ଥୀମାନେ କମିସନର ଅଫିସିଆଲ୍ ୱେବସାଇଟ୍ https://upsc.gov.inରୁ ସେମାନଙ୍କର ଫଳାଫଳ ଯାଞ୍ଚ ଏବଂ ଡାଉନଲୋଡ୍ କରିପାରିବେ। ୟୁପିଏସସି ସିଭିଲ୍ ସର୍ଭିସେସ୍ ପରୀକ୍ଷା ୨୦୨୫ ପାଇଁ ସାକ୍ଷାତକାର ୨୦୨୬ ଫେବୃଆରି ୨୭ ତାରିଖରେ ସମାପ୍ତ ହୋଇଥିଲା। ଏହାର ଫଳାଫଳ ପିଡିଏଫ ଫର୍ମରେ ପ୍ରକାଶିତ ହୋଇଛି। କମିସନ୍ ଚଳିତଥର ୯୫୮ଜଣ ପ୍ରାର୍ଥୀଙ୍କୁ ଚୟନ କରିଛି। ଏଥିମଧ୍ୟରୁ ଅନୁଜ ଅଗ୍ନିହୋତ୍ରୀ ଆଇଏଏସ ଟପ୍ପର ହୋଇଥିବା ବେଳେ ଦ୍ୱିତୀୟସ୍ଥାନରେ ରାଜେଶ୍ୱରୀ ସୁଭେ, ତୃତୀୟରେ ଅକାଂକ୍ଷା ଧୁଲ, ଚତୁର୍ଥରେ ରାଘବ ଝୁନଝୁନୱାଲା, ପଞ୍ଚମରେ ଈଶାନ ଭଟ୍ଟନାଗର, ଷଷ୍ଠରେ ଜିନିଆ ଅରୋରା, ସପ୍ତମରେ ରାଜାହ ମହାଇଦିନ, ଅଷ୍ଟମରେ ପକ୍ଷାଲ ସେକ୍ରେଟ୍ରି, ନବମରେ ଆସ୍ଥା ଜୈନ ଓ ଦଶମରେ ଉଜ୍ଜ୍ୱଳ ପ୍ରିୟଙ୍କ ରହିଛନ୍ତି ।

# ଜିଲ୍ଲାପାଳଙ୍କ ଅଫିସ୍‌ରୁ ଆନ୍ଦୋଳନକାରୀ ଚାଷୀଙ୍କ ଧାନ ଗାଏବ

ବରଗଡ଼, ୭/୩ (ଜେଏନଏସ) : ଚାଷୀଙ୍କ ଧାନ ନେଲା କିଏ ? ଯେଉଁ ଧାନ ପାଇଁ କରୁଥିଲେ ଅନଶନ ସେଇ ଧାନକୁ ନେଇଗଲା ଆଉ କିଏ । ଏଭଳି ଅଭିଯୋଗ ଆସିଛି ବରଗଡ଼ ଜିଲ୍ଲାରୁ । ବରଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଧାନ ଗାଏବ ଚାଷୀଙ୍କ ନିଦ ହଜାଇ ଦେଇଛି । ଧାନ ଚୋରି ଅଭିଯୋଗ ନେଇ ଚାଷୀ ଥାନାର ଦ୍ୱାରସ୍ଥ ହୋଇଛନ୍ତି ।
ସୂଚନାଯୋଗ୍ୟ ଯେ, ବରଗଡ଼ ଜିଲ୍ଲା ଅତାବିରା ନିୟନ୍ତ୍ରିତ ବଜାର କମିଟି ଅଧୀନ ସହଁରାଟିକ୍ରା ମାର୍କେଟ୍ ୟାର୍ଡର ୩୬୨ ଜଣ ଚାଷୀ ଧାନ କିଣାବିକା ପ୍ରକ୍ରିୟାକୁ ୩ ମାସ ବିତିଯାଇଥିଲେ ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ ଟୋକନ୍ ପାଇ ନାହାନ୍ତି । ଯାହାକୁ ନେଇ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଥିଲା । ଏମିତିକି ଗୁରୁବାର ଜିଲ୍ଲାପାଳଙ୍କ ଅଫିସ୍ ସମ୍ମୁଖରେ ୧୫ ବସ୍ତା ଧାନ ରଖି ଆନ୍ଦୋଳନ କରୁଥିଲେ ଚାଷୀ । ହେଲେ ଶୁକ୍ରବାର ସେହି ଧାନ ସେଠାରେ ନ ଥିବା ଚାଷୀ ଦେଖିବାକୁ ପାଇଥିଲେ । ଏହା ଦେଖି ଚାଷୀଙ୍କ ହୋସ୍ ଉଡ଼ିଯାଇଥିଲା । ଏ ନେଇ ଚାଷୀମାନେ ବରଗଡ଼ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ତେବେ ଆନ୍ଦୋଳନ ପାଇଁ ଆଣିଥିବା ଧାନ ଗାଏବ ହୋଇଯିବା ଘଟଣା ଚାଷୀର ଆଖିରୁ ନିଦ ହଜାଇଦେଇଛି ।

## ଶକ୍ତି ଏ ସପ୍ତାହର

### ନ୍ୟୁମେରୋଲଜି ଅନୁସାରେ ଏହି ସପ୍ତାହ ଭାଗ୍ୟାଙ୍କ କିପରି ଗଣନା କରିବେ– ୦୮-୦୩-୨୦୨୬
### ୦+୮+୦+୩+୨+୦+୨+୬= ୨୧ = ୨+୧ = ୩)



ମେଘା
ହରୋସକୋପିଷ୍ଟ ଏବଂ ଫରଚ୍ୟୁନ ଟେଲର
(ବୈଦିକ ଆଷ୍ଟ୍ରୋଲୋଜି)
ମୋ: ୯୦୭୮୧୬୩୩୭୭

**ଭାଗ୍ୟାଙ୍କ-୧ :** କିଛି କହିବା ପୂର୍ବରୁ ଦୁଇଥର ଭାବନ୍ତୁ କାରଣ କେହି ଆପଣଙ୍କୁ ଅପମାନିତ କରିପାରେ। କେଉଁମାନେ କୌଣସି ସମ୍ପର୍କରେ ଅଛନ୍ତି ସେମାନଙ୍କର ସପ୍ତାହଟି ଶାନ୍ତିପୂର୍ଣ୍ଣ ରହିବ। ଆର୍ଥିକ ଦୃଷ୍ଟିରୁ ଆପଣ ଏହି ସପ୍ତାହରେ ଆରାମଦାୟକ ରହିବେ। ଆପଣଙ୍କୁ ଆପଣଙ୍କର କ୍ରୋଧ ଏବଂ ଅହଂକାରକୁ ନିୟନ୍ତ୍ରଣ କରିବାକୁ ପଡିବ ନଚେତ୍ ଆପଣ ଅସୁବିଧାରେ ପଡିବେ। ଆପଣଙ୍କୁ ଅସୁବିଧା ହେଉଥିବା ବିଷୟଗୁଡିକର ସମାଧାନ ଖୋଜିବା ପାଇଁ ଥଣ୍ଡା ମନକରି ଚିନ୍ତା କରନ୍ତୁ। ଯଦି ଆପଣ କାର୍ଯ୍ୟକ୍ଷେତ୍ରର ଆପଣଙ୍କର କ୍ରୋଧ ସମସ୍ୟାକୁ ନିୟନ୍ତ୍ରଣ କରିବେ ତେବେ ହିଁ ଆପଣ ଏକ ଭଲ ନାମ ଏବଂ ପ୍ରସିଦ୍ଧି ଅର୍ଜନ କରିବେ।

**ଭାଗ୍ୟାଙ୍କ-୨ :** ରାସ୍ତା ପାର ହେବା ସମୟରେ ଆପଣଙ୍କୁ ସର୍ତବ ରହିବା ଉଚିତ, ବିଶେଷକରି ରାସ୍ତା ପାର ହେବା ସମୟରେ, ନଚେତ୍ ଆପଣ କୌଣସି ଦୁର୍ଘଟଣାର ସମ୍ମୁଖୀନ ହୋଇପାରନ୍ତି। କାହା ସହିତ ସାଧାରଣ ଆଲୋଚନାରୁ ଉପୁଜିଥିବା ଅନାବଶ୍ୟକ ଚାପ ଯୋଗୁଁ ମାନସିକ ଭାବରେ ଆପଣ ବିଚଳିତ ହେବେ ଏବଂ ଏଥିପାଇଁ ଆପଣ କାନ୍ଦି ମଧପାରନ୍ତି। ଏହି ସପ୍ତାହରେ ଆପଣଙ୍କର ଆର୍ଥିକ ଅବସ୍ଥା ଭଲ ରହିବ। ଯେଉଁମାନେ ସମ୍ପର୍କରେ ଅଛନ୍ତି ସେମାନେ ସେମାନଙ୍କ ମଧ୍ୟରେ ଅଶାନ୍ତି ଯୋଗୁଁ କିଛି ମାନସିକ ଚାପ ଦେଇ ଗତି କରିବେ। କାର୍ଯ୍ୟକ୍ଷେତ୍ରରେ ବ୍ୟକ୍ତିଗତ ଜୀବନ ସମସ୍ୟା ଯୋଗୁଁ ପ୍ରୟାସର ଅଭାବ ରହିବ।

**ଭାଗ୍ୟାଙ୍କ-୩ :** ଜୀବନ ସାଥୀଙ୍କ ସହିତ ଆପଣଙ୍କର ଏହି ସପ୍ତାହ ସାରା ଝଗଡା ଲାଗି ରହିପାରେ ଏବଂ ଆପଣ ଭାବପ୍ରବଣ ଭାବକର ଅସ୍ଥିର ରହିବେ। ମାନସିକ ଶାନ୍ତିର ଅଭାବ ଯୋଗୁଁ ଆପଣ ଠିକ୍ ଭାବରେ କାମ କରିପାରିବେ ନାହିଁ। ଯେଉଁମାନେ ପ୍ରେମ ସମ୍ପର୍କରେ ଅଛନ୍ତି ସେମାନେ ଏହି ସପ୍ତାହରେ ପରସ୍ପର ସହିତ ଅତିରିକ୍ତ କଥାବାର୍ତ୍ତା ଏବଂ ସମୟ ବିତାଇବା ଯୋଗୁଁ ଅସୁବିଧାରେ ପଡିବେ। ଯଦିଓ ଆର୍ଥିକ ସ୍ଥିତି ଭଲ ରହିବ କିନ୍ତୁ ଖର୍ଚ୍ଚ ବୃଦ୍ଧି ପାଇବ।
ଆପଣଙ୍କ ପରିବାରର ସଦସ୍ୟଙ୍କ ସହିତ ସମ୍ପର୍କ ଖରାପ ହୋଇପାରେ। ଆପଣଙ୍କ ପରିବାରର ବୟସ୍କ ଲୋକଙ୍କ ସହିତ ଆପଣଙ୍କର ଯୁକ୍ତିତର୍କ ହୋଇପାରେ।

**ଭାଗ୍ୟାଙ୍କ-୪ :** ଖର୍ଚ୍ଚ ବୃଦ୍ଧି ହେତୁ ଆପଣ ଅଧୈର୍ଯ୍ୟ ହୋଇଯିବ ତେଣୁ ଆପଣ ବିଶେଷକରି ଏକାକୀ ଗାଡି ଚାଳନା କରିବାରୁ ଦୂରେଇ ରହିବା ଉଚିତ। ୫ ମାର୍ଚ୍ଚରେ ଆପଣ କିଛି ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଯଦି ଆପଣ ପ୍ରେମ ସମ୍ପର୍କରେ ଅଛନ୍ତି ତେବେ ଆପଣ ବିଚ୍ଛେଦର ସମ୍ମୁଖୀନ ହୋଇପାରନ୍ତି। ଆପଣ ଆପଣଙ୍କର ପୂର୍ବବତନ ପ୍ରେମିକାଙ୍କ ବିଷୟରେ ଭାବି ଚିନ୍ତିତ ହେବେ। କୌଣସି ପ୍ରତିକୂଳ ପରିସ୍ଥିତି କିମ୍ବା ସମସ୍ୟାର ସମ୍ମୁଖୀନ ହେଲେ ଆପଣ ଆପଣଙ୍କର ନିକଟତମ ପରିବାର ସଦସ୍ୟ କିମ୍ବା ସମ୍ପର୍କୀୟଙ୍କଠାରୁ ତାଙ୍କର ସାହାର୍ଯ୍ୟ ମାଗିବା ଉଚିତ।

**ଭାଗ୍ୟାଙ୍କ-୫ :** ଏହି ସପ୍ତାହକର ଆପଣଙ୍କର ୧୨ ମାର୍ଚ୍ଚ ଆଡକୁ ଆର୍ଥିକ ଲାଭ ହୋଇପାରେ। ଚିକିତ୍ସା ପରେ ଯେକୌଣସି ପ୍ରକାରର ସ୍ୱାସ୍ଥ୍ୟ ସମସ୍ୟାରୁ ଆପଣ ମୁକ୍ତି ପାଇପାରିବେ ଏବଂ ଆପଣ ଆପଣଙ୍କର ଆତ୍ମବିଶ୍ୱାସ ଫେରି ପାଇବେ। ୧୩ ମାର୍ଚ୍ଚର ଆପଣଙ୍କ ସ୍ୱାସ୍ଥ୍ୟ ବିକାଶ ଉପରେ ନଜର ରଖିବା ପାଇଁ ଆପଣଙ୍କୁ ଡାକ୍ତରଙ୍କ ଦ୍ୱାରା ନିର୍ଦ୍ଦେଶିତ କିଛି ଡାକ୍ତରୀ ପରୀକ୍ଷା କରିବାକୁ ପଡିପାରେ। ଆପଣଙ୍କ ଜୀବନ ସାଥୀଙ୍କ ସହିତ ଏହି ସପ୍ତାହରେ ଆପଣଙ୍କର ସାଧାରଣତଃ ଭଲ ସମ୍ପର୍କ ରହିବ। ଆପଣ ଏହି ସପ୍ତାହକର ଆପଣଙ୍କ ବନ୍ଧୁମାନଙ୍କୁ ଭେଟି ପାରିବେ।

**ଭାଗ୍ୟାଙ୍କ-୬ :** ଯେଉଁମାନେ ପ୍ରେମ ସମ୍ପର୍କରେ ଅଛନ୍ତି କିମ୍ବା ବିବାହିତ, ସେମାନଙ୍କ ପାଇଁ ସେମାନଙ୍କ ସାଥୀଙ୍କ ସହ ଯୁକ୍ତିତର୍କ ଏବଂ କଳହ ଏଡାଇବା କଷ୍ଟକର ହେବ। ଆପଣଙ୍କର ଆର୍ଥିକ ସ୍ଥିତି ଏହି ସପ୍ତାହରେ ଭଲ ରହିବ। ଆପଣଙ୍କୁ ଯେକୌଣସି ପ୍ରକାରର ସ୍ୱାସ୍ଥ୍ୟ ସମସ୍ୟା ପାଇଁ ସତର୍କ ରହିବାକୁ ପଡିବ। ଆପଣ ଆପଣଙ୍କର ସମାଜିକ ପରିଚୟ ବିଷୟରେ ଚିନ୍ତା କରି ଚିନ୍ତିତ ରହିବେ। ଏହି ସପ୍ତାହରେ ଆପଣ ଅତ୍ୟଧିକ କଥା ହେବେ ଏବଂ ଏହା ଆପଣଙ୍କ ଚାରିପାଖର ଲୋକଙ୍କ ଦୃଷ୍ଟି ଆକର୍ଷଣ କରିବ କାରଣ ସାଧାରଣତଃ ଆପଣ ଦୈନନ୍ଦିନ ଜୀବନରେ ଅଧିକ କଥା ହୁଅନ୍ତି ନାହିଁ।

**ଭାଗ୍ୟାଙ୍କ-୭ :** ଏହି ସପ୍ତାହକର ଆପଣଙ୍କର ଆର୍ଥିକ ଅବସ୍ଥା ବହୁତ ଭଲ ରହିବ। ନିବେଶ ପାଇଁ କିମ୍ବା ନୂତନ ଚାକିରି ପାଇବା ଆପଣଙ୍କ ପାଇଁ ସହଜ ହେବ। ଯେଉଁମାନେ ଅଧ୍ୟୟନ କରୁଥିଲେ ସେମାନଙ୍କର ଉପସ୍ଥାପନା ବହୁତ ଆକର୍ଷଣୀୟ ହେବ। ବ୍ୟାୟାମ କରିବା ସମୟରେ ଆପଣଙ୍କୁ କେତେ ସମୟ ବ୍ୟାୟାମ କରୁଛନ୍ତି ସେ ବିଷୟରେ ବହୁତ ସ୍ପଷ୍ଟ କହବା ଆବଶ୍ୟକ କାରଣ ଯଦି ଏହା ଆପଣଙ୍କର ନିୟମିତ ସମୟଠାରୁ ଅଧିକ ହୁଏ ତେବେ ଆପଣ ଅସୁସ୍ଥ ହୋଇପାରନ୍ତି। ପ୍ରେମୀ ଯୁଗଳମାନେ ପରସ୍ପରକୁ ଆକର୍ଷିତ କରିବେ। ଏହି ସପ୍ତାହରେ ବିବାହିତ ଦମ୍ପତିମାନେ ପରସ୍ପର ସହିତ ବହୁତ ଭଲ ସମୟ ବିତାଇବେ।

**ଭାଗ୍ୟାଙ୍କ-୮ :** ମାର୍ଚ୍ଚ ୧୦ ଏବଂ ୧୩ ତାରିଖରେ ଆପଣ କାହା ସହିତ ମତଭେଦ ହେତୁ ବିଚଳିତ ହୋଇପାରନ୍ତି। ଆପଣଙ୍କ ଭାଇଭଉଣୀଙ୍କ ସହିତ ଆପଣଙ୍କର ଝଗଡା ହୋଇପାରେ। ଗାଡି ଚଳାଇବା ସମୟରେ ଆପଣଙ୍କୁ ଏହି ସପ୍ତାହରେ ସତର୍କ ରହିବାକୁ ପଡିବ। ଆପଣ କାହାର ଅହଂକାର ସମ୍ବନ୍ଧୀୟ ବିଷୟ ଉପରେ ପ୍ରଶ୍ନ କରିବା ଉଚିତ୍ ନୁହେଁ କାରଣ ସେହି ବ୍ୟକ୍ତି ଆପଣଙ୍କୁ ଯେକୌଣସି ସ୍ଥାନରେ ଅପମାନିତ କରିପାରେ। ଏହି ସପ୍ତାହରେ ଆପଣଙ୍କ କର୍ମ ଯୋଗୁଁ ଆପଣଙ୍କ କର୍ମ ଜୀବନ ସହିତ ଜଡିତ ଅନେକ ଅସୁବିଧାର ସମ୍ମୁଖୀନ ହେବେ। ଯଦିଓ ଆପଣ କାହାର ଇଚ୍ଛା ବିଷୟରେ ଜାଣିପାରନ୍ତି, ତେବେ ଆପଣଙ୍କୁ ଏହାକୁ ନିଜ ପାଖରେ ରଖିବାକୁ ପଡିବ ନଚେତ୍ ସେହି ବ୍ୟକ୍ତି ଅନ୍ୟ କାହାକୁ ପ୍ରକାଶ କରିବା ପାଇଁ ଆପଣଙ୍କୁ ଦୋଷ ଦେଇପାରେ।

**ଭାଗ୍ୟାଙ୍କ-୯ :** ମାର୍ଚ୍ଚ ୯ ଏବଂ ୧୪ ତାରିଖରେ ଆପଣଙ୍କୁ ନିଜର ମତାମତ ନିଜ ପାଖରେ ରଖିବାକୁ ପଡିବ, ଯଦିଓ କେହି ଆପଣଙ୍କୁ ପ୍ରକାଶ କରିବାକୁ ବାଧ କରୁଛନ୍ତି। ଏହି ସପ୍ତାହକର ଆପଣଙ୍କ ବୈବାହିକ ଜୀବନ ସ୍ୱାଭାବିକ ଏବଂ ସୁଗମ ରହିବ। ପ୍ରେମୀଯୁଗଳମାନେ ପରସ୍ପର ସହିତ ସମୟ ବିତାଇବାରେ ସଫଳ ହେବେ। ଏହି ସପ୍ତାହକର ଆପଣଙ୍କୁ କିଛି ନୂଆ ଆରମ୍ଭ କରିବା ପୂର୍ବରୁ ଆପଣଙ୍କ ପିତାମାତାଙ୍କ ଆର୍ଶୀବାଦ ନେବାକୁ ପଡିବ। ଆପଣ ଏହି ସପ୍ତାହରେ ବିଶେଷକରି ମାର୍ଚ୍ଚ ୧୨ ତାରିଖରେ ଆପଣଙ୍କ ପିଲାମାନଙ୍କୁ ବାହାରକୁ ବୁଲାଇବାକୁ ନେବେ । ଛାତ୍ରମାନେ ସେମାନଙ୍କ ଅଧ୍ୟୟନ କ୍ଷେତ୍ରରେ ଭଲ ପ୍ରଦର୍ଶନ କରିବେ।

# ଇତିହାସ ରଚିଲା ଭାରତ : ଭାଙ୍ଗିଗଲା ବିଶ୍ୱରେକର୍ଡ, କ୍ରିକେଟ ଇତିହାସରେ ପ୍ରଥମ




ମୁମ୍ବାଇ, ୭ ।୩: ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ଖେଳାଯାଇଥିବା ଟି୨୦ ବିଶ୍ୱକପ ୨୦୨୬ର ଦ୍ୱିତୀୟ ସେମିଫାଇନାଲ କ୍ରିକେଟ ଇତିହାସର ସବୁଠାରୁ ରୋମାଞ୍ଚକର ଏବଂ ଉଚ୍ଚ ସ୍କୋରିଂ ମ୍ୟାଚ ମଧ୍ୟରୁ ଗୋଟିଏ ପ୍ରମାଣିତ ହୋଇଥିଲା। ଭାରତ ଇଂଲଣ୍ଡକୁ ମାତ୍ର ୭ ରନରେ ପରାସ୍ତ କରି ଫାଇନାଲକୁ ଉଠିଥିଲା ଏବଂ ଅନେକ ବଡ଼ ରେକର୍ଡ ସ୍ଥାପନ କରିଥିଲା। ଏହି ବିଜୟ କେବଳ ଟିମ ଇଣ୍ଡିଆ ପାଇଁ ଐତିହାସିକ ନୁହେଁ ବରଂ କ୍ରିକେଟ ଇତିହାସରେ ଅନେକ ରେକର୍ଡ ମଧ୍ୟ ସ୍ଥାପନ କରିଥିଲା। ଭାରତୀୟ ଦଳ ପୂର୍ବରୁ କେବେ ଦେଖିନଥିବା ଦୁଇଟି ସଫଳତା ହାସଲ କରିଥିଲା। ଏହି ମ୍ୟାଚରେ, ପ୍ରଥମେ ବ୍ୟାଟିଂ କରି ଭାରତ ୨୦ ଓଭରରେ ୭ ଉଇକେଟ ହରାଇ ୨୫୩ ରନ କରିଥିଲା। ସଞ୍ଜୁ ସାମସନ ୮୯ ରନର ଦ୍ରୁତ ଇନିଂସ ଖେଳିଥିଲେ। ଶିବମ ଦୁବେ ମଧ୍ୟ ଦ୍ରୁତ ୪୩ ରନର ଅବଦାନ ଦେଇଥିଲେ। ଏହି ଟୁର୍ନାମେଣ୍ଟର ସେମିଫାଇନାଲ ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ସ୍କୋର ଥିଲା। ତଥାପି ଇଂଲଣ୍ଡ ନିଜର ସର୍ବଶ୍ରେଷ୍ଠ ଚେଷ୍ଟା କରିଥିଲା ଏବଂ ଜାକବ ବେଥେଲଙ୍କ ଏକ ଚମତ୍କାର ଶତକ ବଳରେ ୨୪୬ ରନରେ ପହଞ୍ଚିଥିଲା, କିନ୍ତୁ ଶେଷରେ ୭ ରନରେ ପଛରେ ପଡ଼ିଯାଇଥିଲା। ଏହି ବିଜୟ ସହିତ, ଭାରତ ଲଗାତାର ଦ୍ୱିତୀୟ ଥର ପାଇଁ ଫାଇନାଲରେ ସ୍ଥାନ ସୁରକ୍ଷିତ କରିଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଟି-୨୦ ବିଶ୍ୱକପ ଇତିହାସରେ ପ୍ରଥମ ଥର ପାଇଁ, ଡିଫେଣ୍ଡିଂ ଚାମ୍ପିଅନ (୨୦୨୪ ଟାଇଟଲ ଜିତିଥିବା ଭାରତ) ଫାଇନାଲରେ ତା'ର ଟ୍ରଫି ରକ୍ଷା କରିବାକୁ ପଡ଼ିଆକୁ ଓହ୍ଲାଇବ। ଏହା ପୂର୍ବରୁ କେବେ ଘଟି ନ ଥିଲା। ଭାରତ ଏବେ ଅହମ୍ମଦାବାଦରେ ଫାଇନାଲରେ ନ୍ୟୁଜିଲାଣ୍ଡ ସହିତ ଖେଳିବ। ଏଠାରେ ସେମାନେ ଲଗାତାର ଦ୍ୱିତୀୟ ଥର ପାଇଁ ବିଶ୍ୱ ଚାମ୍ପିଅନ ହେବାକୁ ଚେଷ୍ଟା କରିବେ।

ଏହା ସହିତ, ଭାରତ ଏବେ ସର୍ବାଧିକ ଥର ଆଇସିସି ଟୁର୍ନାମେଣ୍ଟର ଫାଇନାଲରେ ପହଞ୍ଚିବାର ରେକର୍ଡ ସ୍ଥାପନ କରିଛି। ଏଥର ଟିମ ଇଣ୍ଡିଆ ତାର ୧୫ତମ ଆଇସିସି ଫାଇନାଲ ଖେଳିବ, ଯାହା କ୍ରିକେଟ ଇତିହାସରେ ସର୍ବାଧିକ। ପୂର୍ବରୁ ଅଷ୍ଟ୍ରେଲିଆ ୧୪ଟି ଫାଇନାଲର ରେକର୍ଡ କରିଥିଲା, ଯାହାକୁ ଭାରତ ଭାଙ୍ଗିଛି। ଏହି ସମୟରେ, ନ୍ୟୁଜିଲାଣ୍ଡ ତା'ର ପ୍ରଥମ ଟି-୨୦ ବିଶ୍ୱକପ ଅପେକ୍ଷାରେ ଅଷ୍ଟମ ଥର ପାଇଁ ଆଇସିସି ଟୁର୍ନାମେଣ୍ଟର ଫାଇନାଲରେ ଉପସ୍ଥିତ ହେବ।

# ଓସ୍କାର ମଞ୍ଚରେ ପୁଣି ଥରେ ପ୍ରିୟଙ୍କା ଚୋପ୍ରା




ମୁମ୍ବାଇ, ୭ ।୩: ଓସ୍କାର ମଞ୍ଚରେ ପୁଣି ଥରେ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା । ଶୁକ୍ରବାର ଭୋର୍‌ରେ ପ୍ରଶଂସକଙ୍କୁ ଏକ ଖୁସି ଖବର ଦେଇଛନ୍ତି। ବିଶ୍ୱର ସବୁଠାରୁ ସମ୍ମାନଜନକ ଚଳଚ୍ଚିତ୍ର ପୁରସ୍କାର ଉତ୍ସବରେ ସେ ଏଥର ବିଜେତାଙ୍କୁ ପୁରସ୍କାର ଦେବେ। ରବର୍ଟ ଡାଉନି ଜୁନିଅର, ଆନି ହାଥୱେ, ଗ୍ୱେନ୍‌ଥ ପାଲ୍‌ଟ୍ରୌ, ବିଲ୍ ଆର୍ନେଟ୍‌ଙ୍କ ପରି ବିଶ୍ୱପ୍ରସିଦ୍ଧ ଅଭିନେତା ଓ ଅଭିନେତ୍ରୀଙ୍କ ସହିତ ଦେଶୀଗର୍ଲ ମଧ୍ୟ ଓସ୍କାର ମଞ୍ଚରେ ଦେଖାଦେବେ। ଏ ବର୍ଷ ପ୍ରିୟଙ୍କା ଅନ୍ତର୍ଜାତୀୟ ପ୍ରସିଦ୍ଧିର ଗୋଟିଏ ପରେ ଗୋଟିଏ ସୋପାନ ଚଢ଼ିଚାଲିଛନ୍ତି। ସେ ଗୋଲ୍‌ଡେନ୍ ଗ୍ଲୋବ୍ ଆୱାର୍ଡସ୍ କାର୍ଯ୍ୟକ୍ରମରେ ମଧ୍ୟ ଏକ ପୁରସ୍କାର ଦେଇଥିଲେ।

ଆସନ୍ତା ୧୫ ତାରିଖରେ ଲସ୍‌ଆଞ୍ଜେଲସ୍‌ରେ ଆୟୋଜିତ ହେବାକୁ ଯାଉଥିବା ୯୮ତମ ଏକାଡେମି ଆୱାର୍ଡସ୍‌ରେ ପ୍ରିୟଙ୍କା ଭାରତର ପ୍ରତିନିଧିତ୍ୱ କରିବେ। ତେବେ ପ୍ରିୟଙ୍କାଙ୍କ ପାଇଁ ଓସ୍କାର ମଞ୍ଚ ଚଢ଼ିବା ନୂଆ କଥା ନୁହେଁ, ୨୦୧୬ରେ ସେ 'ଶ୍ରେଷ୍ଠ ଚଳଚ୍ଚିତ୍ର ସମ୍ପାଦନା' ପୁରସ୍କାର ପ୍ରଦାନ କରିଥିଲେ। ୨୦୨୧ରେ ସ୍ୱାମୀ ନିକ୍ ଜୋନାସ୍‌ଙ୍କ ସହିତ ଓସ୍କାର ପୁରସ୍କାର ଦୌଡ଼ରେ ଥିବା ପ୍ରତିଯୋଗୀଙ୍କ ନାମ ଘୋଷଣା କରିଥିଲେ। ଶେଷ ଥର ପାଇଁ 'ଦି ବ୍ଲଫ୍' ଚଳଚ୍ଚିତ୍ରରେ ପ୍ରିୟଙ୍କାଙ୍କ ଅଭିନୟ ଦେଖିବାକୁ ମିଳିଥିଲା। ଆଗକୁ ତାଙ୍କ ଅଭିନୀତ 'ସିଟାଡେଲ୍' ସିରିଜ୍‌ର ଦ୍ୱିତୀୟ ସଂସ୍କରଣ ଏବଂ 'ଜଜ୍‌ମେଣ୍ଟ ଡେ' ନାମକ କମେଡି ଚଳଚ୍ଚିତ୍ର ଆସିବାର ଅଛି।

# ଟି-୨୦ ୱାଲର୍ଡ କପ : ୭୩ ବାଉଣ୍ଡରୀ ଓ ୪୯୯ ରନ: ରେକର୍ଡ ବର୍ଷାର ସାକ୍ଷୀ ବନିଲା ମୁମ୍ବାଇ



ମୁମ୍ବାଇ, ୭ ।୩: ଭାରତ ପ୍ରଥମ ଡିଫେଣ୍ଡିଂ ଚାମ୍ପିୟନ ଟିମ ଯିଏ ଟି-୨୦ ବିଶ୍ୱକପ ଫାଇନାଲ ରବିବାର ଖେଳିବ। ଭାରତ ପୂର୍ବରୁ ୨ଟି ଟିମ କ୍ରମାଗତ ଫାଇନାଲରେ ପ୍ରବେଶ କରିଥିଲେ। ପାକିସ୍ତାନ ୨୦୦୭ ଓ ୨୦୦୯ ଏବଂ ଶ୍ରୀଲଙ୍କା ୨୦୧୨ ଓ ୨୦୧୪ରେ ଏହି କୀର୍ତ୍ତିମାନ ହାସଲ କରିଥିଲେ। ଚଳିତ ଟି-୨୦ ବିଶ୍ୱକପ (ଟି୨୦ ୱାଲର୍ଡ କପ)ର ସବୁଠାରୁ ହାଇସ୍କୋରିଂ ମ୍ୟାଚ୍ ଗୁରୁବାର ରାତିରେ ଦେଖିବାକୁ ମିଳିଛି। ଭାରତ ଓ ଇଂଲଣ୍ଡ ମୁମ୍ବାଇର ୱାଙ୍ଖେଡେରେ ମୁହାଁମୁହିଁ ହେଉଥିବା ବେଳେ ହୋଇଛି ରନ ବର୍ଷା। ଭାରତ ପ୍ରଥମେ ବ୍ୟାଟିଂ କରି ୭ ୱିକେଟ ହରାଇ ୨୫୩ ରନ କରଥିଲା। ଏହାର ଜବାବରେ ଇଂଲଣ୍ଡ ୭ ୱିକେଟ ହରାଇ ୨୪୬ ରନ କରିଛି। ଭାରତ ୭ ରନରେ ମ୍ୟାଚ୍ ଜିତି ୪ର୍ଥ ଥର ପାଇଁ ଟି-୨୦ ବିଶ୍ୱକପ ଫାଇନାଲରେ ପହଞ୍ଚିବାର ରେକର୍ଡ କରିଛି।

# ନାମାଙ୍କନ ଭରିଲେ ମନମୋହନ-ସୁଜିତ୍-ଦିଲ୍ଲୀପ୍



ଭୁବନେଶ୍ୱର, ୭/୩ (ଜେଏନଏସ) : ରାଜ୍ୟସଭା ଆସନ ପାଇଁ ନାମାଙ୍କନ ଦାଖଲ। ରାଜ୍ୟସଭା ପାଇଁ ଆଜି ବିଜେପି ପ୍ରାର୍ଥୀ ନାମାଙ୍କନ ଭରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ବିଜେପିରୁ ମନମୋହନ ସାମଲ ଏବଂ ସୁଜିତ୍ କୁମାର ନାମାଙ୍କନ ଦାଖଲ କରିଛନ୍ତି। ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟ ମଧ୍ୟ ନାମାଙ୍କନ ଭରିଛନ୍ତି। ଆଜି ବିଜେପି ପାର୍ଟି ଅଫିସ୍‌ରୁ ମନମୋହନ ସାମଲ ଏବଂ ଦ୍ୱିତୀୟ ପ୍ରାର୍ଥୀ ସୁଜିତ କୁମାର ନିଜ ସମର୍ଥକଙ୍କ ସହ ପାର୍ଟି ଅଫିସରୁ ବାହାରିଥିଲେ। ବିରାଟ ପଟୁଆରରେ ଉଭୟ ନାମାଙ୍କନ ଭରିବା ପାଇଁ ଆସିଥିଲେ। ଏବଂ ନାମାଙ୍କନ ଭରିବା ପୂର୍ବରୁ ରାମ ମନ୍ଦିର ଯାଇ ଆଶୀର୍ବାଦ ଲୋଡ଼ିଥିଲେ। ସେପଟେ ବିଜେଡି ପ୍ରାର୍ଥୀ ଭାବେ ସଂତୃପ୍ତ ମିଶ୍ର ଏବଂ ଡକ୍ଟର ଦଡେଶ୍ୱର ହୋତା ନାମାଙ୍କନ ଭରିଛନ୍ତି। ନାମାଙ୍କନ ଭରିବା ସମୟରେ ବିଜେଡି ଏବଂ କଂଗ୍ରେସର ସଦସ୍ୟ ମାନେ ଉପସ୍ଥିତ ଥିବା ଦେଖିବାକୁ ମିଳିଛି। ଏମାନଙ୍କ ମଧ୍ୟରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଏବଂ ପିସିସି ସଭାପତି ଭକ୍ତ ଦାସ ମଧ୍ୟ ଉପସ୍ଥିତ ଥିଲେ।ଏଥିସହିତ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହିଥିବା ଦେଖିବାକୁ ମିଳିଥିଲା।

# ପାରାଦ୍ୱୀପ ହେବ ଓଡ଼ିଶା ସମୃଦ୍ଧିର ପ୍ରତିବିମ୍ବ: ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର, ୭/୩ (ଜେଏନଏସ) : ଆମ ଦେଶର ଇଫ୍‌କୋ ସର୍ବବୃହତ କୋ-ଅପରେଟିଭ୍ ସଂସ୍ଥା ଭାବେ ସାର ଉତ୍ପାଦନରେ ସାରା ବିଶ୍ୱରେ ପ୍ରଥମ ସ୍ଥାନରେ ରହିଛି। ଆଜିର ଏହି ସଲ୍‌ଫ୍ୟୁରିକ୍ ଏସିଡ୍ ପ୍ଲାଣ୍ଟ ଷ୍ଟ୍ରିମ୍-୩ର ଉଦ୍‌ଘାଟନ ଯୋଗୁଁ ସାର ଉତ୍ପାଦନ କ୍ଷେତ୍ରରେ ଆମେ ଆତ୍ମନିର୍ଭରତା ଆଡ଼କୁ ଆଉ ଏକ ପାଦ ଆଗକୁ ବଢ଼ି ପାରିଛୁ। ଏଥିରେ ଦିନକୁ ପ୍ରାୟ ୨ ହଜାର ଟନ୍ ସଲ୍‌ଫ୍ୟୁରିକ୍ ଏସିଡ୍ ଉତ୍ପାଦନ ହେବ। ବର୍ଷକୁ ୬ ଲକ୍ଷ ମେଟ୍ରିକ୍ ଟନ୍ ସଲ୍‌ଫ୍ୟୁରିକ୍ ଏସିଡ୍ ଆମେ ବିଦେଶରୁ ଆମଦାନୀ କରୁ। ଏହି ପ୍ଲାଣ୍ଟ ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ହେଲେ ଦେଶକୁ ଆଉ ଆମଦାନୀ କରିବାକୁ ପଡ଼ିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଶୁକ୍ରବାର କେନ୍ଦ୍ର ସମବାୟ ମନ୍ତ୍ରୀ ଅମିତ ଶାହାଙ୍କ ଦ୍ୱାରା ଇଫ୍‌କୋ ସଲ୍‌ଫ୍ୟୁରିକ୍ ଏସିଡ୍ ପ୍ଲାଣ୍ଟ ଉଦ୍‌ଘାଟନ ଅବସରରେ ଶ୍ରୀ ମାଝୀ କହିଲେ, ପାରାଦ୍ୱୀପ ସହର ହେଉଛି ଉଦୀୟମାନ ଓଡ଼ିଶାର ପ୍ରତୀକ। ବନ୍ଦର, ପେଟ୍ରୋକେମିକାଲ୍ କମ୍ପ୍ଲେକ୍ସ, ସାର କାରଖାନା ଓ ଆହୁରି ଅନେକ ଶିଳ୍ପର କେନ୍ଦ୍ରସ୍ଥଳ ହେଉଛି ଆପଣମାନଙ୍କ ପାରାଦ୍ୱୀପ। ଏହା କେବଳ ଆରମ୍ଭ ମାତ୍ର। ଆଗାମୀ ଦିନରେ ପାରାଦ୍ୱୀପ ଓଡ଼ିଶାର ସମୃଦ୍ଧିର ପ୍ରତିବିମ୍ବ ହେବାକୁ ଯାଉଛି। ପାରାଦ୍ୱୀପରେ ଟେକ୍ସଟାଇଲ ପାର୍କ ଭଳି ଅନେକ ଶିଳ୍ପ ଓ ଶିଳ୍ପ ଭିତ୍ତିଭୂମି ସୃଷ୍ଟି ହେବାକୁ ଯାଉଛି। ପାରାଦ୍ୱୀପରୁ କଟକ, ଭୁବନେଶ୍ୱର ଦେଇ ପୁରୀ ପର୍ଯ୍ୟନ୍ତ ଆମେ ଏକ ଅର୍ଥନୈତିକ କ୍ଷେତ୍ର କରିବାକୁ ଯାଉଛୁ। ବିସିପିପିଇଆର ପାଇଁ କେନ୍ଦ୍ର ସରକାର ୫ ହଜାର କୋଟି ଟଙ୍କା ଦେଇଛନ୍ତି। ଏଥିରେ ସମୃଦ୍ଧ ଓଡ଼ିଶାର ଭିତ୍ତିଭୂମି ନିର୍ମାଣ ହେବ।

ପାରାଦ୍ୱୀପରୁ ପୁରୀ ପର୍ଯ୍ୟନ୍ତ ଅଞ୍ଚଳ ପୂର୍ବ ଭାରତର ମୁମ୍ବଇ ଭଳି ଇକୋନୋମିକ୍ ହବ୍ ହେବ ଏବଂ ଦକ୍ଷିଣ-ପୂର୍ବ ଏସୀୟ ରାଷ୍ଟ୍ରଗୁଡ଼ିକ ପାଇଁ ଏକ ପ୍ରବେଶ ଦ୍ୱାର ଭଳି କାର୍ଯ୍ୟ କରିବ। କେନ୍ଦ୍ର ସରକାରଙ୍କ ସହଯୋଗ ଏବଂ ଆପଣମାନଙ୍କ ଭାଗୀଦାରିରେ ଓଡ଼ିଶା ଏକ ସମୃଦ୍ଧ, ବିକଶିତ ରାଜ୍ୟ ରୂପେ ବିକଶିତ ଭାରତର ଗ୍ରୋଥ୍ ଇଞ୍ଜିନ ଭାବରେ ଦେଶର ଅର୍ଥନୀତିକୁ ସମୃଦ୍ଧ କରିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ।

# ନେପାଳରେ ଜେନ ଜେଡ୍ ଚେହେରା ବାଲେନ ଶାହଙ୍କ ଝଡ଼, ବଡ଼ ବିଜୟ ଦିଗରେ ଆରଏସ୍‌ପି

ନେପାଳ, ୭/୩ : ନେପାଳରେ ୧୬୫ଟି ଆସନ ପାଇଁ ସିଧାସଳଖ ଭୋଟିଂ ହୋଇଥାଏ। ବାକି ୧୧୦ ଆସନ ଅନୁପାତିକ ପ୍ରତିନିଧିତ୍ୱ ବ୍ୟବସ୍ଥା ଦ୍ୱାରା ହୋଇଥାଏ। ଅର୍ଥାତ ଯେଉଁ ଦଳକୁ ଯେତେ ପ୍ରତିଶତ ଭୋଟ ମିଳିବ, ସେହି ଅନୁସାରେ ୧୧୦ ଆସନରୁ ସେମାନଙ୍କୁ ସାଂସଦ ଚୟନ ପାଇଁ ଅନୁମତି ମିଳିବ। ଗୁରୁବାର ନେପାଳରେ ୧୬୫ଟି ଆସନ ପାଇଁ ସିଧାଳସଖ ଭୋଟ ହୋଇଥିବା ବେଳେ ଆଜି ଗଣତି ଚାଲିଛି।



ବର୍ତ୍ତମାନ ସୁଦ୍ଧା ହୋଇଥିବା ଗଣତି ଅନୁସାରେ ବାଲେନ ଶାହଙ୍କ ଆରଏସପି ୧୦୨ଟି ଆସନରେ ଲିଡ କରୁଛି। ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ସିପିଏନ (ୟୁଏମଏଲ) କେପି ଶର୍ମା ଓଲି ୧୧ଟି ଆସନରେ ଆଗରେ ରହିଛନ୍ତି। ସେହିପରି ଗଗନ ଥାପ୍ପାଙ୍କ ନେପାଳୀ କଂଗ୍ରେସ ମଧ୍ୟ ୧୧ଟି ଆସନରେ ଜିତିବାର ସମ୍ଭାବନା ସୃଷ୍ଟି କରିଛି। ଝାପା-୫ ଆସନରେ ସିଧାସଳଖ ବାଲେନ ଶାହ ଓ କେପି ଓଲି ଶର୍ମାଙ୍କ ମଧ୍ୟରେ ଟକ୍କର ହେଉଛି। କିନ୍ତୁ ଏଠାରେ ବାଲେନ ଶାହ ଲିଡ କରୁଛନ୍ତି। ବର୍ତ୍ତମାନ ସୁଦ୍ଧ ବାଲେନଙ୍କୁ ୭ ହଜାର ଭୋଟ ମିଳିଥିବା ବେଳେ ଓଲି ଶର୍ମା ୧୪ ଶହ ଭୋଟ ପାଇଛନ୍ତି। ସେହିପରି ଆଉ କିଛି ସ୍ଥାନରେ ଆରଏସ୍‌ପି ପ୍ରାର୍ଥୀମାନେ ବିଜୟୀ ହୋଇ ସାରିଲେଣି। ଯଦି ଏହି ଟ୍ରେଣ୍ଡ ଜାରି ରହିବ, ତା'ହେଲେ ରେକର୍ଡ ବିଜୟ ସହ ବାଲେନ ଶାହ ନେପାଳର ପ୍ରଧାନମନ୍ତ୍ରୀ ହୋଇ ପାରନ୍ତି। ପ୍ରଧାନମନ୍ତ୍ରୀ ହେବା ପାଇଁ ନେପାଳ ସଂସଦରେ ୧୩୮ ଜଣ ସାଂସଦଙ୍କ ସମର୍ଥନ ଆବଶ୍ୟକ। ଏଥିପାଇଁ ସିଧାସଳଖ ଭୋଟିଂ ହେଉଥିବା ଆସନଗୁଡ଼ିକ ଜିତିବା ସହ ନିଜର ଭୋଟ ଭାଗ ମଧ୍ୟ ବୃଦ୍ଧି କରିବାକୁ ପଡ଼ିବ। ଏବେ ବାଲେନ ଶାହଙ୍କ ଦଳ ଭୋଟିଂ ହୋଇଥିବା ୨/୩ ଆସନରେ ଲିଡ କରୁଛି। ହେଲେ ଦଳର ଭୋଟ ଶେୟାର କେତେ ରହିଛି, ସେକଥା ଜଣାପଡ଼ିନି। ବାଲେନ ଶାହ ଏକଦା କାଠମାଣ୍ଡୁ ମହାନଗର ପାଳିକାର ମେୟର ଭାବେ କାମ କରୁଥିଲେ। କିନ୍ତୁ ଖୁବଶୀଘ୍ର ସେ ନେପାଳର ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ମଧ୍ୟ ନେଇ ପାରନ୍ତି। ଯୁବଗୋଷ୍ଠୀଙ୍କୁ ନିର୍ବାଚନ ଜରିଆରେ ସେ ପରିବର୍ତ୍ତନର ଆହ୍ୱାନ ଦେଇଥିଲେ। ଏବେ ଏହା ସତ ହେବାର ଯଥେଷ୍ଟ ସମ୍ଭାବନା ରହିଛି।

# ଆଧୁନିକ ଓଡ଼ିଶାର ନିର୍ମାତା ବିଜୁ ବାବୁ : ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର, ୭/୩ (ଜେଏନଏସ) : ଓଡ଼ିଆ ସ୍ୱାଭିମାନର ପ୍ରତୀକ ବିଜୁ ପଟ୍ଟନାୟକ ରାଜନୀତିରୁ ଊର୍ଦ୍ଧ୍ୱରେ ରହି ଓଡ଼ିଶାର ବିକାଶ ପାଇଁ ବ୍ରତୀ ଥିଲେ । ବିଜୁ ବାବୁ ଯେଉଁ କ୍ଷେତ୍ରରେ ହାତ ରଖୁଥିଲେ, ତାହା ସୁନା ପାଲଟି ଯାଉଥିଲା। ଅତୀତର ନାୟକ ନୁହେଁ, ବରଂ ଆଧୁନିକ ଓଡ଼ିଶାର ନିର୍ମାତା ଭାବେ ବିଜୁ ବାବୁ ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଆଜି ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ଜୟଦେବ ଭବନଠାରେ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହା କହିଛନ୍ତି । ବିଜୁ ବାବୁଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରି ମୁଖ୍ୟମନ୍ତ୍ରୀ କହିଲେ ଯେ, ବିଜୁ ପଟ୍ଟନାୟକ କେବଳ ଜଣେ ବ୍ୟକ୍ତି ନୁହେଁ, ସେ ଥିଲେ ଏକ ଅନୁଷ୍ଠାନ ଓ ଏକ ବିଚାରଧାରା। ସାହସ, ଦୂର ଦୃଷ୍ଟି ଓ ଦେଶପ୍ରେମ ତାଙ୍କ ଜୀବନର ପ୍ରମୁଖ ପରିଚୟ ଥିଲା ବୋଲି ସେ କହିଥିଲେ। ସେ କହିଥିଲେ ଯେ, ଓଡ଼ିଶା ପାଇଁ ବିଜୁ ବାବୁଙ୍କର ଅନେକ ସ୍ୱପ୍ନ ଥିଲା । ଓଡ଼ିଶାକୁ ଶିଳ୍ପ ସମୃଦ୍ଧ କରିବା, ଗରିବ ଲୋକଙ୍କୁ ରୋଜଗାର ଦେବା ଓ ମୌଳିକ ସୁବିଧା ସୁଯୋଗ ଦେବା, ମହିଳାମାନଙ୍କୁ ସଶକ୍ତ କରିବା ଏବଂ ଗାଁ'ର ସମୃଦ୍ଧି ପାଇଁ ପଞ୍ଚାୟତିରାଜ ବ୍ୟବସ୍ଥାକୁ ସୁଦୃଢ଼ କରିବା । ଏ ସମସ୍ତ ସ୍ୱପ୍ନର ସାମୂହିକ ରୂପ ହେଉଛି ସମୃଦ୍ଧ ଓଡ଼ିଶା । ସମୃଦ୍ଧ ଓଡ଼ିଶା ଗଠନ ହେଲେ ହିଁ, ବିଜୁ ବାବୁଙ୍କ ସ୍ୱପ୍ନ ପୂରଣ ହୋଇପାରିବ ବୋଲି ମତ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆମ ସରକାର ସମୃଦ୍ଧ ଓଡ଼ିଶା ଗଠନ କରି ବିଜୁବାବଙ୍କୁ ସ୍ୱପ୍ନକୁ ନଶ୍ଚିୟ ପୂରଣ କରିବେ। ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ, ବିଜୁ ପଟ୍ଟନାୟକଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ବର୍ତ୍ତମାନ ଆମ ସରକାର ପଞ୍ଚାୟତିରାଜ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରୁଛନ୍ତି ଏବଂ ଗାଁ ଗାଁକୁ ପାନୀୟ ଜଳ, ସଡ଼କ, ବିଦ୍ୟୁତ ଓ ଶିକ୍ଷା ଭିତ୍ତିଭୂମି ସୁବିଧା ପ୍ରଦାନ ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ୨୦୨୬-୨୭ ଆଥର୍ିକ ବର୍ଷ ପାଇଁ ପଞ୍ଚାୟତିରାଜ ବିଭାଗ ପାଇଁ ୩୪,୧୬୬ କୋଟି ଟଙ୍କାର ରେକର୍ଡ ବଜେଟ ବ୍ୟବସ୍ଥା ହୋଇଥିବା କଥା ସେ ଉଲ୍ଲେଖ କରି ରାଜ୍ୟର ଆର୍ଥିକ ମାନଦଣ୍ଡ ବୃଦ୍ଧି ପାଉଥିବା କଥା କହିଥିଲେ । ସେ ଆହୁରି କହିଥିଲେ ଯେ, ଦିନେ ବିଜୁ ପଟ୍ଟନାୟକଙ୍କ ସ୍ୱପ୍ନ ଥିଲା ଓଡ଼ିଶାକୁ ଶିଳ୍ପ ସମୃଦ୍ଧ କରିବା ପାଇଁ। ଆଉ ଆଜି ରାଜ୍ୟ ସରକାର ସେହି ଶିଳ୍ପାୟନ ନିମନ୍ତେ ଭିତ୍ତିଭୂମିର ବିକାଶ କରୁଛନ୍ତି। ୨୦ ମାସର ସରକାର ଆଜି ୨୦ ଲକ୍ଷ କୋଟିରୁ ଅଧିକ ଟଙ୍କାର ପୁଞ୍ଜି ଆକର୍ଷଣ କରି ଓଡ଼ିଶାର ଯୁବବର୍ଗଙ୍କ ପାଇଁ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛନ୍ତି । ୨.୪୦ ଲକ୍ଷ କୋଟି ଟଙ୍କାର ୧୦୯ ଟି ଶିଳ୍ପର ଉଦଘାଟନ ଓ ଶିଳାନ୍ୟାସ ହୋଇଛି ଏବଂ ଏହାଦ୍ୱାରା ୧.୭୬ ଲକ୍ଷ ନିଯୁକ୍ତି ସୃଷ୍ଟି ହୋଇଛି । ପାରାଦୀପରୁ କଟକଭୁବନେଶ୍ୱର ଦେଇ ପୁରୀ ପର୍ଯ୍ୟନ୍ତ ଏକ ବୃହତ୍ ଅର୍ଥନୈତିକ କରିଡୋର ଗଢ଼ି ଉଠୁଛି ଯାହା ଓଡ଼ିଶାର ବନ୍ଦରଭିତ୍ତିକ ବିକାଶରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିବ ବୋଲି ସେ କହିଥିଲେ। ବିଜୁ ପଟ୍ଟନାୟକଙ୍କ ସ୍ୱପ୍ନକୁ ପୂରଣ କରିବା ପାଇଁ ଡବଲ ଇଞ୍ଜିନ ସରକାର ପ୍ରତିବଦ୍ଧ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଓଡ଼ିଶାକୁ ପୂର୍ବ ଭାରତର ଏକ ପ୍ରମୁଖ ଶିଳ୍ପ କେନ୍ଦ୍ର ଭାବେ ଗଢ଼ି ତୋଳିବା ପାଇଁ ଯୋଜନାବଦ୍ଧ ଭାବେ କାମ କରାଯାଉଛି। ଆଉ ଏହି ସଫଳତା ଖୁବ୍ କମ୍ ସମୟ ମଧ୍ୟରେ ସାରା ଦେଶ ଦେଖିବ ବୋଲି ସେ କହିଥିଲେ । ସେ ଆହୁରି କହିଥିଲେ ଯେ, ସ୍ୱାଧୀନତା ସଂଗ୍ରାମରେ ବିଜୁ ପଟ୍ଟନାୟକଙ୍କ ଅବଦାନ ଅସାଧାରଣ ଥିଲା। ରୟାଲ ଏୟାର ଫୋର୍ସର ପାଇଲଟ୍ ଭାବେ ସେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ସାହସିକ ଭୂମିକା ନିଭାଇଥିଲେ। ଅଗଷ୍ଟ କ୍ରାନ୍ତି ସମୟରେ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ସୁରକ୍ଷିତ ଭାବେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ପହଞ୍ଚାଇବାରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ। ସ୍ୱାଧୀନତା ପରେ ୧୯୪୭ ମସିହାରେ କାଶ୍ମୀର ସଙ୍କଟ ସମୟରେ ଶ୍ରୀନଗରରେ ସେନା ଅବତରଣ କରାଇ ଭାରତର ସୁରକ୍ଷାରେ ମଧ୍ୟ ସେ ଅମୂଲ୍ୟ ଅବଦାନ ରଖିଥିଲେ। ପରିଶେଷରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଆଦର୍ଶକୁ ଅନୁସରଣ କରି ଓଡ଼ିଶାର ସମୃଦ୍ଧି ଓ ଓଡ଼ିଆ ଜାତିର ଗୌରବକୁ ଆହୁରି ଉଚ୍ଚତାକୁ ନେବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂହ, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣ ଚନ୍ଦ୍ର ସେଠୀ, ଭୁବନେଶ୍ୱର ମହାନଗର ନିଗମ ମେୟର ସୁଲୋଚନା ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା। ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଭାଗୀୟ ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଜ୍ୟସଭା ପାଇଁ ନାମାଙ୍କନ ଭରିଲେ ସଂତୃପ୍ତ ଓ ଦଡେଶ୍ୱର

## ଦଡେଶ୍ୱର ବନାମ ଦିଲ୍ଲୀପଙ୍କ ମଧ୍ୟରେ ହେବ ଲଢ଼େଇ



ଭୁବନେଶ୍ୱର, ୭/୩ (ଜେଏନଏସ): ଗତ ଗୁରୁବାର ଦିନ ରାଜ୍ୟସଭା ପାଇଁ ନାମାଙ୍କନ ଦାଖଲ କରିଛନ୍ତି ସଂତୃପ୍ତ ମିଶ୍ର ଓ ଦଡେଶ୍ୱର ହୋତା। ବିଜେଡି ପ୍ରାର୍ଥୀ ଭାବେ ସଂତୃପ୍ତ ମିଶ୍ର ୩ ସେଟର ନାମାଙ୍କନ ଦାଖଲ କରିଥିବା ବେଳେ କମନ୍ କ୍ୟାଣ୍ଡେଟ୍ ପ୍ରାର୍ଥୀ ଭାବେ ଦଡେଶ୍ୱର ହୋତା ନାମାଙ୍କନ ଦାଖଲ କରିଥିଲେ। ଏହି ସମୟରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ସହ ପିସିସି ସଭାପତି ଭକ୍ତ ଦାସ ମଧ୍ୟ ଉପସ୍ଥିତ ଥିଲେ। ଉଲ୍ଲେଖ ଥାଉ କି ଚତୁର୍ଥ ଆସନରେ ଦଡେଶ୍ୱର ହୋତା ବନାମ ଦିଲ୍ଲୀପ ରାୟଙ୍କ ମଧ୍ୟରେ ଲଢେଇ ହେବ। ବିଜେଡି ଓ କଂଗ୍ରେସର କମନ୍ କ୍ୟାଣ୍ଡେଟ୍ ପ୍ରାର୍ଥୀ ହୋଇଛନ୍ତି ଦଡେଶ୍ୱର। ଅନ୍ୟପଟେ ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ହୋଇଛନ୍ତି ଦିଲ୍ଲୀପ ରାୟ। ଉଲ୍ଲେଖ ଥାଉ କି ରାଜ୍ୟସଭା ନିର୍ବାଚନ ପାଇଁ ବିଜେପି ପ୍ରାର୍ଥୀ ଭାବେ ମନମୋହନ ସାମଲ ଓ ସୁଜିତ କୁମାରଙ୍କୁ ପ୍ରାର୍ଥୀ କରିଛି।

ସେହିପରି ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ ବିଜେଡି ସଭାପତି ନବୀନ ପଟ୍ଟନାୟକ ସଂତୃପ୍ତ ମିଶ୍ର ଦଳୀୟ ପ୍ରାର୍ଥୀ ଓ ଡାକ୍ତର ଦଡେଶ୍ୱର ହୋତା କମନ୍ କ୍ୟାଣ୍ଡିଡେଟ୍ ହେବେ ବୋଲି ଘୋଷଣା କରିଥିଲେ। ଓଡ଼ିଶାରେ ହେବାକୁ ଥିବା ରାଜ୍ୟସଭା ନିର୍ବାଚନ ପରିଚାଳନା ପାଇଁ ଭାରତର ନିର୍ବାଚନ କମିସନ ଓଡ଼ିଶା ବିଧାନସଭାର ସଚିବ ସତ୍ୟବ୍ରତ ରାଉତଙ୍କୁ ରିଟର୍ଣ୍ଣିଂ ଅଧିକାରୀ ଏବଂ ଯୁଗ୍ମ ସଚିବ ବିଦ୍ୟାଧର ମାଝୀଙ୍କୁ ସହାୟକ ରିଟର୍ଣ୍ଣିଂ ଅଧିକାରୀ ଭାବେ ନିୟୋଜିତ କରିଛନ୍ତି।

Published by Sarada Prasanna Swain, at Aitalanga, Athantar, Near Narayani Temple, Bbsr, Khordha, Odisha-752102 and Owned by Sri Bijay Kumar Patnaik at Plot No-492, K1, Kalinga Nagar, Ghatikia, Bhubaneswar,Khordha,Odisha 751003, and Printed by Lalat Kishore Bhanj ,Mayur Printers, Plot No-D1/1, section-A, Zone-D,Mancheswar Industrial Estate, Khordha, Odhisha, 752102, Mobile Number-0674-3573358, Email-janabartadigital@gmail.com
ସମ୍ପାଦକ: ଶୁଭେନ୍ଦୁ ରାୟ ମହାପାତ୍ର
Editor: Suvendu Ray Mohapatra